ମାର୍ଚ୍ଚ - ୨୦୨୨

# ଶିକ୍ଷାସୃଜନୀ



ବିଦ୍ୟା ଭାରତୀ

ଶିକ୍ଷା ବିକାଶ ସମିତି, ଓଡ଼ିଶା










ସ୍କାଉଟ୍ ଓ ଗାଇଡର ପ୍ରତୀକ୍ଷା ଶିବିର ଉଦ୍‌ଘାଟନ ଉତ୍ସବରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ମନ୍ତ୍ରୀ ଶ୍ରୀମାନ ରମାକାନ୍ତ ମହାନ୍ତ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ମହିମାମଣ୍ଡିତ କରିଛନ୍ତି ।










ବିଦ୍ୟା ଭାରତୀ ସାଧାରଣ ସଭା (୨୫ରୁ ୨୭ ମାର୍ଚ୍ଚ ୨୦୨୨)
ରାଞ୍ଚି, ଝାଡ଼ଖଣ୍ଡ

# ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର**

## ମାର୍ଚ୍ଚ


**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. କିଶୋରଚନ୍ଦ୍ର ମହାନ୍ତି**
  ସଭାପତି, ଶି.ବି.ସ., ଓଡ଼ିଶା
- **ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା



**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ସପତସ୍ୱର ଗଳାରେ ତୋଳି
କୋକିଳ କଣ୍ଠେ ଗାଏ
ଦେଶ ଯଶର କୀରତି ପଥେ
ସେଇରେ ପୂଜା ପାଏ


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**
- **ସଦସ୍ୟ : ଶ୍ରୀ ଧରଣୀଧର ଦାସ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଭାସ୍କରଚନ୍ଦ୍ର ମହାକୁଡ଼, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା, ଜୟପାଟଣା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ କୈଳାସ ଚନ୍ଦ୍ର ଧଳ, ତୁମୁଡ଼ିବନ୍ଧ
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଢ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**


**ଯୋଗାଯୋଗ ଠିକଣା :**


ଶିକ୍ଷାସୃଜନୀ
**ଶିକ୍ଷା ବିକାଶ ସମିତି, ଓଡ଼ିଶା**
ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ମାତୃଭାଷାର ବିକଳ୍ପ ନାହିଁ ୦୫
- ଭାଇର ମମତା ୦୭
- ଟୋକେଇଏ ମାଟି ୦୯
- ଆଉ ଜଣେ ଶ୍ରବଣ କୁମାର ୧୦
- ଖୁସି ୧୧
- ସହିଦ ଲକ୍ଷ୍ମଣ ନାୟକ ୧୩
- ସହିଦ ବାଳକ ବାଜି ରାଉତ ୧୫
- ବାଲିପୁଟର ଗାନ୍ଧୀ- ସଂଗ୍ରାମୀ ଗୋବିନ୍ଦ ତ୍ରିପାଠୀ ୧୭
- ତେଲିଆ ମୁଣ୍ଡରେ ତେଲ-୨ ୧୮


## କବିତା ପସରା


- ଅମୃତଧାରା ୧୯
- ଏକଥା ଭୁଲିବ ନାହିଁ ୧୯
- ମାତୃଭାଷା ୨୦
- ହେ ହଂସବାହିନୀ ୨୦
- ଅମୃତ ମହୋତ୍ସବ ୨୧
- ପରଜାପତିଟି ହସିଲାଣି ୨୧
- ଆମେ ବିଜ୍ଞାନୀ ଆମେ ସନ୍ଧାନୀ ୨୨
- ତ୍ରିବେଣୀ ଅମାବାସ୍ୟା ୨୨
- ଓଁ ପରମାତ୍ମନେ ନମଃ ୨୩
- ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ୨୬
- ଏହି ଶରୀର ହିଁ ଦେବାଳୟ ୨୭
- ଶରୀର ଉପରେ ସୂର୍ଯ୍ୟନମସ୍କାରର ପ୍ରଭାବ ୨୮
- ଆୟୁର୍ବେଦ ଚିକିତ୍ସାରେ ଲବଙ୍ଗ ୩୦
- ଦୁର୍ଦ୍ଧର୍ଷ ବାୟୁଯାନ: ଏମ୍.ଆଇ.ହେଲିକପ୍ଟର ୩୨
- ଗଣିତ ବିଭବ ୩୪
- ଯୋଗ ବିଜ୍ଞାନ ୩୫
- ଆମେ ଭେଟିଥିଲୁ .... ୩୬
- ମହାନ୍ ନାରୀ ରାଣୀ ଚନ୍ନମ୍ମା ୩୭
- ତ୍ରିବେଣୀ ଅମାବାସ୍ୟା ୩୮
- ଆମ ପ୍ରଶ୍ନ ତୁମ ଉତ୍ତର ୩୯
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୪୦


## ସମରପଣ ସେବାରେ ମନ


ଶ୍ରୀ ମହେନ୍ଦ୍ର କୁମାର ଘଡ଼େଇ

ତ୍ରିବେଣୀ ଅମାବାସଟି ପରେ
ଶିରିପଞ୍ଚମୀ ଆଣି
ଚାହାଳି ସଜବାଜ କରିବା
ପୂଜିବା ବୀଣାପାଣି ।
ମାଘପୂର୍ଣ୍ଣିମା ଅଗିଜଳାଇ
ଯୋରନ୍ଦା ମେଳା କରି
ଉଜାଗରରେ ଡାକିବା ଶିବ
ଶଙ୍କର ନାମ ଧରି ।
କୋଟି ମନକୁ ଗୋଟିଏ କରି
ଦୋଳ ମେଳଣ ପାଳି
ରଙ୍ଗ ଅବିର ଖେଳରେ ଦେବା
ବିଭେଦ ଯେତେ ଟାଳି ।
ବାରୁଣୀ ବୁଡ ଦେଇ ପୂଜିବା
ଭାରତମାତା ଆମେ
ଶପଥ ନେଇ ମାତୃଭାଷାରେ
ଚଳିବା ଏଇ ଧାମେ ।
ସୂରୁଯ ନମସ୍କାର ବଳରେ
ନୀରୋଗ ଦେହ ମନ
ଅମର ବଳିଦାନୀ ପୂଜାରେ
ଦେଇ ପରାଣ ଧନ ।
ସମରପଣ ସେବାରେ ମନ
ସ୍ୱଦେଶୀ ବ୍ରତ ଧରି
ଦେଶର ମଙ୍ଗ ଧରି ହାତରେ
କରିବା ଜାତି ପାରି ।

ସମ୍ପାଦକ ଶିକ୍ଷାସୃଜନୀ

### ରୋକ୍‌ଠୋକ୍

ସକଳ ସୁଖକୁ ଆପଣା ହାତରେ
ଧରିବାକୁ କରୁ ମନ
ସୁସ୍ଥ ଓ ନୀରୋଗ ରହିବା ପାଇଁକି
ଉଡ଼ାଉ ଅମାପ ଧନ
ଯୋଗ ପ୍ରାଣାୟାମ ଶୂନ
ସୂର୍ଯ୍ୟ ନମସ୍କାର ସପନ ସଉଧେ
ଆଣିଦେବ ଭଲ ଦିନ !



ଭଜଇ ଜାଣି ବିଷ୍ଣୁମାୟା । ସେ ହରି କରେ ତାରେ ଦୟା ।।




# ମାଟିକୁ ଚିହ୍ନିବାର ବେଳ



'ପ୍ରକୃତିରେ ଶୋଭା ଯାର ଜଗତେ ଅତୁଳ
ସ୍ୱର୍ଗ ସୁଖୁଁ ବଳି ସୁଖ ଦିଏ ଯାହା କୋଳ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।'

-କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକ

ସତରେ, କେତେ ଶାନ୍ତ, କୋମଳ, ପୁଣ୍ୟ, ପବିତ୍ର ଏ ମାଟି ! ଯୋଉ ମାଟିକୁ ଛୁଇଁ ଦେଲେ ଦେହ ମନରେ ପୁଲକ ଖେଳିଯାଏ, ସେହି ମାଟିକୁ ସୁରକ୍ଷା ଦେବା ପାଇଁ ହିମାଳୟ ଆପଟ କରି ଠିଆ ହୋଇ ଜଗିଛି । ଗଙ୍ଗା ତା'ର ପାଦ ଧୋଇ ଦେଉଛି । ଶସ୍ୟ, ଶ୍ୟାମଳା ଧରଣୀ ନୁହେଁ ତ ଯେମିତି ଜନ୍ମଦାତ୍ରୀ ମାଆ । ମାଗିବା ପୂର୍ବରୁ ମନ ଜାଣି ମୋତେ ଖାଇବା, ପିଇବା, ରହିବା ପାଇଁ ଅକୁଣ୍ଠ ଚିତ୍ତରେ ସବୁ ଭେଟି ଦେଉଛି । ତାକୁ କିଏ ଭୁଲିଛି ନାଁ ମୁଁ ଭୁଲି ପାରିବି ? ରତ୍ନଗର୍ଭା ବୋଲି ତ ବଣିଜ ନାଁରେ ବିଭିନ୍ନ ସମୟରେ ବିଭିନ୍ନ ଜାତି ଏ ଭୂଖଣ୍ଡରେ ପାଦ ଥାପି ପରେ ଆମକୁ କାଙ୍ଗାଳ କରି ସବୁ ଲୁଟି ନେଇଛନ୍ତି । ଶେଷକୁ ଭାଗ୍ୟବିଧାତା ହୋଇ ଆମ ନାଆର ମଙ୍ଗକୁ ସେମାନେ ଧରିଛନ୍ତି । ଏହାର ମୂଳ ଓ ମୁଖ୍ୟ କାରଣ ହେଉଛି ଆମ ଏକତାର ଅଭାବ । ଏହି ଏକତାର ଅଭାବ ହିଁ ଆମକୁ ପାଖାପାଖି ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ କାଳ ଗୋଲାମ କରି ରଖି ଆମ ସ୍ୱାଧୀନତାକୁ ହରଣ କଲେ । ଏହାକୁ ମର୍ମେ ମର୍ମେ ଅନୁଭବ କରିଥିବା ଆମ ବୀରସୂରୀମାନେ ହିଁ ସ୍ୱାଧୀନତାର ନୂତନ ସୂର୍ଯ୍ୟ ସନ୍ଧାନରେ ନିଜକୁ ଝାସ ଦେଲେ । ଫଳସ୍ୱରୂପ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଏକ ନୂତନ ସୂର୍ଯ୍ୟର ହେଲା ଅଭ୍ୟୁଦୟ । ସେମାନଙ୍କ ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ । ଅଜ୍ଞାତରେ ଥିବା ଆମର ବଳିଦାନୀଙ୍କୁ ସ୍ମରଣ କରିବାର ତ ବେଳ ଆସିଛି । ଯେମିତି କବି କାଳୀଚରଣ ପଟ୍ଟନାୟକଙ୍କ ଉକ୍ତି ଥିଲା;

'ବିନ୍ଦୁଏ ରକତ ଥିବାଯାଏ ଦେହେ
ଏଇ ଶପଥ ମୁଁ ନେଲି,
ମୋ ଜନମମାଟି ଧୂଳିରୁ ମୁଠିଏ
ଆନେ ମୁଁ ନ ଦେବି ବୋଲି ।'

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି ଆଜି ଦେଶ । ଏହି ଜୟଯାତ୍ରାରେ ଆମେ ସମସ୍ତେ ହେବା ସହଭାଗୀ ।

୨୦୪୭ ମସିହା ବେଳକୁ ମୋ' ସ୍ୱପ୍ନର ଭାରତ ବର୍ଷର ରୂପ, ରଙ୍ଗ କିଭଳି ହେବ ? କଳା, ସାହିତ୍ୟ, ଅର୍ଥନୀତି, ବିଜ୍ଞାନ ଓ ବାଣିଜ୍ୟରେ ସାମାଜିକ ପୃଷ୍ଠଭୂମିର ବୈପ୍ଳବିକ ପରିବର୍ତ୍ତନର ଝଲକ ଆଙ୍କି ଚିଠିଟିଏ ଆମ କୁନାକୁନି, ମୀନାମାନିମାନେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇଛନ୍ତି ।

ସୁସ୍ଥ ଓ ନୀରୋଗ ରହିବା ପାଇଁ ଯୋଗ ବ୍ୟାୟାମ ଯେ ଆମ ଶରୀର ପାଇଁ ଅପରିହାର୍ଯ୍ୟ ଏହା କିଏ ଅସ୍ୱୀକାର କରିବ ! ଭାରତକୁ ଗୁରୁ ମଣି ଏହି ଯୋଗକୁ ଆଜି ପୃଥିବୀର ବହୁ ଦେଶ ଆପଣାଇ ନେଇଛନ୍ତି । ଏବେ ତ ବାର ଆସନ ବିଶିଷ୍ଟ ୭୫ କୋଟି ସୂର୍ଯ୍ୟ ନମସ୍କାର ପାଇଁ ଘରେ ଘରେ ଏକ ବାତାବରଣ ସୃଷ୍ଟି ହୋଇଛି ।

ମାଟିକୁ ଚିହ୍ନିବା, ଭଲ ପାଇବା, ଓ ତା'ର ଜୟଗାନ ପାଇଁ ମୁକ୍ତ କଣ୍ଠରେ ଗ୍ରାମେ ଗ୍ରାମେ ଆଜି ଭାରତ ମାତାର ପୂଜାର୍ଚ୍ଚନାରେ

ଲାଗିପଡ଼ିବା ଦେଶ ପାଇଁ ଏକ ଶୁଭ ଲକ୍ଷଣ । ନିଜର ରକ୍ତ ବୁନ୍ଦା ଥିବା ପର୍ଯ୍ୟନ୍ତ ସେବା ସମର୍ପଣକୁ ଆୟୁଧ କରିବା ତ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପରମ ସୌଭାଗ୍ୟ । ନେବା ଠାରୁ ହୀନ ନାହିଁ, ଦେବା ଠାରୁ ପୁଣ୍ୟ କାହିଁ ?' ଦାନ ହାତ କରେ ନାହିଁ, ବରଂ ତାହା ମନର ଏକ ପରିଭାଷା । ଏହା ସମସ୍ତଙ୍କର ଭିତରେ ସ୍ୱତଃପ୍ରବୃତ୍ତ ଆସେ ନାହିଁ । ଯିଏ ଦାନ ଧର୍ମରେ ଶ୍ରଦ୍ଧା ରଖେ ସେ ହୁଏ ଅମର । ସେମିତି ପଥର ପଥିକ ହେବା ପାଇଁ ଆଜିର ଆହ୍ୱାନ ।

ପୁରାଣ ଶାସ୍ତ୍ର ହେଉ ବା ମନ୍ତ୍ରୋଚ୍ଚାରଣ ସବୁଠି କେବଳ ଭାରତର ଆଦର୍ଶ ନାରୀମାନଙ୍କ ସଶ୍ରଦ୍ଧ ନାମ ଉଚ୍ଚାରଣ କରାଯାଇଛି । ଗଣିତରେ ରାମନୁଜନ୍, ପିଥାଗୋରସ୍, ଚିକିତ୍ସାରେ ଚରକ, ସୁଶ୍ରୁତ, ସାହିତ୍ୟରେ ବାଣଭଟ୍ଟ, କାଳିଦାସ, ତୁଳସୀ ଦାସ, ଅର୍ଥନୀତିରେ ଚାଣକ୍ୟ, ଜ୍ୟୋତିର୍ବିଦ୍ୟାରେ ପଠାଣି ସାମନ୍ତଙ୍କ ପରି ଅଗ୍ରନାମ ଆଉ କେଉଁଠି ଅଛି ? ସତ୍ ଚିନ୍ତନ, ସତ୍ ବିଶ୍ୱାସ ଓ ସତ୍‌ସାଧନାରେ ହିଁ ଆମ ପୂର୍ବ ପୁରୁଷଗଣ ଶ୍ରେଷ୍ଠ ଆସନରେ ବସି ପାରିଥିଲେ ଅନ୍ୟମାନଙ୍କର ଦିଗବାରେଣୀ ସାଜି ବିଶ୍ୱଗୁରୁର ଆଖ୍ୟା ପାଇଥିଲେ । ଅବକ୍ଷୟ ଓ ଅପସଂସ୍କୃତି ଏହି ପଥରେ ବାଧକ ସାଜି ଠିଆ ହୁଏ । ବିରାମ ନୁହେଁ ଅବିରାମ ଗତି ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ । ଅଳସ ଛାଡ଼ି ସୁକର୍ମରେ ସମସ୍ତଙ୍କୁ ସାଥିରେ ନେଇ ଚଳିଲେ ସଫଳତାର ମୁକୁଟ ପୁଣି ଆମ ମଥା ଉପରେ ଝଟକିବ; ଏହା ନିଃସନ୍ଦେହ ।

'ଆସି ଅଛି କାହୁଁ ପୁଣି ଯିବି କାହିଁ ସରି,
ନିଜେ ଜାଣେ ନାହିଁ ଆନ ଜାଣିବ କିପରି ? ସେମାନଙ୍କ
ଜନମିବା ଦିନୁ ନାହିଁ ତିଳେକ ବିରାମ;
କାଳ-ସାଗରକୁ ଧାଉଁଅଛି ଅବିରାମ ।'

-ବ୍ୟାସ କବି ଫକୀରମୋହନ ସେନାପତି-

## ୨୦୨୨ର ଅମାବାସ୍ୟା,ସଂକ୍ରାନ୍ତି,ପୂର୍ଣ୍ଣିମା ଓ ଏକାଦଶୀ

www.ritikart.com

| ମାସ | ଅମାବାସ୍ୟା | ସଂକ୍ରାନ୍ତି | ପୂର୍ଣ୍ଣିମା | ଏକାଦଶୀ |
|---|---|---|---|---|
| ଜାନୁଆରୀ | ତା୦୨ରବିବାର ବକୁଳ ଅମାବାସ୍ୟା | ତା୧୪ ଶୁକ୍ରବାର ମକର ସଂକ୍ରାନ୍ତି | ତା୧୭ ସୋମବାର ଦେବାଭିଷେକ ପୂର୍ଣ୍ଣିମା | ତା୧୩ ଗୁରୁବାର ତା୨୮ ଶୁକ୍ରବାର |
| ଫେବୃଆରୀ | ତା୦୧ ମଙ୍ଗଳବାର ତ୍ରିବେଣୀ ଅମାବାସ୍ୟା | ତା ୧୩ ରବିବାର କୁମ୍ଭ ସଂକ୍ରାନ୍ତି | ତା୧୬ ବୁଧବାର ମାଘ ପୂର୍ଣ୍ଣିମା | ତା୧୨ ଶନିବାର ତା୨୭ ରବିବାର |
| ମାର୍ଚ୍ଚ | ତା୦୨ବୁଧବାର ଫାଲଗୁନ ଅମାବାସ୍ୟା | ତା୧୫ ମଙ୍ଗଳବାର ମୀନ ସଂକ୍ରାନ୍ତି | ତା୧୮ ଶୁକ୍ରବାର ଦୋଳ ପୂର୍ଣ୍ଣିମା | ତା୧୪ ସୋମବାର ତା ୨୮ସୋମବାର |
| ଅପ୍ରେଲ | ତା୩୦ ଶନିବାର ରକ୍ମିଣୀ ଅମାବାସ୍ୟା | ତା୧୪ ଗୁରୁବାର ପଣା ସଂକ୍ରାନ୍ତି | ତା୧୬ଶନିବାର ଚୈତ୍ର ପୂର୍ଣ୍ଣିମା | ତା୧୨ ମଙ୍ଗଳବାର ତା୨୬ ମଙ୍ଗଳବାର |
| ମଇ | ତା୩୦ସୋମବାର ସାବିତ୍ରୀ ଅମାବାସ୍ୟା | ତା୧୫ ରବିବାର ବୃଷ ସଂକ୍ରାନ୍ତି | ତା୧୬ ସୋମବାର ଚନ୍ଦନ ପୂର୍ଣ୍ଣିମା | ତା୧୨ ଗୁରୁବାର ତା୨୬ ଗୁରୁବାର |
| ଜୁନ୍ | ତା୨୯ ବୁଧବାର ଉଭା ଅମାବାସ୍ୟା | ତା୧୫ ବୁଧବାର ମିଥୁନ ସଂକ୍ରାନ୍ତି | ତା୧୪ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା | ତା୧୧ ଶନିବାର ତା୨୪ ଶୁକ୍ରବାର |
| ଜୁଲାଇ | ତା୨୮ ଗୁରୁବାର ଚିତାଲାଗି ଅମାବାସ୍ୟା | ତା୧୭ ରବିବାର କର୍କଟ ସଂକ୍ରାନ୍ତି | ତା୧୩ ବୁଧବାର ବ୍ୟାସ ପୂର୍ଣ୍ଣିମା | ତା୧୦ ରବିବାର ତା୨୪ ରବିବାର |
| ଅଗଷ୍ଟ | ତା୨୭ଶନିବାର ସପ୍ତପୁରୀ ଅମାବାସ୍ୟା | ତା୧୭ ବୁଧବାର ସିଂହ ସଂକ୍ରାନ୍ତି | ତା୧୨ ଶୁକ୍ରବାର ଗହ୍ମା ପୂର୍ଣ୍ଣିମା | ତା୦୮ ସୋମବାର ତା୨୩ ମଙ୍ଗଳବାର |
| ସେପ୍ଟେମ୍ବର | ତା୨୫ ରବିବାର ମହାଳୟା ଅମାବାସ୍ୟା | ତା୧୭ ଶନିବାର କନ୍ୟା ସଂକ୍ରାନ୍ତି | ତା୧୦ ଶନିବାର ଇନ୍ଦ୍ର ପୂର୍ଣ୍ଣିମା | ତା୦୬ ମଙ୍ଗଳବାର ତା୨୧ ବୁଧବାର |
| ଅକ୍ଟୋବର | ତା୨୫ ମଙ୍ଗଳବାର ପୟାଶ୍ରାଦ୍ଧ ଅମାବାସ୍ୟା | ତା୧୭ ସୋମବାର ଗର୍ଭଣାସଂକ୍ରାନ୍ତି | ତା୦୯ ରବିବାର କୁମାର ପୂର୍ଣ୍ଣିମା | ତା୦୬ ଗୁରୁବାର ତା ୨୧ଶୁକ୍ରବାର |
| ନଭେମ୍ବର | ତା୨୩ ବୁଧବାର ମହୋଦଧୀ ଅମାବାସ୍ୟା | ତା୧୬ ବୁଧବାର ବିଛା ସଂକ୍ରାନ୍ତି | ତା୦୮ ମଙ୍ଗଳବାର ରାସ ପୂର୍ଣ୍ଣିମା | ତା୦୪ଶୁକ୍ରବାର ତା୨୦ ରବିବାର |
| ଡିସେମ୍ବର | ତା୨୩ ଶୁକ୍ରବାର ବକୁଳ ଅମାବାସ୍ୟା | ତା୧୬ଶୁକ୍ରବାର ଧନୁ ସଂକ୍ରାନ୍ତି | ତା୦୮ଗୁରୁବାର ମାର୍ଗଶିର ପୂର୍ଣ୍ଣିମା | ତା୦୩ ଶନିବାର ତା୧୯ ସୋମବାର |

www.ritikart.com

**ନାରୀକେଳ ସମାକାରା ଦୃଶ୍ୟନ୍ତେଽପି ଚ ସଜ୍ଜନାଃ ।**
**ଅନ୍ୟେ ବଦରିକାକାରା ବହିରେବ ମନୋହରାଃ ।।**

ସଜ୍ଜନମାନେ ବାହାରକୁ ନଡ଼ିଆ ପରି (ଟାଣ) ଦେଖାଯାନ୍ତି, ଭିତର କୋମଳ (ସୁସ୍ୱାଦୁ) । ଅନ୍ୟମାନେ ବାହାରକୁ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ସେମାନଙ୍କ ଭିତରେ ବରକୋଳି ପରି ଖଟା ଓ କଠିନତା ଭରି ରହିଥାଏ ।

ହୃଦେ ଗୋବିନ୍ଦ ପାଦ ଧ୍ୟାୟି । ନୟନ ବୁଜି ଯେବେ ଧାଇଁ ।।

ଚିନ୍ତା ଚେତନା

# ମାତୃଭାଷାର ବିକଳ୍ପ ନାହିଁ

ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ

ପୃଥିବୀରେ ଯେତେ ଜୀବ ଅଛନ୍ତି ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜୀବ ହେଉଛି ମଣିଷ । ଈଶ୍ୱର କେବଳ ଏହି ମଣିଷକୁ ହିଁ କେବଳ ନିଜ ଭାବ ବ୍ୟକ୍ତ କରିବା ପାଇଁ ତା' ତୁଣ୍ଡରେ ଭାଷା ଦେଇଛନ୍ତି । ଯାହା ବଳରେ ସେ ସହଜରେ ଅନ୍ୟ ପାଖରେ ପହଞ୍ଚି ପାରୁଛି । ସେହି ଭାଷାକୁ ବ୍ୟବହାର କରି ତା'ର ଜୀବନ ନିର୍ବାହ କରୁଛି । ସଂସାର ନାବକୁ ପାରିକରୁଛି । ଗବେଷଣା କରୁଛି । ନୂତନ ସନ୍ଧାନରେ ଲାଗିପଡ଼ିଛି । କହିବାକୁ ଗଲେ ଏହି ଭାଷା ବିଭବଟି ତା' ପାଇଁ ବରଦାନ ପାଲଟିଛି । ମଣିଷର ଆଗ୍ରହ ଓ ତା'ର ଶିକ୍ଷା ତାକୁ ଏଭଳି ଏକ ବଡ଼ ସଫଳତା ଆଣିଦେଇଛି ।

'ଅଭ୍ୟାସ ବଳେ ଶିଶୁ ଯଥା
ଶିଖଇ କ୍ରମେ କହି କଥା
ଥରକୁ ଥର ପଡ଼ି ତଳେ
ଚାଲଇ ଅଭ୍ୟାସର ବଳେ ।'

ସଂକେତ, ଧ୍ୱନି, ବର୍ଣ୍ଣ, ଲିପି, ଶବ୍ଦ, ବାକ୍ୟ ବିଭବରେ ଭାଷାର ସୃଷ୍ଟି । ଅଧିକ ରୁଚିଶୀଳ ଓ ସୌନ୍ଦର୍ଯ୍ୟବୋଧରେ ଏହା ମଣିଷକୁ ବାନ୍ଧି ରଖିଛି । ବିଭିନ୍ନ ଜାତି ଓ ଜାତୀୟତା ଭିତରେ ଭାଷା ସଂକୀର୍ଣ୍ଣତାର ଶିକୁଳିରେ ଆବଦ୍ଧ ହୋଇ ରହି ନାହିଁ । ବରଂ ଆଗ୍ରହ ଓ ଆବଶ୍ୟକତା ଅନୁଯାୟୀ ଏହି ଭାଷା ହୋଇଛି ବ୍ୟାପକ ଓ ସୁଦୂର ପ୍ରସାରୀ । ଆବିଷ୍କାର ଓ ଉଦ୍ଭାବନ ପ୍ରକ୍ରିୟାରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ହୋଇଛି ବିସ୍ତାରିତ ।

ବିଶ୍ୱରେ ଦେଶ ସଂଖ୍ୟା ଯେତିକି ବୃଦ୍ଧି ପାଇଛି, ସେହି ତୁଳନାରେ ଭାଷା ସଂଖ୍ୟା ବି ବୃଦ୍ଧି ପାଇଛି । ଭାଷା, ଉପଭାଷା, ଆଞ୍ଚଳିକ ଭାଷା, ସମ୍ପ୍ରଦାୟ ଭାଷା, ଲିଖିତ ଭାଷା, କଥିତ ଭାଷା ବୋଲି ଏହିପରି ଆମେ ସିନା ତାକୁ ଭାଗ ଭାଗ କରି ପାରିଛେ, କିନ୍ତୁ ହୃଦୟ ଅତି ତଲ୍ଲୀନ ଭାବେ ଜାବୁଡ଼ି ଧରିଥିବା ଭାଷାକୁ କ'ଣ କେବେ କାଢ଼ି ଫିଙ୍ଗି ପାରିଛେ ? ଆମ ହୃଦୟ ଭିତରେ ଦୀର୍ଘସ୍ଥାୟୀ ହୋଇଥିବା ଭାଷା ହିଁ ତ ମାତୃଭାଷା । ଯାହାକୁ ଆୟତ୍ତ କରିବାରେ ବିଶେଷ ଅସୁବିଧା ହୁଏ ନାହିଁ ।

'ପଢ଼ିଲି ନାନା ଦେଶ ଭାଷା
କାହିଁରେ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ
ମୋ' ଭାତୃଭାଷା ମୋତେ ଶ୍ରେଷ୍ଠ ।'- ବ୍ୟାସକବି ଫକୀରମୋହନ

ତେବେ ଏ ଓଡ଼ିଶା ମାଟିରେ ବସବାସ କରୁଥିବା ଅଧିବାସୀମାନଙ୍କର ମୂଳ ଓ ମୁଖ୍ୟଭାଷା ହେଉଛି ଓଡ଼ିଆ । ଅବଶ୍ୟ ଏଠାରେ ଅଞ୍ଚଳ ପ୍ରଭେଦରେ ଭାଷାରେ ବି ତାରତମ୍ୟ ରହିଛି । ତେବେ ଗୋଟିଏ ରାଜ୍ୟ ଗୋଟିଏ ଭାଷା ଓଡ଼ିଆକୁ ହିଁ ସରକାରୀ ମାନ୍ୟତା ମିଳିଛି । ଏହାର ମୂଳ ଉତ୍ପତ୍ତିସ୍ଥଳ କେଉଁଠି ? ଓଡ଼ିଆ ଭାଷାର ମୂଳ ଉତ୍ସ ହେଉଛି ଗୁମ୍ଫା ଲେଖ । କୋଡ଼ିଏ ହଜାର ବର୍ଷ ତଳେ କଳାହାଣ୍ଡିର ଗୁଡ଼ହାଣ୍ଡିରୁ ମିଳିଥିବା ଚିତ୍ର, ନୂଆପଡ଼ାର ଯୋଗୀ ମଠରୁ ଦଶ ହଜାର ବର୍ଷ ତଳରୁ ମିଳିଥିବା ଚିତ୍ରଲିପି ଓ ଝାରସୁଗୁଡ଼ା ଜିଲ୍ଲାର ବିକ୍ରମଖୋଲରୁ ମିଳିଥିବା ୩୫୦୦ ବର୍ଷ ତଳର ଗୁମ୍ଫାଲିପି ହେଉଛି ଓଡ଼ିଆ ଭାଷାର ମୂଳ ଆଧାର । ଯୋଗୀ ମଠର ଚିତ୍ରଲିପିରେ ନାରଙ୍ଗୀ ରଙ୍ଗରେ ଲିଖିତ 'ଠ' ଲିପି ଆଜି ପର୍ଯ୍ୟନ୍ତ ଓଡ଼ିଆ ସମେତ ସମସ୍ତ ଭାରତୀୟ ଲିପିମାଳାରେ ଅବିକଳ ଭାବେ ବ୍ୟବହୃତ ହୋଇ ଆସୁଛି । ଓଡ଼ିଆ ଏକ ଭାରତୀୟ ଭାଷା । ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧା ସୃଷ୍ଟି ହୋଇଥିବା ଭାଷାବିଜ୍ଞାନୀମାନେ ମତ ଦିଅନ୍ତି । ଏହି ଭାଷା ଭାରତରେ ୨୫,୦୦୦ ବର୍ଷରୁ ଅଧିକ ବର୍ଷ ଆଗରୁ କୁହାଯାଉଥିଲା ଓ ବୌଦ୍ଧଧର୍ମର ତ୍ରିପିଟକ ଓ ଜୈନଧର୍ମର ଗ୍ରନ୍ଥର ମୂଳଭାଷା ଥିଲା ।

ଇଂଲଣ୍ଡର କୁଇନ ଟେସେନସିଆଲ୍‌ଙ୍କ ଭାଷା ବିଭାଗର ମତରେ ଧଉଳିଠାରୁ ମିଳିଥିବା ଅଶୋକଙ୍କ ସମୟର ଶିଳାଲେଖ, ଜଉଗଡ଼ର ଶିଳାଲେଖ ଆଉ ଖାରବେଳଙ୍କ ବେଳର ତିଆରି ଖଣ୍ଡଗିରି ଓ ହାତୀଗୁମ୍ଫାର ଶିଳାଲେଖ ଓଡ଼ିଆ ଭାଷାର ମୂଳ ଇତିହାସ ଉପରେ

ପଥ ନ ଜାଣି ଯେବେ ହୁଡ଼େ । ସେ ପ୍ରାଣୀ କେବେ ହେଁ ନ ପଡ଼େ ।।

ସୂଚନା ଦିଏ । ହାତୀଗୁମ୍ଫାର ଶିଳାଲେଖରୁ ଜଣାଯାଏ ଯେ, ଆଧୁନିକ ଓଡ଼ିଆ ଭାଷାର ମୂଳ ପାଲି ଭାଷାରୁ । ଏହି ହାତୀ ଗୁମ୍ଫାର ଶିଳାଲେଖରେ ଲେଖା ଭାଷା ହେଉଛି ପାଲି ଆଉ ଲିପି ହେଉଛି ବ୍ରାହ୍ମୀ । ତେବେ ଏହି ଶିଳାଲେଖ ହିଁ ପ୍ରମାଣ ଦିଏ ଯେ, ଓଡ଼ିଆ ଭାଷା ଅନ୍ୟଭାଷା ଠାରୁ ପୁରାତନ ।

ଭାଷା ବିଭବରେ ଭାରତୀୟ ଭାଷାଗୁଡ଼ିକ ଶାସ୍ତ୍ରୀୟ ମାନ୍ୟତା ପର୍ବରେ ତାମିଲ୍, ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲାୟାଲମ୍ ଓ ଓଡ଼ିଆ ସାମିଲ୍ ହୋଇଛି । ୨୦ ଫେବୃଆରୀ ୨୦୧୪ ମସିହାରେ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ  ଶାସ୍ତ୍ରୀୟ ମାନ୍ୟତା ଦେଲେ ଓ ସେହି ବର୍ଷ ୧୧ ମାର୍ଚ୍ଚରେ ଗେଜେଟ୍ ନୋଟିଫିକେସନ ଜାରି କଲେ । ଏହି ମାନ୍ୟତା ପାଇବାରେ ଓଡ଼ିଆ ହେଲା ଷଷ୍ଠ ଭାରତୀୟ ଭାଷା । ୨୦୧୧ ଜନଗଣନା ଅନୁସାରେ ଓଡ଼ିଆ କହୁଥିବା ଲୋକ ସଂଖ୍ୟା ହେଉଛି ୩,୭୫,୨୧,୩୨୪ ।

ସମ୍ବିଧାନର ସ୍ୱୀକୃତି ପ୍ରାପ୍ତ ୨୨ ଗୋଟି ଭାଷା ମଧ୍ୟରେ ଅହମିୟା, ବଙ୍ଗଳା, ବୋରୋ, ଭୂଟିଆ, ଗୁଜରାଟୀ, କାଶ୍ମୀର, କନ୍ନଡ଼, ଲେପ୍‌ଚା, ଲିମ୍ବୁ, ମୈଥିଳୀ,ମାଲାୟାଲାମ୍, ମଣିପୁରୀ, ମରାଠୀ, ମିଜୋ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧୀ, ତାମିଲ୍, ତେଲୁଗୁ, ଉର୍ଦ୍ଦୁ ଓ ଡୋଗ୍ରୀ ଅନ୍ତର୍ଭୁକ୍ତ ।

୧୮୮ ଭାଷା ଓ ୫୪୪ ଉପଭାଷା ମଧ୍ୟରୁ ଭାରତରେ ୩୨୫ ଟି ଭାଷାରୁ ୭୫ଗୋଟି ମୁଖ୍ୟ ଭାଷାରେ ଚଳିଆସୁଛି ।

'ମାତୃଭୂମି ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?- ଗଙ୍ଗାଧର ମେହେର

ମାତୃଭାଷାର ଗୁରୁତ୍ୱକୁ ଲକ୍ଷ୍ୟ କରି ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ପ୍ରଚଳନ କରିବାକୁ ଯାଉଥିବା ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖ କରିଛନ୍ତି ଯେ, ଛୋଟ ପିଲାମାନଙ୍କ ପାଇଁ ନିଜ ଘର ଭାଷା/ମାତୃଭାଷା/ ସ୍ଥାନୀୟ ଭାଷା/ଆଞ୍ଚଳିକ ଭାଷା ଶିକ୍ଷାଦାନର ମାଧ୍ୟମ ହେବ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବାଧ୍ୟତାମୂଳକ ମାତୃଭାଷାରେ ଶିକ୍ଷାଦାନ କରାଯିବ । ସ୍ଥାନୀୟ ଭାଷାକୁ ମଧ୍ୟ ଏକ ଭାଷା ଭାବରେ ଶିକ୍ଷା ଦିଆଯିବ । ମାତୃଭାଷାରେ ବିଜ୍ଞାନ ସହିତ ଉଚ୍ଚମାନର ପାଠ୍ୟପୁସ୍ତକ ଉପଲବ୍ଧ ହେବ । ଶିକ୍ଷାର୍ଥୀଙ୍କ ଦ୍ୱାରା ତଥାକଥିତ ଭାଷା ଏବଂ ଶିକ୍ଷାଦାନର ମାଧ୍ୟମ ମଧ୍ୟରେ ଥିବା ସମସ୍ତ ବ୍ୟବଧାନକୁ ଦୂର କରିବା ପାଇଁ ଯଥାଶୀଘ୍ର ପ୍ରୟାସ କରାଯିବ । ଗୋଟିଏ ଭାଷାକୁ ଭଲ ଭାବରେ ଶିଖିବା ଏବଂ ଶିଖାଇବା ପାଇଁ ଏହା ଶିକ୍ଷାର ମାଧ୍ୟମ ହେବା ଆବଶ୍ୟକ ନାହିଁ ।

ଗବେଷଣାରୁ ସ୍ପଷ୍ଟ ଯେ, ପିଲାମାନେ ୨ରୁ ୮ ବର୍ଷ ବୟସ ମଧ୍ୟରେ ଅତି ଶୀଘ୍ର ଭାଷା ଶିଖନ୍ତି ଏବଂ ବହୁଭାଷୀ ମାଧ୍ୟମରେ ଶିକ୍ଷାର୍ଥୀମାନେ ମହତ୍ୱପୂର୍ଣ୍ଣ ଜ୍ଞାନ କୌଶଳ ଲାଭ କରିଥାନ୍ତି । ପିଲାମାନେ ପ୍ରାରମ୍ଭ/ମୌଳିକ ପର୍ଯ୍ୟାୟଠାରୁ ଆରମ୍ଭ କରି ବିଭିନ୍ନ ଭାଷା ସହିତ ଶୀଘ୍ର ସମ୍ପର୍କିତ ହେବେ, କିନ୍ତୁ ମାତୃଭାଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

'ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।'- ଗଙ୍ଗାଧର ମେହେର

ତେବେ ମାଆ ଓ ମାତୃଭୂମିର ଯେପରି ବିକଳ୍ପ ନାହିଁ ସେପରି ମାତୃଭାଷାର ମଧ୍ୟ ବିକଳ୍ପ ନାହିଁ । ଏହି ଭାଷାର ବିଲୟ କି ବିନାଶ ନାହିଁ । ଶରୀରରେ ଶକ୍ତିବର୍ଦ୍ଧନକାରୀ ଅମୃତ ରସ ଭଳି ଯେଉଁମାନେ ଏହାକୁ ଆପଣାଇ ନେଲେ ସେମାନେ ସମସ୍ତେ ପରିପୁଷ୍ଟ ଓ ଅଜେୟ ଅମର ହୋଇ ସ୍ୱର୍ଣ୍ଣାକ୍ଷରରେ ନିଜର ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯିବେ । ଏହି ମାତୃଭାଷା ସାମାଜିକ ଓ ବୈଷୟିକ ପ୍ରଗତି ପାଇଁ ଅତ୍ୟନ୍ତ ଲାଭଦାୟକ ହେବ । ସାଂସ୍କୃତିକ ତଥା ଜାତୀୟ ସଂହତି ପାଇଁ ମାତୃଭାଷା ପ୍ରତି ବିମୁଖ ନ ହୋଇ ସଜଗ ଓ ସଯତ୍ନ ହେବା ଆବଶ୍ୟକ ବୋଲି ଆଜିର ଆହ୍ୱାନ ଭାବିବା ଦରକାର ।

'ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ ।'

-୦-

*ସମ୍ପାଦକ ଶିକ୍ଷାସୃଜନୀ*

**ଗପ ଗଜରା**

# ଭାଇର ମମତା

*ଶ୍ରୀ ଗୌରୀଶଙ୍କର ମିଶ୍ର*

ସନାତନ ବାବୁ ଜଣେ ଅବସରପ୍ରାପ୍ତ ଗାଁ ଚାଟଶାଳୀର ଅବଧାନ । ତାଙ୍କର ଦୁଇଟି ପୁଅ ଗୋବିନ୍ଦ ଓ ଗୋପାଳ । ଗୋବିନ୍ଦ ଗୋପାଳଠାରୁ ଦୁଇ ବର୍ଷ ବଡ଼ । ଦୁହିଁଙ୍କ ମଧ୍ୟରେ କ୍ଷୀରନୀରର ସମ୍ପର୍କ । କେହି କାହାକୁ ଘଡ଼ିଏ ଛାଡ଼ି ରହିପାରନ୍ତି ନାହିଁ । ଦୁହେଁ ଦେଖିବାକୁ ଏକାପରି । ସୁନ୍ଦର ଚେହେରା । ବେଳେବେଳେ ଉଭୟଙ୍କୁ ଚିହ୍ନିବାରେ ଅନ୍ୟମାନଙ୍କ ମନରେ ଭ୍ରମ ସୃଷ୍ଟି ହୁଏ । ଉଭୟେ ମିଳିମିଶି ଚଳନ୍ତି । ବାପାଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି । ଏମାନଙ୍କ ଚଳଣି ଦେଖି ସନାତନ ବାବୁଙ୍କ ଛାତି ଗର୍ବରେ ଫାଟିପଡ଼େ । କାରଣ ସୌଦାମିନୀ ଦେବୀ ଆଖି ବୁଜିଲା ବେଳକୁ ଗୋବିନ୍ଦ ଓ ଗୋପାଳଙ୍କୁ ମାତ୍ର ଆଠ/ଦଶ ବର୍ଷ ହୋଇଥାଏ । ମାଆ ଛେଉଣ୍ଡ ପିଲା ଦୁଇଟିକୁ କେମିତି ମଣିଷ କରିବେ, ଏଥିପାଇଁ ସନାତନ ବାବୁ ପିଲା ଦୁଇଟିକୁ ଗୋଡ଼େଗୋଡ଼େ ଜଗିଥାନ୍ତି । ସନାତନ ବାବୁଙ୍କ ଇଚ୍ଛା ପିଲା ଦୁଇଟି କିପରି ମାଇନର (ବର୍ତ୍ତମାନର ଦଶମ) ପରୀକ୍ଷାଟି ପାଶ କରି ଗାଁ ପାଖରେ ଶିକ୍ଷକତା କରି ଭଲରେ ଚଳନ୍ତୁ । ଭଗବାନ ଗୁହାରି ଶୁଣିଲେ । ସନାତନ ବାବୁଙ୍କ ଆଶା ପୂରଣ ହେଲା । ଗୋବିନ୍ଦ ଓ ଗୋପଳ ଗାଁ ପାଖରେ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ । କାଳ ବିଳମ୍ବ ନ କରି ସନାତନ ବାବୁ ଦୁଇ ପୁଅଙ୍କ ହାତକୁ ଦି'ହାତ କରାଇଦେଲେ । ଏଥର ସନାତନ ବାବୁ ଶାନ୍ତିରେ ନିଃଶ୍ୱାସ ମାରିଲେ । ସନାତନ ବାବୁଙ୍କ ଗୋଡ଼ ଆନନ୍ଦରେ ତଳେ ପଡୁନାହିଁ । ମାସକୁ କୋଡ଼ିଏ ଟଙ୍କା ବେତନ ପାଇ ଅବସର ନେଇଥିବା ବେଳେ ପୁଅଙ୍କ ଦରମା ଶହେ କୋଡ଼ିଏ ଲେଖାଏଁ ଦୁଇଶହ ଚାଳିଶ ଟଙ୍କା । ପୁଅ ବୋହୂଙ୍କ ସେବା ଓ ଯତ୍ନରେ ବେଶ୍ ହସ ଖୁସିରେ ଦିନ କଟିଗଲା ।

ଦୁଃଖର କଥା ସନାତନ ବାବୁଙ୍କ ସୁଖର ଦିନ ବେଶୀଦିନ ରହିଲା ନାହିଁ । ହଠାତ୍ ସନାତନ ବାବୁ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ସବୁ ଦିନ ପାଇଁ ଆଖି ବୁଜିଦେଲେ ।

ସମାଜର ରୀତିନୀତି ପ୍ରକାରେ ଦୁଇ ଭାଇ ମିଳିମିଶି ବାପାଙ୍କ ଶୁଦ୍ଧି କ୍ରିୟା ଶେଷ କଲେ । କିଛି ଦିନ ବେଶ୍ ସୁଖ ଶାନ୍ତିରେ ଚଳିଲେ । ସମୟକ୍ରମେ ସେମାନଙ୍କ ମଧ୍ୟରେ କିଛି ମନାନ୍ତର ଦେଖା ଦେଲା । କାଳେ ଲୋକହସା ହୋଇଯିବେ ନିଜର ସାହି ପଡ଼ୋଶୀ ଜାଣିବା ପୂର୍ବରୁ ଦୁଇ ଭାଇ ପରସ୍ପର କଥାବର୍ତ୍ତା ହୋଇ ନିଜ ପୈତୃକ ସମ୍ପତ୍ତିକୁ ସମାନ ଭାବରେ ବାଣ୍ଟିନେଲେ । ଘର ମଝିରେ ପାଚେରୀ ପଡ଼ିଲା । ପରମ୍ପରା ଅନୁଯାୟୀ ବଡ଼ ଭାଇ ଗୋବିନ୍ଦ ପୂର୍ବ ପଟେ ଓ ଗୋପାଳ ପଶ୍ଚିମ ପଟେ ରହିଲେ । ବାକି ରହିଲା ଦାଣ୍ଡରେ ଥିବା ନଡ଼ିଆ ଗଛଟି । ଗଛଟି ଦୁଇ ଭାଇଙ୍କ ଘର ମଝିରେ ଥିବାରୁ ଏହା ଭାଗ କରାଯାଇ ପାରିଲା ନାହିଁ । ଗୋବିନ୍ଦ କହିଲା, 'ମୁଁ ବଡ଼ ଭାଇ, ତେଣୁ ଗଛଟି ମୋର ।' ଗୋପାଳ କହିଲା, 'ବାପା ମୋତେ କହିଛନ୍ତି, ଏଇଟା ମୋର ।' କେହି କାହା ଜିଦ୍‌ରୁ ଖସିଲେ ନାହିଁ । ବେଳକୁ ବେଳ ଘଟଣାଟି ଉଗ୍ର ରୂପ ନେଲା । ସାଧାରଣ ନଡ଼ିଆ ଗଛଟିଏ ପାଇଁ ଉଭୟେ ବିଚାରାଳୟର ଆଶ୍ରୟ ନେଲେ । ବିଚାରାଳୟରେ ଏହି ମାମଲାଟି ଦୀର୍ଘ ଦିନ ଧରି ବିଚାରାଧୀନ ରହିଲା ।

ସେହି ସମୟରେ ଗାଡ଼ି ବସ୍ ଏତେ ପ୍ରଚଳନ ନ ଥିଲା । ଏଣୁ କୋର୍ଟର ନିର୍ଦ୍ଦେଶକ୍ରମେ ଦୁଇ ଭାଇ କେବେ ଚାଲିଚାଲି ତ କେବେ ଶଗଡ଼ରେ ନିଜ ନିଜର ସୁବିଧାରେ ଯାଆନ୍ତି । କେହି କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ । ଫେରିଲା ବେଳେ କୌଣସି ମଠ ମନ୍ଦିରରେ କିମ୍ବା ରୋଷେଇ କରି ଖାଆନ୍ତି । ଘରକୁ ଫେରୁ ଫେରୁ ତା' ପରଦିନର କଥା । ଦିନେ କୋର୍ଟରୁ ଶୁଣାଣି ସାରି ଫେରିବାବେଳେ ଦୁଇ ଭାଇ ଗୋଟିଏ ଆମ୍ବତୋଟାରେ ଅଲଗା ଅଲଗା ରୋଷେଇ ଆରମ୍ଭ କଲେ । ସାନ ଭାଇ ଗୋପାଳ ଚୁଲିରେ ଭାତ ବସାଇ ଦେଇ ନିକଟସ୍ଥ ଗଡ଼ିଆକୁ ଶୌଚ ହେବା ପାଇଁ ଗଲା । ଫେରିଲା ବେଳକୁ ଭାତ ଖିରି ହେବା ଉପରେ । ଏହା ଦେଖି ବଡ଼ ଭାଇ ଗୋବିନ୍ଦ ଗୋପାଳର ଭାତ ଗାଳିଦେଇ ଚୁଲିରୁ ଓହ୍ଲାଇ ଦେଲା । କିଛି ସମୟ ପରେ ଗୋପାଳ ଆସି ଦେଖେ ଭାତ ଗଳା ହୋଇ ଚୁଲି ପାଖରେ ରଖା ହୋଇଛି । ମନେ ମନେ ସାଧୁବାଦ ଜଣାଇବା ପରିବର୍ତ୍ତେ, ବଡ଼ଭାଇ ଗୋବିନ୍ଦକୁ

ଗାଳିଗୁଲଜ କଲା । ଗୋବିନ୍ଦ ଏଥିରେ କିଛି ପ୍ରତିବାଦ ନ କରି କହିଲା ! ଆରେ ଭାଇ ପିଲାବେଳେ ଆମେ ଦୁଇ ଭାଇ ଏକାଠି ଖାଇ ବସୁଥିଲେ । ଯଦି କୌଣସି ଦିନ ଭାତ କଅଁଳ ହୋଇଯାଇଥାଏ, ତା ହେଲେ ତୁ ସେ ଦିନ ରାଗରେ ଖାଉ ନ ଥିଲୁ । ବାପା ତୋତେ କେତେ ବୁଝାଉଥିଲେ । ମୁଁ ଜାଣିଛି ତୋତେ କଅଁଳ ଭାତ ସୁଖ ନାହିଁ । ଏଣୁ ତୋର ଫେରିବାରେ ଡେରି ହେବାରୁ ମୁଁ ଭାତତକ ଗାଳି ଦେଲି । ଏଥିରେ ରାଗିବାର କ'ଣ ଅଛି ?'

ଏକଥା ଶୁଣି ଗୋପାଳର ପିଲାଦିନର ହସଖୁସି, ଦୁଃଖକଷ୍ଟ ସବୁ ମନେ ପଡ଼ିଗଲା । ବଡ଼ଭାଇର ଉଦାରପଣିଆ ନିକଟରେ ତା'ର ସମସ୍ତ ଦମ୍ଭ, ଜିଦ୍ ହାର୍ ମାନିଗଲା । ମନେମନେ ଭାବିଲା ସତରେ ମୋ ଭାଇ ମୋତେ କେତେ ଭଲ ପାଉଛି ! ନିଜର ଭୁଲ୍ ବୁଝିପାରି ଲୋତକଭରା ଚକ୍ଷୁରେ ଭାଇକୁ ଜାବୁଡ଼ି ଧରି ଭୋ ଭୋ କାନ୍ଦିବାକୁ ଲାଗିଲା । ତା' ପର ଶୁଣାଣି ତାରିଖରେ ଦୁଇ ଭାଇ ହସଖୁସିରେ କୋର୍ଟକୁ ଯାଇ ମକଦ୍ଦମାଟିକୁ ଉଠାଇ ରାଜିନାମା ହୋଇଗଲେ ।

ବର୍ତ୍ତମାନ ଉଭୟେ ସେହି ଗଛର ନଡ଼ିଆ ବାଣ୍ଟିକୁଣ୍ଟି ଖାଉଛନ୍ତି ଓ ବେଶ୍ ହସଖୁସିରେ ମିଳିମିଶି ଚଳୁଛନ୍ତି । ସେମାନଙ୍କର ପୂର୍ବ ସମ୍ପର୍କ ଫେରି ଆସିଛି ।

-୦-

ବୁଗୁଡା, ଗଞ୍ଜାମ

ମୋବାଇଲ୍-୭୭୫୦୦୦୭୮୭୨



## ଆମେ ଭେଟିଥିଲୁ .....

**ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଘୋଡ଼ା ନାଚ କଳାକାର ଡ଼ଃ ଉଛବ ଚରଣ ଦାସଙ୍କ ସହିତ**

**୩୬ ପୃଷ୍ଠାରେ ତାଙ୍କର ସାକ୍ଷାତକାର ସ୍ଥାନିତ କରାଯାଇଛି ।**

ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର । ଏ ସର୍ବ କୃଷ୍ଣର ଶରୀର ।।

**ଗଳ୍ପ ଗଜରା**

# ଟୋକେଇଏ ମାଟି

ଶ୍ରୀଯୁକ୍ତ ଦୀନବନ୍ଧୁ ବେଜ୍

ମୁଲତାନୀ ମାଟିର ବଜାର ଏବେ କାହିଁରେ କଣ । ବିଶୁଦ୍ଧ ମୁଲତାନୀ ମାଟି ମିଳିବା ମୁସ୍କିଲ୍ । ଦୋକାନରେ ମିଳୁଥିବା ସବୁ ମାଟି କଣ ମୁଲତାନୀ ମାଟି ନା କଣ ? ସବୁ ପାଣି ଯେପରି ଗଙ୍ଗା ପାଣି ନୁହେଁ, ଠିକ୍ ସେପରି ସବୁ ମାଟି ମୁଲତାନୀ ମାଟି ନୁହେଁ । ପରଖି ଆଣିବାକୁ ପଡ଼ିବ । ଭାଇ ଭଉଣୀଙ୍କ ଏମିତି କଥା କଟାକଟି ଭିତରେ ବାପା ଆସି ପହଞ୍ଚିଲେ ଜମିରୁ । ବୋଉ ପାଣି ଗିଲାସ ବଢ଼େଇ ଦଉଁ ଦଉଁ ପଚାରିଲା କ'ଣ ହୋଇଛି କି ? ଗୁମ୍ କରି ବସି ପଡ଼ିଲ ଯେ ।

- ନାଇଁମ ସେ ... ସେ... ।

କଣ ହେଇଛି କହୁନ ?

ଆମ ଜମି ପାଖ ପଡ଼ିଆରୁ ମାଟି କିଏ ଖୋଳି ନେଇ ଯାଇଛି ଜଣାପଡୁନି ।

କ'ଣ ମ ?ଝୁଡ଼ିଏ ନା ପାଛିଏ ଯେ ଜଣା ପଡ଼ିବନି । ଏତେ ବଡ଼ପଡ଼ିଆ, ସେଥିରେ ଗୋରୁଗାରେ ଚରୁଥିଲେ ? ଶ୍ୟାମ ବାପାକୁ ପଚାରିଲନି ।

- ଆରେ ସେ ପରା କହି ପାରୁନି ।

- ଠିକ୍ ଅଛି, ଧୋଇଧାଇ ହୋଇ ଆସ, ଖାଇବ ।

- ହଉ, ହଉ ।

ବାପା ଗୋଡ଼ ଧୋଉଥିଲେ,

ପୁଅ କହିଲା,

- ବାପା ! ପଛ ପାଖ ଗାଡ଼ିଆ ଯେଉଁ ପୋତା ହୋଇଥିଲା ତା'ର ପଇସା ମାଗିବାକୁ ରବି କକା ଆସିଛନ୍ତି ।

- ହଉ ହଉ ଯାଉଛି ।

- ଆରେ ରବି ମାଟି ଟ୍ରିପ୍‌କୁ କେତେ ଦେବି ?

- ସମସ୍ତଙ୍କଠୁ ୩୫୦ ଟଙ୍କା ନେଉଛି ଭାଇ । ତୁ ୩୦୦ ଟଙ୍କା ଦେବୁ ଆଉ !

- ଆରେ ଗଲା ବର୍ଷ ୨୫୦ ଟଙ୍କା ଥିଲା ଏ ବର୍ଷ ସିଧା ୧୦୦ ଟଙ୍କା ବଢ଼ିଗଲା ?

ଦେଖ ଭାଇ ତେଲ ଦର ବଢ଼ିଲା । ମଜଦୁର ଲୋକ ମିଳୁ ନାହାଁନ୍ତି ଏବେ । ସବୁ ରେଟ୍ ବଢ଼ିଲା । ଆମେ ମାଟି କିଣୁଛୁ, କଣ କରିବୁ ?

- ଠିକ୍ ଯେ ମାତ୍ର ତମେ ମାଟି କେଉଁଠୁ ଆଣୁଛ ?

- ଜମିରୁ, ଜମି ପାଖ ପଡ଼ିଆରୁ । ଜମି ମାଲିକଙ୍କୁ କିଛି ଦେବାକୁ ପଡୁଛି ।

- ଆବେ ମୋ ବାହଳି ପାଖ ପଡ଼ିଆ ଜମିରୁ ତୁମେମାନେ ମାଟି ଖୋଦନ କରିଛ କି ?

ମୁରୁକି ହସା ମାରିଲା ରବି । କହିଲା ଭାଇ ଆମେ ଆଣିଛୁ । ମାଟି ବାବଦରେ ଆମେ କିଛି ପରିମାଣରେ ଟଙ୍କା ଜମି ମାଲିକଙ୍କୁ ଦେଉ । ତମେ ତ ଆମ ନିଜ ଲୋକ କହିବି କହିବି ଭାବି କହିବାକୁ ଭୁଲିଯାଇଛି । ତୁମ ମାଟି ବାବଦରେ ମୋତେ ହଜାରେ କାଟିକି ଦେବ ।

ଏକଥାକୁ ହଜମ କରି ନ ପାରି ଥମ କରି ବସି ପଡ଼ିଲେ ଗୌତମ ବାବୁ ।

ଆରେ ଚଣ୍ଡାଳ ମାଟିଚୋର । ତମେ ନିଜକୁ କ'ଣ ଭାବିଛ କି ? ଏମିତି ସବୁ ଅନଧିକାର କାମ ତମେ ସବୁ କର କାହିଁକି କେଜାଣି ? ଭାବୁଥିଲି ସେଠି ପଏଣ୍ଟିଏ ବସାଇ ଜଳସେଚନ କରି କିଛି ପନିପରିବା ଫଳାଇବି । ଦି ପଇସା ବାହାରିବ ଆନନ୍ଦରେ ଚଳିବି । ମାତ୍ର ମୋ ସ୍ୱପ୍ନ ସବୁ ବେକାର ହୋଇଗଲା । ମୁଠାଏ ମାଟି ତ ସମସ୍ତଙ୍କୁ ଲୋଡ଼ା । ଖାଲି ସ୍ଥାନ କାଳ ପାତ୍ର ଟିକେ ବୁଝିବାର ଅଛି ।

ହାଣ୍ଡି ନେବ ହାଣ୍ଡି ଡାକ ପକାଇ ମକୁ କୁମ୍ଭାର ସେମାନଙ୍କୁ ଅତିକ୍ରମ କରି ଚାଲିଗଲା । ମାଟିର ମହମହ ବାସ୍ନା ଅଜାଡ଼ି ହେଇ ପଡୁଥିଲା ରାସ୍ତାରୁ ।

ମାଟି ଯେ, ସବୁକିଛି ହୃଦବୋଧ ହେଉଥିଲା ଅନ୍ତରରୁ । ମାଟିପିଣ୍ଡ

ମାଟିରୁ ଜନ୍ମ ମାଟିରେ ମିଶିବ । ଖାଲି ମାଟି ସଂରକ୍ଷଣ । ଜଳ ଧାରଣ ଓ ଲବଣକୁ କମାଇବା ଓ ମାଟି ଧୋଇ ନ ଯିବା ପାଇଁ ବ୍ୟବସ୍ଥା କରିବା, ଜୈବିକ ଅଂଶ ମାଟିକୁ ନଷ୍ଟ ନ କରିବାକୁ ସଚେତନ ହେବା । ବୃକ୍ଷରୋପଣ, ପାହାଡ଼ିଆ ଅଂଚଳରେ ସେପାନ ପ୍ରଣାଳୀରେ ଚାଷ କରିବା କଥା ପିଲାଙ୍କୁ ସିନା ପଢ଼ାଉଥିଲେ ସେ । କିନ୍ତୁ ବାସ୍ତବରେ ସବୁ ଓଲଟା ଘଟୁଛି । ଗାଁର ତଳସାହିରୁ ମୁରାରି ତିଆଡ଼ିଙ୍କ ପଢୁଆ ପୁଅ ବଣ୍ଟି ତ୍ରିପାଠୀ ସେଇ ବାଟେ ଯାଉଥିଲା । ପଚାରିଲା କାକା କ'ଣ ଚାଲିଛି ?

– ନାହିଁରେ ତୁ କୁଆଡ଼େ ଯାଉଛୁ ? ନାହିଁ କକା ବାପା ପଠାଇଲେ ମାଟି ପରୀକ୍ଷା ପାଇଁ ଜିଲ୍ଲା କୃଷି କେନ୍ଦ୍ରକୁ ଯାଉଛି । ଏଥର ଯାହା ଚାଷବାସ ହେବ ସବୁ ମାଟି ପରୀକ୍ଷା ହୋଇ ହେବ ବୋଲି ବାପା କହି ଦେଲେ । କ'ଣ କରିବା, କରିବାକୁ ପଡ଼ିବ ।

ହଉ ହଉ ତୁ ବଜାର ଯାଉଛୁ ଯଦି ପଇସା ନେ ଫେରିଲାବେଳେ ଏକ ପ୍ୟାକେଟ୍ ବିଶୁଦ୍ଧ ମୁଲତାନୀ ମାଟି ନେଇ ଆସିବୁ । ଆଉ ପୁଅ କାହିଁକି ବଜାରକୁ ଯିବ ।

ମୋର ମନେ ପଡ଼ିଲା ଆମର ଯେତେବେଳେ ଘର ହୋଇଥିଲା ମାଟି ପରୀକ୍ଷା କରାଯାଇଥିଲା । ମାଟିକୁ ନେଇ ଏତେ କଥା ଭାବୁ ଭାବୁ କେତେ ବେଳେ ବାପା ଆଣ୍ଠେଇ ପଡ଼ିଲେଣି ଆମେ ଜାଣି ପାରିନାହୁଁ । ମେଞ୍ଚାଏ ଧୂଳି ଆଣି ମୁଣ୍ଡରେ ମାରିଲେ । ସେହି ସମୟରେ ଝଡ଼ପରି ପବନ ଝଲକାଏ ବହିଗଲା । ପବନ ସହ ଧୂଳି ନାକ କାନ ଓ ଆଖିରେ ପଶି ଗଲା ସମସ୍ତେ ପବନର ବିପରୀତ ଦିଗକୁ ମୁହଁ କରି ଦେଲେ । ମା' ଆସି ସମସ୍ତଙ୍କୁ ଡାକି ନେଇଗଲେ । ବଗିଚାରେ ଯେଉଁ ସବୁ ଗଛ ମୂଳରେ ମାଟି ନ ଥିଲା ବର୍ଷା ପାଣିରେ ଧୋଇ ଯାଇଥିଲା ସେଥିରେ ମାଟି ପୂରଣ କରି ପାଣି ଦେଇ ଦେବାକୁ ନିର୍ଦ୍ଦେଶ ଦେଲେ । ଆମେ ସମସ୍ତେ ଖୁସି ହୋଇ କାମରେ ଲାଗି ପଡ଼ିଲୁ ।

**ଏମ୍‌ଭି-୧୯, ମାଲକାନଗିରି**

**ଭ୍ରାମ୍ୟଭାଷ: ୭୬୮୩୯୨୦୨୨୧**

-୦-

**ପ୍ରେରକ ପ୍ରସଙ୍ଗ**

## ଆଉ ଜଣେ ଶ୍ରବଣ କୁମାର

ଶ୍ରୀମତୀ ସଂଗୀତା ମିଶ୍ର ଶତପଥୀ

କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ମୋ ମନକୁ ଦୋହଲାଇ ଦେଇଥିଲା । କରୋନାର କରାଳ ରୂପ ଅନେକଙ୍କୁ ଦିଗହରା ଆଉ ବେସାହାରା କରିଛି । ଅନେକଙ୍କ ସଂସାର ଉଜାଡ଼ିବା ସହ ଜୀବନଜୀବିକା ବି ବନ୍ଧା ପଡ଼ିଛି । ଏମିତି କଟକ ଜାଉଁଳିଆପଟି ଅଞ୍ଚଳରେ ସୁରେଶ ଚୌଧୁରୀଙ୍କ କ୍ଷେତ୍ରରେ ମଧ୍ୟ ଘଟିଛି । ଚା ଦୋକାନ କରି ପରିବାର ଚଳାଉଥିବାବେଳେ କରୋନା ପରିବାରର ଆର୍ଥିକ ସ୍ଥିତି ଦୋହଲାଇ ଦେଲାବେଳେ ସାହାରା ସାଜିଛି ତାଙ୍କ ସାନପୁଅ ଉମାଶଙ୍କର ଓରଫ ଦିପୁ । ଲକ୍‌ଡାଉନ୍‌ର କରାଳ ସମୟ ହେଉ ଅବା ଡିସେମ୍ବର ଜାନୁଆରୀ ମାସର ଶୀତୁଆ ସକାଳ କଟକର ଗଳିକନ୍ଦି ବୁଲି ଚା ବିକ୍ରି କରେ ଦିପୁ । ସବୁଠାରୁ ତା'ର ନିର୍ଭୀକ କଥା ଚା ବିକ୍ରି କଲେ ଖରାପ କାହିଁ ଲାଗିବ ? ମୁଁ ତ ଚୋରି କରୁନି । ଚା ବେପାର ଛୋଟ ବେପାର ନୁହେଁ । ମୋତେ କଷ୍ଟ କାହିଁ ଲାଗିବ ? କଷ୍ଟ କଲେ କୃଷ୍ଣ ମିଳିବ । ଏତେ ସବୁ ପରେ ବି ସେ ତା'ର ମୂଳ ଲକ୍ଷ୍ୟ ପାଠ ପଢାକୁ ଛାଡ଼ିନି । ସବୁଠାରୁ ବଡ଼ କଥା ହେଉଛି, ଯାହା ମୋତେ କାହିଁକି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ । ତୋ ଜୀବନର ଲକ୍ଷ୍ୟ କ'ଣ ? ଦିପୁର ଉତ୍ତର ବଡ଼ ହୋଇ ସମାଜସେବୀ ହେବି । ସମାଜର ସେବା କରିବି ଆଉ କିଛି ନାହିଁ । ସାମ୍ପ୍ରତିକ ସମାଜରେ ଅନେକ ଉଚ୍ଚଶିକ୍ଷିତ ଯୁବକଗୋଷ୍ଠୀ ଚାକିରି ପଛରେ ଦୌଡୁଥିବାବେଳେ ଦିପୁର ଆତ୍ମନିର୍ଭରଶୀଳତା ଆମ ପାଇଁ ଏକ ପ୍ରେରକପ୍ରସଙ୍ଗ ନୁହେଁ କି ? ପୁନଶ୍ଚ ଅର୍ଥ ସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ଦୁନିଆର ସନ୍ତାନସନ୍ତତିମାନେ ପିତାମାତାଙ୍କୁ ହତାଦର କରୁଥିବାବେଳେ ବାପାଙ୍କ ଆର୍ଥିକ ଦୁଃସ୍ଥିତି ସମୟରେ ୧୧ ବର୍ଷର ବାଳକ ଦିପୁର ସାହସିକତା ତଥା ବାପାଙ୍କ କାନ୍ଧରେ କାନ୍ଧ ମିଳାଇ ଘରର ଆର୍ଥିକ ସ୍ଥିତି ସୁଧାରିବା ଲାଗି କରୁଥିବା ଶ୍ରମ ଆଜିର ସମୟରେ ଏକ ପ୍ରେରକପ୍ରସଙ୍ଗ ନୁହେଁ କି ?

*ପୂର୍ବ ସମ୍ପାଗ ପ୍ରତିନିଧି*

ଯେ ସର୍ବଭାବେ କୃଷ୍ଣପାଦେ । ଶରଣ ଗଲା ଅପ୍ରମାଦେ ॥

# ଖୁସି

ଶ୍ରୀଯୁକ୍ତ ଶ୍ରୀକାନ୍ତ ନାୟକ

ଏହି ଶବ୍ଦଟି ଶୁଣିବା ମାତ୍ରେ ମନ ଉଲ୍ଲସିତ ହୋଇଉଠେ, ନୂଆ ପୁଲକ ସୃଷ୍ଟି ହୁଏ, ମନ ହାଲୁକା ହୋଇଯାଏ । କେମିତି ଆପେ ଆପେ ଭଲ ଭାବନା ମନକୁ ଆସିଯାଏ । ମନ ହୁଏ ସବୁ ସମୟତକ ଖୁସିରେ କଟି ଯାଆନ୍ତା କି ? ଖୁସିରେ ରହିବା, ଖୁସିରେ ସମୟ ଅତିବାହିତ କରିବା, ଖୁସିରେ ବିଭିନ୍ନ କାର୍ଯ୍ୟ କରିବା ଏହା କିଏ ବା ଚାହେଁନି ? ପିଲାଟି ମଧ ଚାହେଁ ସବୁ କିଛି କାର୍ଯ୍ୟ ଖୁସିରେ କରିବାକୁ । ତା' ଇଚ୍ଛା ଅନୁସାରେ ତାକୁ ଭଲ ଲାଗୁଥିବା କାର୍ଯ୍ୟକୁ ବାରମ୍ବାର କରି ଆନନ୍ଦ ପାଇବାକୁ ସେ ମଧ ଚାହେଁ । ଆମ୍ଭେମାନେ ନିଜ ଖୁସି ପାଇଁ ଚେଷ୍ଟିତ କିନ୍ତୁ ପିଲାଟି କିପରି ଏକ ଆନନ୍ଦମୟ ପରିବେଶରେ ବଢ଼ିବ, ପାଠ ପଢ଼ିବ, ନିଜେ ନିଜେ ଶିଖିବ ଏ ବିଷୟରେ ଆମେ ସେତେ ବେଶୀ ସଚେତନ ନୋହୁଁ । ଅନେକ ସମୟରେ ଆମେ ଭାବୁ ପିଲାଟିର ମନ ବୋଲି କିଛି ନାହିଁ । ଆମେ ତାକୁ ଯେମିତି ପରିବେଶରେ ଯେମିତି ଶିଖାଇବା ସେ ଶିଖିବ । ପିଲାଟିକୁ ଅଧିକ ସ୍ୱାଧୀନତା ଦେବା ଠିକ୍ ନୁହେଁ, କିନ୍ତୁ ଆମକୁ ମନେ ରଖିବାକୁ ହେବ ପିଲାଟି ବଡ଼ ମଣିଷଙ୍କ ଏକ ଛୋଟ ରୂପ ନୁହେଁ । ତା'ର ଆଗ୍ରହ ରୁଚି, ପସନ୍ଦ ସବୁ କିଛି ବଡ଼ମାନଙ୍କ ଠାରୁ ଭିନ୍ନ ପିଲାଟି ବିଦ୍ୟାଳୟକୁ ଆସିବା ପୂର୍ବରୁ ଘରେ ତା' ପରିବାର, ସାଙ୍ଗସାଥିଙ୍କ ସହ ମିଶି ବିଭିନ୍ନ କାମ କରି ଅନେକ କିଛି ଶିଖିଥାଏ । ତା' ପାଇଁ କୌଣସି ବାଧାବିଘ୍ନ ନ ଥାଏ । ସେ ଖୋଲା ପରିବେଶରେ ପ୍ରଶ୍ନ ପଚାରି, ଖୋଜି, ଅନୁକରଣ କରି ଜିନିଷ ଭାଙ୍ଗି, ଗଢ଼ି ଅନେକ ଶିଖିଥାଏ । ବିଦ୍ୟାଳୟରେ ନାମ ଲେଖାଇବା ମାତ୍ରେ ସେ ହୁଏ ଶିକ୍ଷାର୍ଥୀ ଓ ଆମେ ଶିକ୍ଷକ ଏବଂ ଶୃଙ୍ଖଳାପୂର୍ଣ୍ଣ ଧରାବନ୍ଧା ନୀତି ନିୟମ ଭିତରେ ପିଲାଟିକୁ ବିଦ୍ୟାଳୟରେ ପାଠ ପଢ଼ିବାକୁ ବାଧ କରାଯାଏ । ସେ ପଢୁ ବା ନ ପଢୁ ବା ନ ଶିଖୁ ଆମେ କିନ୍ତୁ ତାକୁ ପଢ଼ାଇବାରେ ଲାଗିପଡୁ । ପିଲାଟିକୁ କିଭଳି ଢ଼ଙ୍ଗରେ ଶିଖେଇଲେ ଶିଖିବ ତାକୁ ତର୍ଜମା କରିବାକୁ ଆମ ପାଖରେ ସମୟ ନାହିଁ । ଯନ୍ତ୍ରବତ୍ ଆମେ କିନ୍ତୁ ପଢ଼େଇ ଚାଲିଯାଉ ।

ବିଦ୍ୟାଳୟରେ ଉତ୍ତମ ଶିକ୍ଷଣୀୟ ପରିବେଶଟିଏ ସୃଷ୍ଟି କଲେ ହିଁ ପିଲାଟି ଆପେ ଆପେ ଶିଖିବା ପାଇଁ ଆଗ୍ରହ ଦେଖାଇବ । ପ୍ରତ୍ୟେକ ପିଲା ସ୍ୱାଭାବିକ ଭାବେ ଶିଖିବା ପାଇଁ ଅଭିପ୍ରେରିତ । ପିଲାମାନେ ଚାହାନ୍ତି ଏପରି ଏକ ଅନୁକୂଳ ବାତାବରଣ ଯେଉଁଠି ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉଥିବ ମନଲାଖି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବ, ନିଜସ୍ୱ ପରିଚିତ ପରିବେଶ କଥା ଶ୍ରେଣୀରେ ଆଲୋଚନା କରାଯାଉଥିବ । ପିଲାଟି କିପରି ଭଲରେ ଶିଖିବ ଅଧିକରୁ ଅଧିକ ଦକ୍ଷତା ଆହରଣ କରିବ ଏହି କଥା ଶିକ୍ଷକମାନଙ୍କୁ ଚିନ୍ତା କରିବାକୁ ପଡ଼ିବ । ଥରେ ପିଲାଟିକୁ ଭଲ ପାଇ ବସିଲେ ସେ କିପରି ଶିଖିବ ତା' ବାଟ ଆମକୁ ଆପେ ଆପେ ମିଳିଯିବ । ବିଦ୍ୟାଳୟର ପରିବେଶ ଯେତେ ଆକର୍ଷଣୀୟ ହୋଇଥାଉ ପଛେ ଯଦି ଶିକ୍ଷକ ପିଲାମାନଙ୍କୁ ହୃଦୟର ସହ ଭଲପାଉ ନାହାନ୍ତି ତେବେ ପିଲାଟି କେବେହେଲେ ବିଦ୍ୟାଳୟକୁ ଆଦରି ପାରିବ ନାହିଁ । ଶିଖିବାଟା ତା'ର ଯନ୍ତ୍ରବତ୍ ହୋଇଯିବ ।

ଶିକ୍ଷକ ଭାବରେ ଆମକୁ ଧ୍ୟାନ ଦେବାକୁ ହେବ ପିଲାଏ ଖୁସିରେ ଶିଖିବା ପାଇଁ ଏକ ସ୍ୱାଧୀନ, ନିର୍ଭୟ ଶିକ୍ଷଣ ଅନୁକୂଳ ପରିବେଶର ଆବଶ୍ୟକତା ରହିଛି । ସ୍ୱାଧୀନ, ନିର୍ଭୟ ଶିକ୍ଷଣ ଅନୁକୂଳ ପରିବେଶଟିଏ ସୃଷ୍ଟି କରିବାକୁ ହେଲେ ଆମକୁ ସେମାନଙ୍କ ଆଗ୍ରହ, ରୁଚି, ପସନ୍ଦ ପାରିବାରିକ ସ୍ଥିତି ଇତ୍ୟାଦି ବିଷୟରେ ଧାରଣା ରଖିବାକୁ ପଡ଼ିବ । ପିଲାଟିକୁ ଥରେ ଭଲ ପାଇ ବସିଲେ ସବୁ କିଛି ସମ୍ଭବ, ଖୁସିରେ ଶିଖିବା ମଧ

ପ୍ରତ୍ୟେକ ପିଲାକୁ ତା'ର ନିଜସ୍ୱ ଢଙ୍ଗରେ ନିଜ ସାମର୍ଥ୍ୟ ଅନୁଯାୟୀ ଶିଖିବାର ସୁଯୋଗ ଦେବାକୁ ହେବ । ଶିକ୍ଷକ ନିଜକୁ ପିଲାର ସହପାଠୀ ବୋଲି ଧାରଣାଟିଏ ସୃଷ୍ଟି କରିବା ଦରକାର । ପିଲା ତା'ର ଖେଳକୁଦ, ପଢ଼ାପଢ଼ି, କଥାବର୍ତ୍ତା ସବୁକୁ

ନିଃସଂକୋଚରେ ଶିକ୍ଷକଙ୍କ ସହିତ କରିପାରିବା ଦରକାର । ନିର୍ଭୟରେ ପ୍ରଶ୍ନ ପଚାରି ପାରୁଥିବ । ଅନୁଶାସନ ନାଁରେ ଶୃଙ୍ଖଳାର କଡ଼ା ନୀତିନିୟମ ନଥିବ । ସହନଶୀଳତା, ସହଭାଗିତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପିଲାଟି ଖୁସିରେ ଶିଖେ ଏବଂ ଭଲ କଥା ଶିଖେ । ପିଲାମାନଙ୍କୁ ଭୁଲ କରିବାର ସୁଯୋଗ ଦେବା ଉଚିତ । ପିଲା ଭୁଲରୁ ହିଁ ଅନେକ ଜିନିଷ ଶିଖିଥାଏ ।

ପ୍ରତ୍ୟେକ ପିଲାର ଏକ ଖୁସି ରହିଛି ଏବଂ ସେ ଖୁସିରେ ରହିଲେ ତା' ମନରେ ଆଗ୍ରହ ସୃଷ୍ଟି ହେବ । ତା ପରେ ସେ ଅନେକ କଥା ଆପେ ଆପେ ଶିଖିଯିବ । ଏହା ପରେ ତା'ର ସ୍ୱାଭାବିକ ଶକ୍ତିର ବିକାଶ ହେବ । ଆପଣାର ସାମର୍ଥ୍ୟଗୁଡ଼ିକୁ ଆବିଷ୍କାର କରି ପାରିବ । କାମକୁ ଭଲ ପାଇ ଶିଖିବା ସହିତ ସୃଜନାତ୍ମକ ପ୍ରଣାଳୀରେ କାମ କରିବ । ଏଥିପାଇଁ ଉତ୍ତମ ପରିବେଶର ଆବଶ୍ୟକତା ରହିଛି । ଯଥା- ବିଦ୍ୟାଳୟରେ ପାଠାଗାର, ଖେଳ ପଡ଼ିଆ, ବିଜ୍ଞାନାଗାର, ଭାଷାଗାର ଏବଂ ଆଉ କିଛି ମୌଳିକ ସୁବିଧା ।

ଶିକ୍ଷକ ପିଲାଙ୍କୁ ହୃଦୟରେ ଭଲ ପାଇବା ସହିତ ପିଲାର ବିଶ୍ୱାସଭାଜନ ହେବା ଦରକାର । ଶିକ୍ଷକଙ୍କ କଥା ଓ କାମ ପିଲାକୁ ଭଲ ଲାଗୁଥିବ ଏବଂ ଆନନ୍ଦ ଦେଉଥିବ । ପିଲାର ଭଲ ପାଇଁ ତା ଉପରେ ବିରକ୍ତ ନ ହୋଇ ଶାସ୍ତି ନ ଦେଇ ବରଂ ପୁନର୍ବାର କାମ କରିବା ପାଇଁ ନିରନ୍ତର ଉତ୍ସାହିତ କରୁଥିବେ ।

ସର୍ବୋପରି ପିଲାର ଶାରୀରିକ, ମାନସିକ, ଆବେଗିକ ଓ ସାମାଜିକ ଅବସ୍ଥା ଭଲ ରହିଲେ ପିଲା ଖୁସି ହେବ ଏବଂ ଖୁସି ପିଲାର ବୌଦ୍ଧିକ ବିକାଶରେ ସହାୟକ ହେବ ।

-0-

ସଭାପତି,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାଜସୁନାଖଳା

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଫେବୃଆରୀ-ମାର୍ଚ୍ଚ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍‌ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

**ଶିକ୍ଷାସୃଜନୀ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**
**ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦**
**Whatsapp No. :- 8895461378, 9437740566**
**E-Mail :- shikshasrujanee@gmail.com**

ସକଳ ଦେହେ ନାରାୟଣ । ବସନ୍ତି ଅନାଦି କାରଣ ।।

**ଆମ ମହାପୁରୁଷ**

# ସହିଦ ଲକ୍ଷ୍ମଣ ନାୟକ

ଶ୍ରୀଯୁକ୍ତ ଗୋପାଳକୃଷ୍ଣ ପଣ୍ଡା



ଜନ୍ମଭୂମି ଭାରତବର୍ଷରେ ଯେଉଁ ଦେଶଭକ୍ତ, ସ୍ୱାଧୀନତା ସଂଗ୍ରାମୀ ପଦାର୍ପଣ କରି ଭାରତମାତାର ସୁରକ୍ଷା ନିମନ୍ତେ ପ୍ରାଣବଳି ଦେଇଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ ଅନ୍ୟତମ ।

ପୁଣ୍ୟଭୂମି ଓଡ଼ିଶା ରାଜ୍ୟର ଅବିଭକ୍ତ କୋରାପୁଟ ଜିଲ୍ଲା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ଦିନ ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ । ଲକ୍ଷ୍ମଣ ନାୟକଙ୍କ ପିତାପଦଲାମ ନାୟକ ଓ ମାତା ସମାରି ନାୟକ । ଲକ୍ଷ୍ମଣ ନାୟକ, ପିତା ମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । ବଡ଼ପୁଅ ସନିଆ ନାୟକ ଓ ସାନପୁଅ ଧନ ନାୟକ । ପଦଲାମ ନାୟକ ଜାତିରେ ବୀର ଭୂମିୟା ଏବଂ ତାଙ୍କର ଜୀବିକା ଥିଲା ଚାଷ । କୋରାପୁଟ ରାଜା ତୃତୀୟ ବିକ୍ରମ ଦେବ ପଦଲାମ ନାୟକଙ୍କୁ ମୁସ୍ତାଦାର ବା ନାୟକ ପଦରେ ନିଯୁକ୍ତ କରିଥିଲେ । ନାୟକଙ୍କ ଦାୟିତ୍ୱ ଖଜଣା ଆଦାୟ କରିବା । ତେନ୍ତୁଳିଗୁମ୍ମା ନିକଟରେ ବିଦ୍ୟାଳୟ ନ ଥିବା ହେତୁ କୋଲାବ ନଦୀକୂଳର ବାଲିପଠାକୁ ସିଲଟ ଭାବେ ବ୍ୟବହାର କରି ଲକ୍ଷ୍ମଣ ନାୟକ ପିତାଙ୍କ ଠାରୁ ଅକ୍ଷର ଶିକ୍ଷା କରିଥିଲେ । ସେ ଉଭୟ ଓଡ଼ିଆ ଓ ତାଙ୍କର ପ୍ରଚଳିତ ଦେଶିଆ ଭାଷା କହୁଥିଲେ । ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଗୁଣିଆ ଓ ଦିଶାରୀ ବୃତ୍ତିରେ ପାରଙ୍ଗମ ଥିଲେ । ୧୯ ବର୍ଷ ବୟସରେ ସେ ସାନଗୁମ୍ମା ଗ୍ରାମର ଘାସି ଭୂମିୟାଙ୍କ କନ୍ୟା ମଙ୍ଗୁଳି ଭୂମିୟାଙ୍କୁ ବିବାହ କରିଥିଲେ । ୧୯୩୦ ମସିହାରେ ପିତା ପଦଲାମ ଅବସର ନେବା ପରେ ଲକ୍ଷ୍ମଣ ନାୟକ ଜୟପୁର ରାଜାଙ୍କ ମୁସ୍ତାଦାର ଭାବେ ନିଯୁକ୍ତ ହେଲେ । ସେହି ଦିନଠାରୁ ଲକ୍ଷ୍ମଣ ଭୂମିୟାରୁ ଲକ୍ଷ୍ମଣ ନାୟକ ଭାବେ ପରିଚିତ ହେଲେ । ତେନ୍ତୁଳିଗୁମ୍ମା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ଯୋଗୁଁ ସେ ମାଲକାନଗିରିର ଗାନ୍ଧୀ ଭାବେ ପ୍ରସିଦ୍ଧ ।

ମହାତ୍ମାଗାନ୍ଧୀଙ୍କ ଡାକରାରେ ହୋଇଥିବା ଅସହଯୋଗ ଆନ୍ଦୋଳନ ସମୟରେ କୋରାପୁଟ ଜିଲ୍ଲାର ଗୁଣପୁର, ରାୟଗଡ଼ାରେ ଗୁମ୍ମା ଗରବା ମେଳି ସଂଘଟିତ ହୋଇଥିଲା । ଏହି ମେଳି ଆଦିବାସୀମାନଙ୍କ ମଧ୍ୟରେ ବହୁଳ ଭାବେ ବନ୍ଧୁକର ପ୍ରସାର ଘଟିଥିଲା । ଲକ୍ଷ୍ମଣ ନାୟକଙ୍କ ସ୍ଥାନ ମାଲକାନଗିରି ଓ ଆନ୍ଧ୍ରପ୍ରଦେଶ ପାର୍ବତ୍ୟାଞ୍ଚଳରେ ଅନୁଷ୍ଠିତ ହୋଇଥିଲା । ଏହି ମେଳିରେ ଯୋଗଦାନ କରିଥିବା କକୁର୍କୋଣ୍ଡିଆ ଗ୍ରାମର କୋୟା ଯୁବକ ଚନ୍ଦ୍ର କୋଟିଆଙ୍କ ସଂସ୍ପର୍ଶରେ ଲକ୍ଷ୍ମଣ ଆସି ତାଙ୍କଠୁ ବନ୍ଧୁକ ଚାଳନା ଶିକ୍ଷା କରିଥିଲେ ଏବଂ ନିଜ ଅଞ୍ଚଳରେ ସଶସ୍ତ୍ର ବିପ୍ଳବ ନିମନ୍ତେ ପରିକଳ୍ପନା କଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଲକ୍ଷ୍ମଣ ନାୟକ ବ୍ୟକ୍ତିଗତ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ଜେଲ୍ ଦଣ୍ଡ ପାଇଥିଲେ ।

୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ବମ୍ବେ ଅଧିବେଶନରେ କଂଗ୍ରେସ ଇଂରେଜ ସରକାର ଭାରତଛାଡ଼ ପ୍ରସ୍ତାବ ପାଶ କରିଥିଲା । ଗୁପ୍ତରେ ସମ୍ବାଦ ପାଇବା ପରେ ଲକ୍ଷ୍ମଣ ନାୟକ ବଳରାମ ପୂଜାରୀଙ୍କ ଦ୍ୱାରା ଜୟପୁରରୁ ଆସିଥିଲା ନିର୍ଦ୍ଦେଶ 'କର ବା ମର'କୁ ଆଦିବାସୀ ଭାଷାରେ ତୋର୍ ବୁତା ତୁଇ କର ନ ହେଲେ ମର ନୀତିକୁ ଗ୍ରହଣ କରି ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଲଢ଼େଇର ବାର୍ତ୍ତା ପ୍ରଚାର କଲେ । ୧୯୪୨ ମସିହା ଅଗଷ୍ଟ

ସେ ନାରାୟଣ ଦେହଗତେ । ବସନ୍ତି ଭାବ ଅନୁମତେ ।।

୨୧ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ । ଅହିଂସାପୂର୍ଣ୍ଣ ଭାବେ ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା ତାଙ୍କର ଲକ୍ଷ୍ୟ ଥିଲା । ଏହି ଆନ୍ଦୋଳନର ଦମନ ନିମନ୍ତେ ପୋଲିସ କର୍ମୀମାନଙ୍କ ଉପରେ ଲାଠିମାଡ଼ ହେବା ସହ ଲକ୍ଷ୍ମଣନାୟକଙ୍କୁ ଦେଖିଲା ଭଳି ଅଲଗା ସ୍ଥାନକୁ ନେଇ ନିସ୍ତୁକ ମାଡ଼ ମାରି ତାଙ୍କର ନିଶ ଉପାଡ଼ି ନିଆଁ ଲଗାଇଦେଲେ ।

ଲକ୍ଷ୍ମଣ ନାୟକ ବନ୍ଧୁକର ବୟୋନେଟ୍ ମାଡ଼ରେ ବେହୋସ୍ ହୋଇଗଲେ । ଲକ୍ଷ୍ମଣ ନାୟକଙ୍କ ଉପରେ ଏତାଦୃଶ ଅତ୍ୟାଚାର ପରେ ମଧ କର୍ମୀଗଣ ନିଜର କର୍ତ୍ତବ୍ୟ ପଥେ ଅଟଳ ଥିବା ଯୋଗୁଁ ପୋଲିସ୍ ଗୁଳି ଚାଳନା ଆରମ୍ଭ କଲେ । ଥାନା ଉପରେ ପତାକା ଧରି ଉଡ଼େଇବାକୁ ଚଢ଼ିଥିବା ଲିଙ୍ଗ ଭୂମିୟା ଓ ନକୁଳ ମାଡ଼କାମୀ ପୋଲିସ୍‌ର ଗୁଳିରେ ମୃତ୍ୟୁବରଣ କରିଥିଲେ । ଏହି ଗୁଳିକାଣ୍ଡରେ ମାତାଲ୍ ଅବସ୍ଥାରେ ଥିବା ଫରେଷ୍ଟ ଗାର୍ଡ଼ ଜି.ରାମେୟାର ମୃତ୍ୟୁ ହେଲା ।

ଆନ୍ଦୋଳନକୁ ଦମନ କରିବା ପରେ ପୋଲିସ୍ ଲକ୍ଷ୍ମଣନାୟକଙ୍କ ଅଚେତ ଶରୀରକୁ ମୃତ ଭାବି ନିକଟସ୍ଥ ନାଳକୁ ଫୋପାଡ଼ି ଦେଲେ । ଚେତା ଫେରିବା ପରେ ଲକ୍ଷ୍ମଣ ନାୟକ ପରିସ୍ଥିତି ବୁଝିପାରିଲେ । ଦୁର୍ଗମ ବଣ ରାସ୍ତା ମଧ ଦେଇ ଜୟପୁରରେ ପରବର୍ତ୍ତୀ ନିର୍ଦ୍ଦେଶ ପାଇଁ ପହଞ୍ଚିଲେ । ପରଦିନ ଲକ୍ଷ୍ମଣ ନାୟକଙ୍କ ଶବ ନ ପାଇ ପୋଲିସ୍ ତାଙ୍କୁ ଫେରାର ଘୋଷିତ କରି ଫରେଷ୍ଟଗାଡ଼ ଜି.ରମେୟାଙ୍କ ହତ୍ୟା ଅଭିଯୋଗରେ ବନ୍ଦୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କଲେ । ଫୋଲିସର ଗିରଫ ପରୱାନା ପରେ ଲକ୍ଷ୍ମଣ ନାୟକ ଆତ୍ମଗୋପନ କରିଥିଲେ ମଧ ଲୋକଙ୍କ ଉପରେ ଅତ୍ୟାଚାର ହେଉଥିବା କଥା ଶୁଣି ସେ ନିଜ ଗ୍ରାମ ତେନ୍ତୁଳିଗୁମ୍ମାକୁ ପ୍ରତ୍ୟାବର୍ତ୍ତନ କଲେ । ୧୯୪୨ ମସିହା ସେପ୍ଟେମ୍ବର ମାସ ଦୁଇ ଦିନ ଲକ୍ଷ୍ମଣ ନାୟକ ଓ ତାଙ୍କ ପୁତ୍ର ରଘୁନାଥ ଏବଂ ସାନଗୁମ୍ମାର ଜନସିଂ ପୂଜାରୀଙ୍କୁ ଗିରଫ କଲେ । କୋରାପୁଟର ଅତିରିକ୍ତ ସେସନ୍ସ ଜଜ ଭି. ରାମନାଥଙ୍କ କୋର୍ଟରେ ବିଚାର କରାଯାଇ ଜୀ. ରମେୟାଙ୍କ ଦଙ୍ଗା ଅଭିଯୋଗରେ କୋରାପୁଟର ଅତିରିକ୍ତ ସେସନ୍ସ ଜର୍ଡ଼. ରାମନାଥାଙ୍କ କୋର୍ଟରେ ବିଚାର କରାଯାଇ ଘି. ରମେୟାଙ୍କ ହତ୍ୟା ଅଭିଯୋଗରେ ଲକ୍ଷ୍ମଣନାୟକଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା । ବିଚାର ପରେ ତାଙ୍କୁ କୋରାପୁଟ ଜେଲ୍‌ରୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା । ସେଠାରେ ଥିବା ଅନ୍ୟ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ଚେଷ୍ଟାରେ ପାଟଣା ହାଇକୋର୍ଟରେ ଅପିଲ୍ କରାଯାଇଥିଲେ ମଧ ତାହା ଖାରଜ ହୋଇଥିଲା । ୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖରେ ଲକ୍ଷ୍ମଣନାୟକଙ୍କୁ ଫାଶୀ ଦିଆଯାଇଥିଲା ।

"ହେ ଦେଶପ୍ରେମୀ ସହିଦ ଲକ୍ଷ୍ମଣ ନାୟକ
ପୁଣ୍ୟ ଓଡ଼ିଶା ମାଟିର ରଖିଗଲ ଟେକ
ଚିର ଅମ୍ଳାନ, ତୁମକୁ ଝୁରୁଛନ୍ତି ଲୋକ
ଦେଶ ପାଇଁ ଫାଶୀ ଖୁଣ୍ଟେ ଝୁଲାଇଲ ବେକ' ।

**ଶିକ୍ଷା ସୃଜନୀ, ଦକ୍ଷିଣ ସଂଭାଗ ପ୍ରତିନିଧି**
**କଳାହାଣ୍ଡି ବିଭାଗ**

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ ଓ ଭଗିନୀ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ୱାଟସ୍‌ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ ଯେକୌଣସି ସ୍କାନର ଆପ୍ ଲୋଡ଼ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲ କ୍ୟାମେରାରେ ଫଟୋ ଉଠାଇ କେବେବି ଇ-ମେଲ୍ /ୱାଟସ୍‌ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

ଏ ଭାବେ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ।।

**ଆମ ମହାପୁରୁଷ**

# ସହିଦ ବାଳକ ବାଜି ରାଉତ

ଶ୍ରୀଯୁକ୍ତ ମାନସ ରଞ୍ଜନ ଜେନା



"କାପୁରୁଷ ପରି ମରିବା ଜଗତେ ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ ସେହି ଏକା ସୁପୁରୁଷ ।"

ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ରଚିତ ଉପର୍ଯ୍ୟୁକ୍ତ ପଂକ୍ତିଟି ସହିଦ ବୀର ବାଳକ ବାଜି ରାଉତଙ୍କୁ ମନେ ପକାଇ ଦିଏ ।

ବାର ବର୍ଷର ଜୀବନ ଅବଧି ମଧ୍ୟରେ ଯିଏ ଶତ ସିଂହର ବଳ ନେଇ ସମଗ୍ର ଭାରତୀୟ ଜନଜ ବନକୁ ସ୍ୱାଧୀନତା ସଂଗ୍ରାମ ପାଇଁ ଅନୁପ୍ରାଣିତ ଓ ଅନୁପ୍ରେରିତ କରିଥିଲେ ବିଶ୍ୱର ସେହି ସର୍ବ କନିଷ୍ଠ ସହିଦ ଯୋଦ୍ଧା ବୀର ବାଳକ ବାଜି ରାଉତ ଯାହାଙ୍କର ଜୀବନ ଗାଥା ଆଜି ବି ପ୍ରେରଣାପ୍ରଦ ।

୧୯୨୬ ମସିହା ଅକ୍ଟୋବର ମାସ ୫ ତାରିଖରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ପିତା ହରି ରାଉତ ଓ ମାତା ରାନିଆ ରାଉତଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ ବାଜି ରାଉତ । ଶୈଶବରେ ନିଜ ପିତାଙ୍କୁ ହରାଇ ସେ ହୋଇଥିଲେ ପିତୃହରା । ତାଙ୍କର ମାତା ତାଙ୍କୁ ବହୁ ଅଭାବଅସୁବିଧା ଓ ଦୁଃଖକଷ୍ଟରେ ଲାଳନପାଳନ କରିଥିଲେ । ବାଜି ରାଉତଙ୍କ ଡାକ ନାମ ଥିଲା ବାଜିଆ ।

ସେତେବେଳେ ସାରା ଭାରତବର୍ଷ ଇଂରେଜମାନଙ୍କ ଅଧୀନରେ ଥିଲା । ଓଡ଼ିଶାର ଗଡ଼ଜାତ ରାଜାମାନେ ଇଂରେଜମାନଙ୍କ ସହ ମିଶି ଅକଥନୀୟ ଅତ୍ୟାଚାର ଓ ଶୋଷଣ ଚଳାଇ ଥାଆନ୍ତି । ସେତେବେଳେ ଢେଙ୍କାନାଳର ରାଜା ଥିଲେ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୁର । ଢେଙ୍କାନାଳବାସୀଙ୍କ ଉପରେ ତାଙ୍କର ଅତ୍ୟାଚାର ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ବାଜିଆ ନିହାତି ଏକ ଗରୀବ ପରିବାରରେ ବଢୁଥିଲା । ବ୍ରାହ୍ମଣୀ ନଦୀ କୂଳରେ ଜନ୍ମ ଲାଭ କରିଥିବାରୁ ସେ ବ୍ରାହ୍ମଣୀ ନଦୀକୁ ନିଜର ମାଆ ପରି ମନେ କରୁଥିଲା । ଦାରିଦ୍ର୍ୟର କଷାଘାତରୁ ରକ୍ଷା ପାଇବା ପାଇଁ ବାର ବର୍ଷର ବାଜିଆ ନିଜ ପିତାଙ୍କର କୌଳିକ ବୃତ୍ତି ନୌକା ଚାଳନାକୁ ଆପଣେଇ ନେଇଥିଲା । ଦିନକୁ ଦିନ ରାଜାଙ୍କର ଅମାନୁଷିକ ଅତ୍ୟାଚାର ସହି ନ ପାରି ପ୍ରଜାମାନେ ମେଳି କରି ଗଠନ କରିଥିଲେ ପ୍ରଜାମଣ୍ଡଳ । ଏହି ପ୍ରଜାମଣ୍ଡଳର ଏକ ସକ୍ରିୟ ସଭ୍ୟ ହରମୋହନ ପଟ୍ଟନାୟକ ଇଂରେଜମାନଙ୍କ ଅନ୍ୟାୟ ଅତ୍ୟାଚାର ଓ ଗଡ଼ଜାତ ରାଜ୍ୟମାନଙ୍କର ଶୋଷଣ ବିରୋଧରେ ଏକ ସଭାର ଆୟୋଜନ କରିଥିଲେ । ଏହି ସଭାରେ ଦେଶପ୍ରେମୀ ଶ୍ରୀମାନ ବୈଷ୍ଣବ ଚରଣ ପଟ୍ଟନାୟକ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ଆଉ କହିଥିଲେ, "ଏଠାରେ ଉପସ୍ଥିତ ଥିବା ସମସ୍ତ ଦେଶପ୍ରେମୀ ଭାଇଭଉଣୀମାନଙ୍କୁ ମୋର ପ୍ରଣାମ । ମାଟି ମାଆ ପାଇଁ ନିଜର ଅଧିକାର ପାଇଁ ଏଠାରେ ଉପସ୍ଥିତ ହୋଇଥିବାରୁ ସମସ୍ତଙ୍କୁ ମୋର ଧନ୍ୟବାଦ । ଆମର ଆଦରର ଗାନ୍ଧିଜୀ ଓ ଅନେକ କ୍ରାନ୍ତିକାରୀଙ୍କୁ ନେଇ ୧୯୩୦ ମସିହାରେ ଆରମ୍ଭ ହୋଇଥିଲା ଲବଣ ସତ୍ୟାଗ୍ରହ । ଏହି ଆନ୍ଦୋଳନ ଆଜକୁ ୮ ବର୍ଷ ପୂରିଥିଲେ ମଧ୍ୟ ଆଜି ବି ଇଂରେଜ ସରକାର ଲୁଣ ପାଇଁ ୨ ଗୁଣ କର ଆଦାୟ କରୁଛି । ଏ ସମୁଦ୍ର ଆମର । ଲୁଣ ମାରିବାର ଅଧିକାର ଆମର । ହେଲେ ଆମର ଅଧିକାର ଆମଠାରୁ ଛଡ଼ାଇ ନିଆଯାଇଛି । ଏଥିପାଇଁ କିଏ ଦାୟୀ ? କ'ଣ କେବଳ ଇଂରେଜ ସରକାର ! ବଡ଼ ଦୁଃଖର କଥା ଯେଉଁ ରାଜାମାନଙ୍କୁ ଆମେ ମୁଣ୍ଡରେ ମୁଣ୍ଡାଇଛେ ସେମାନେ

**ଈଶ୍ୱରଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁଠାରେ ।।**

ବି କମ୍ ନୁହଁନ୍ତି । ଆମେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ କରୁଛେ । ହେଲେ ସେହି ଫସଲକୁ କର ଆକାରରେ ରାଜା ଆମଠାରୁ ଛଡ଼ାଇ ନେଉଛନ୍ତି । ସେ କିପରି ଆମର ବାପା ମାଆ ? କ'ଣ ଏହି ଅନ୍ୟାୟର ଶେଷ ନାହିଁ ? ଆମେ ନିଜ ନିଜ ସ୍ୱାଭିମାନ ପାଇଁ ଲଢ଼ିବା, ନିଜ ଅଧିକାର ପାଇଁ ଲଢ଼ିବା । ସମସ୍ତଙ୍କୁ ମୋର ଅନୁରୋଧ ସମସ୍ତେ ପ୍ରଜାମଣ୍ଡଳରେ ଯୋଗ ଦିଅନ୍ତୁ ।" ଏହି ଉଦ୍‌ବୋଧନରେ ଉଦ୍‌ଭାସିତ ହୋଇଥିଲା ବାର ବର୍ଷର ବାଜିଆ । ସଙ୍ଗେ ସଙ୍ଗେ ତା' ମୁଖରୁ ବାହାରି ଆସିଥିଲା ଭାରତ ମାତା କି ଜୟ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇ ପଚାରିଥିଲେ, ବାପା କ'ଣ ହେଲା ? ସଙ୍ଗେ ସଙ୍ଗେ ବାଜିଆ କହିଥିଲା, "ମୁଁ ବାନର ସେନାରେ ଯୋଗ ଦେବାକୁ ଚାହେଁ" ତେବେ କାଲିଠାରୁ ଆସି ଯୋଗ ଦେବାକୁ ସୂଚନା ମିଳିଲା । ବାଜିଆ ବାନର ସେନାରେ ଯୋଗ ଦେବା ପରେ ଲାଠି ଚାଳନା ଶିଖିବା ସହିତ ଗୋଇନ୍ଦା ଗିରି ଆରମ୍ଭ କରିଦେଲା ।

ବାନର ସେନାର ନେତୃତ୍ୱ ନେଇ ସେଦିନ ରାତ୍ରିରେ ଘାଟ ଜଗିବା ପାଳି ନିଜେ ନେଇଥିଲା । କାରଣ ସେ ଜାଣି ଥିଲା ଯେ, କୌଣସି ପୋଲ ନ ଥିବା କାରଣରୁ ଇଂରେଜମାନେ ଡଙ୍ଗା ସାହାଯ୍ୟରେ ନୌକା ପାର ହୋଇ ଆସି ଆକ୍ରମଣ କରିବାର ଯୋଜନା କରିଛନ୍ତି । ବାଜିଆ ଦୃଢ଼ ସଙ୍କଳ୍ପ କରିଥିଲେ କୌଣସି ପରିସ୍ଥିତିରେ ସେ ଇଂରେଜମାନଙ୍କୁ ନଦୀ ପାର ହେବାକୁ ଦେବ ନାହିଁ ।

ଇଂରେଜମାନେ ଯେତେବେଳେ ନଦୀ ପାର ହେବା ପାଇଁ ଅନୁରୋଧ କରିଥିଲେ ସେତେବେଳେ ବାଜି ରାଉତ ମନା କରି ଦେଇଥିଲେ । ଶେଷରେ ନିଷ୍ଠୁର ଇଂରେଜମାନଙ୍କ ଗୁଳିରେ ବୀରଗତି ପ୍ରାପ୍ତ କରିଥିଲେ ବାଜି ରାଉତ ।

ରକ୍ତ ରଞ୍ଜିତ ମାଟି ମାଆ ବକ୍ଷ
ବୀର ପୁତ୍ର ଜନନୀର
ଶତ୍ରୁ ରକତେ ଖେଳିଥିଲେ ହୋରି
ବଳି ଦେଇ ନିଜ ଶିର
ସେ ଅମର ଗାଥା ଏବେ ବି ଶୁଣାଏ
ଇତିହାସ ଏ ମାଟିର
ଏ ମାଟିର ଇତିହାସ ।

ସେ ଦିନ ଥିଲା ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖର କାଳରାତ୍ରୀ । ଇଂରେଜ ଗୁଳି ଚୋଟରେ ପ୍ରାଣବଳି ଦେଇ କଟକର ଖାନନଗର ଶ୍ମଶାନରେ ପାଉଁଶ ହୋଇ ମାଟିରେ ମିଶିଯାଇଛି ଦେଶପ୍ରେମୀ ବିଶ୍ୱର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ମର ଶରୀର । ସେ ଦିନ ସେହି ଶ୍ମଶାନ ମାଟିରେ ଜଳୁଥିଲା ଚିତାଗ୍ନି । ସେହି ଚିତାଗ୍ନି ଲେଲିହାନ ଅଗ୍ନି ଶିଖା ମିଳାଇ ଯାଉଥିଲା ଶୂନ୍ୟରେ ମହାଶୂନ୍ୟରେ । ଚିତା ଉପରେ ଶୋଇଥିବା ବାର ବର୍ଷର ବାଳିକଟିଏ । ଶେଷ ବିଦାୟ ଦେବା ପାଇଁ ଚିତା ଚାରିପାଖେ ରୁଣ୍ଡ ହୋଇଥିଲେ ଅନେକ ଲୋକ । କିଏ ଏହି ବାଳକ ? ଯାହାଙ୍କ ପାଇଁ କବି ସଚ୍ଚିରାଉତଙ୍କ ଲେଖନୀମୁନରୁ ଝରି ଆସିଥିଲା କବିତା-

'ନୁହେଁ ବନ୍ଧୁ ନୁହେଁ ଇଏ ଚିତା
ଏ ଦେଶ ତିମିର ତଳେ
ଏ ଅଳିଭା ମୁକତି ସଳିତା
ନୁହେଁ ଏହା ଜଳି ଯିବା ପାଇଁ
ଏହାର ଜୀବନ ଏଠି
ଜାଳି ପୋଡ଼ି ଦେବାକୁ ଧସାଇ"

ଏ ବାଳକ ଆଉ କେହି ନୁହେଁ, ଏ ମାଟିର ସନ୍ତାନ ବାଜି ରାଉତ । ସେ ତ ବାଳକ ନୁହେଁ, ସେ ଝଡ଼ ଠାରୁ ଆହୁରି ବିରାଟ । ମେଘ ଠାରୁ ଆହରି ସେ କଳା । ସେହି ଛୋଟିଆ ଦେହରେ ତା'ର ଚମକି ଉଠିଥିଲା ଅନିର୍ବାଣ ବିଦ୍ୟୁତର ଝଲକ । ସେ ଆଉ କେହି ନୁହେଁ ସେ ହେଉଛନ୍ତି ଭାରତ ମାତାର ସୁଯୋଗ୍ୟ ସନ୍ତାନ ବାଜି ରାଉତ ।

ଉତ୍କଳ ଜନନୀ ଏବେ ସେହି ଯୋଗଜନ୍ମା ସନ୍ତାନଙ୍କର ଅମୃତ ମହୋତ୍ସବ ପାଳନ ଅବସରରେ ସେହି ଅମୃତ ସନ୍ତାନକୁ କୋଟି କୋଟି ପ୍ରଣାମ ଜଣାଉଛି । କରିବାକୁ ଯାଉଅଛି ଏବଂ ଆଶା କରୁଛି ଯେ, ଗରିମାମୟ ହୃତଗୌରବର ଇତିହାସର ପୁନରାବୃତ୍ତି ଘଟୁ ।

**ମଧ୍ୟ ସଂଭାଗ ପ୍ରତିନିଧି,**
**ଶିକ୍ଷାସୃଜନୀ**

କରୁଣା ଅଜ୍ଞାନ ଲୋକରେ । କରେ ଉପେକ୍ଷା ଶତ୍ରୁଠାରେ ।।

**ଅନାଲୋଚିତ ସ୍ୱତନ୍ତ୍ରତା ସଂଗ୍ରାମୀ**

# 'ବାଲିପୁଟର ଗାନ୍ଧୀ- ସଂଗ୍ରାମୀ ଗୋବିନ୍ଦ ତ୍ରିପାଠୀ'

ଶ୍ରୀଯୁକ୍ତ ମନୋରଞ୍ଜନ ମିଶ୍ର

ପିତା ଅବକାଶ ତ୍ରିପାଠୀ ମାତା ମୁକୁତା ଦେବୀଙ୍କ କୋଳମଣ୍ଡନ କରି ୧୯୨୦ ମସିହା ଅକ୍ଟୋବର ୪ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ତ୍ରିପାଠୀ ପୁରୀର ବାଲିପୁଟ ଗାଁର ଜନ୍ମ ଗ୍ରହଣ କରିଥିଲେ । ପିତା ନିଜ ଗାଁ ର 'ମହୀପ୍ରକାଶ' ମଠରେ ସିରସ୍ତାଦାର କାମ କରି ସ୍ୱଳ୍ପ ଆୟରେ ଘର ଚଳାଉଥିଲେ । ଗାଁ ବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ କରିଥିଲେ ଗୋବିନ୍ଦ । ୧୯୩୨ ମସିହା ଚାରିଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୃତ୍ତି ପାଇବା ପରେ ବିଶ୍ୱନାଥ ମଧ ଇଂରାଜୀ ବିଦ୍ୟାଳୟ(ବର୍ତ୍ତମାନର ଭାର୍ଗବୀ ହାଇସ୍କୁଲ୍)ରୁ ସପ୍ତମ ଶ୍ରେଣୀ ବୃତ୍ତିଲାଭ କରିଥିଲେ । ୧୯୩୯ରେ ପୁରୀ ଜିଲ୍ଲା ସ୍କୁଲ୍‌ରେ ପ୍ରଥମ ଓ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।

ପଠନପ୍ରିୟ ଓ ଗମ୍ଭୀର ସ୍ୱଭାବର ଛାତ୍ର ଗୋବିନ୍ଦଙ୍କ ପ୍ରିୟସ୍ଥାନ ଥିଲା ମଙ୍ଗୁ ମଠ, ରଘୁନନ୍ଦନ ପାଠାଗାର ଓ ଚନ୍ଦ୍ରଶେଖର ପାଠାଗାର । ଛାତ୍ର ଗୋବିନ୍ଦ ପୁରୀ ଜିଲ୍ଲା ସ୍କୁଲ୍ ଛାତ୍ର ସଂଘର ସକ୍ରିୟ କର୍ମୀ ରୂପେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ସାଧନା ପୀଠ ପୁରୀ ମଙ୍ଗୁ ମଠର ମହନ୍ତ କୃପାରାମ ଦାସ ଓ ବିଦ୍ୟାର୍ଥୀଶାଳାର ସ୍ୱାଧୀନତା ସଂଗ୍ରାମ ମନ୍ତ୍ରଣାକକ୍ଷର ଅନ୍ୟତମ ରଥୀ ଥିଲେ ଛାତ୍ର ଗୋବିନ୍ଦ । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର 'ତପ୍ତ ଶଯ୍ୟା' ରୂପେ ମଙ୍ଗୁ ମଠ ସୁପରିଚିତ ଥିଲା । ଉତ୍କଳମଣିଙ୍କ ମାମୁ ଘର ଗାଁ ବାଲିପୁଟରେ ଛାତ୍ର ଗୋବିନ୍ଦ ଭେଟ ହୁଅନ୍ତି ଦାସେ ଆପଣେଙ୍କ ସହ । ଛାତ୍ର ଗୋବିନ୍ଦଙ୍କ ଜୀବନ ଦେଶପ୍ରେମ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିଲା । ପୁରୀ ନାଗରିକ କମିଟି ତରଫରୁ ସୁଭାଷଚନ୍ଦ୍ର ବୋଷଙ୍କ ସ୍ୱାଗତ ସଭାରେ ଛାତ୍ର ଗୋବିନ୍ଦ ନେତୃତ୍ୱ ନେଇଥିଲେ । ୧୯୩୮ ଢେଙ୍କାନାଳ "ପ୍ରଜା ଆନ୍ଦୋଳନ" ଓ କଟକ ମେଡ଼ିକାଲ ଧର୍ମଘଟ ସମର୍ଥନରେ ପୁରୀ ଜିଲ୍ଲା ସ୍କୁଲ୍ ଆନ୍ଦୋଳନରେ ଛାତ୍ର ଗୋବିନ୍ଦଙ୍କ ଭୂମିକା ସାଥୀ ଓ ଶିକ୍ଷକମାନଙ୍କୁ ଚକିତ କରିଥିଲା । ଛାତ୍ର ଗୋବିନ୍ଦ ମାଟ୍ରିକ୍ ବୃତ୍ତି ଟଙ୍କା ଓ ପିତାଙ୍କର ପ୍ରିୟ ଗାଈ ପାଟ ଓ ନେତ ବିକା ଟଙ୍କାକୁ ପାଥେୟ କରି ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ । ଆର୍ଥିକ ଅସୁବିଧାରେ ପାଠ ପଢ଼ାକୁ ଆଗେଇନେବା ପାଇଁ ଡ. ପ୍ରାଣକୃଷ୍ଣ ପରିଜା ସାହେବ ୨ଟି ଘରୋଇ ଟିଉସନ ମାଧ୍ୟମରେ କିଛି ଅର୍ଥିକ ସହଯୋଗର ବ୍ୟବସ୍ଥା କରିଥିଲେ । ଛାତ୍ର ଗୋବିନ୍ଦଙ୍କ ଜୀବନରେ ଆସିଲା ବିରାଟ ପରିବର୍ତ୍ତନ । ୧୯୪୨ରେ ଦେଶ ସାରା ଆନ୍ଦୋଳନ । ନେତାଜୀ ସୁଭାଷଙ୍କ ଡାକରାରେ କଟକ ଛାତ୍ର ସଂଗଠନରେ ଗଭୀର ଆଲୋଡ଼ନ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଗୋବିନ୍ଦଙ୍କ ମହାବିଦ୍ୟାଳୟ ବର୍ଜନ ଓ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦାନ । ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଗୁପ୍ତ ସ୍ୱାଧୀନତା ସଂଗ୍ରାମ ସଂଗଠନରେ ଅଂଶଗ୍ରହଣ କରିଥିଲେ । ଇତି ମଧ୍ୟରେ ଇଂରେଜମାନେ ତରୁଣ ଗୋବିନ୍ଦଙ୍କୁ ଦୁର୍ଦ୍ଦାନ୍ତ ନେତା ରୂପେ ବିଚାର କରି ଗିରଫ କଲେ । ଅକଥନୀୟ ଅତ୍ୟାଚାର ଚାଲିଲା ପୁରୀ ଜେଲ୍‌ରେ । ବନ୍ଦୀ ହେବା ଆଗରୁ ବାଲିପୁଟ ଗାଁରେ ପୁଲିସ୍ ଖାନତଲାସି ଚାଲିବାବେଳେ ଗାଁର ଉଛବ ବାରିକ କଚେରୀ ପୁଲିସର ଆଙ୍ଗୁଠି କାଟି ଦେଇ ଗାଁ ସାରା ଗହଳ କରି କହିଲା ଆଉ ଆମ ଗାଁର ପୁଅ ଗୋବିନ୍ଦଙ୍କୁ ଫିରିଙ୍ଗି ଧରି ପାରିବ ନାହିଁ । ଲୋକପ୍ରିୟତାର ପ୍ରମାଣ ପାଇ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର କଲେ । ୪ ବର୍ଷକାଳ କାଳ କୋଠରିରେ ଦୁଃଖଯନ୍ତ୍ରଣା ଭୋଗୁଥିବା ପୁତ୍ର କଥା ଭାବି ଭାବି ମାତାପିତା ଦେହ ତ୍ୟାଗ କଲା । ଜେଲ୍‌ର ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ସାନିଧ୍ୟ ତରୁଣ ଗୋବିନ୍ଦଙ୍କୁ ବିରାଟ ଦେଶଭକ୍ତରେ ପରିଣତ କଲା । ୧୯ ମାର୍ଚ୍ଚ ୧୯୪୩ରେ ବ୍ରହ୍ମପୁର ଜେଲ୍‌ରେ ସହିଦ ଲକ୍ଷ୍ମଣ ନାୟକଙ୍କୁ ଫାଶି ଦିଆଗଲା । ଏହାର ପ୍ରତିବାଦରେ ଅନଶନରତ ଗୋବିନ୍ଦଙ୍କ ପିଠି ଚାବୁକ୍ ପ୍ରହାରରେ ଫାଟି ଯାଇଥିଲା । ଶେଷରେ ଦୁଃଖର କାଳରାତି ପାହିଲା । କାରାମୁକ୍ତ ହେଲେ ଗୋବିନ୍ଦ । ଦେଶ ସ୍ୱାଧୀନ ହେଲା । ନିଜ ସଂଗ୍ରାମ ଓ ମେଧାର ସୁଫଳ ସମାଜ ନିର୍ମାଣରେ ବ୍ୟବହାର କରି ଚାଲିଲେ । ୧୮୬୮ରେ ପ୍ରଜାତନ୍ତ୍ର, ପଣ୍ଡିତ ନୀଳକଣ୍ଠଙ୍କ ନବଭାରତ, କଳିଙ୍ଗ ଓ ଟାଇମ୍‌ସ ଅଫ ଇଣ୍ଡିଆ ପ୍ରଭୃତିରେ ସ୍ତମ୍ଭ ଲେଖୁଥିଲେ । ବାଲିପୁଟର ଦୁଃଖ ଗମନାଗମନ ଓ ବନ୍ୟା ସମସ୍ୟା ସମାଧାନ, ଡାକ୍ତରଖାନା ଓ ବିଦ୍ୟାଳୟ ସ୍ଥାପନ, ଡାକଘର ଖୋଲିବା ଓ ଜଳସେଚନର ବ୍ୟବସ୍ଥା କରିବାରେ ସଂଗ୍ରାମୀ ଗୋବିନ୍ଦଙ୍କ ଭୂମିକା ଅବର୍ଣ୍ଣନୀୟ ଅଟେ । ନିର୍ବାଚନ ରାଜନୀତି ଠାରୁ ଦୂରେଇ ରହୁଥିବା ନେତା ଗୋବିନ୍ଦ ଜନଆଗ୍ରହରେ ୧୯୭୧ରେ ପୁରୀ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ, ୧୯୭୫ରେ ପୁରୀ ଜିଲ୍ଲା କଂଗ୍ରେସର ସଭାପତି,୧୯୭୭ରେ ସକ୍ରିୟ ରାଜନୀତିରୁ ଅବସର ଗ୍ରହଣ କରିଥିଲେ । ଆଜୀବନ ସର୍ବୋଦୟ ଆନ୍ଦୋଳନ ଓ ସମାଜ ସେବାରେ ନିଜ ଜୀବନ ଉତ୍ସର୍ଗ କରିଥିବା ବାଲିପୁଟର ଗାନ୍ଧିଙ୍କୁ 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ ଅବସରରେ ଅନନ୍ତ କୋଟି ପ୍ରଣାମ ।

ପ୍ରଧାନ ଶିକ୍ଷକ
ହରଚଣ୍ଡୀ ଉଚ୍ଚ ବିଦ୍ୟାଳୟ
ଗଙ୍ଗାନାରାୟଣପୁର, ପୁରୀ

ବନ୍ଧୁ ସୁହୃଦ ଗୃହଗତେ । ଯେ ପ୍ରାଣୀ ଗମେ ଶୂନ୍ୟହସ୍ତେ ॥

**ଭାଷାବିଭବ**

# ତେଲିଆ ମୁଣ୍ଡରେ ତେଲ-୨

ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ

'ତାଙ୍କର ଅବସ୍ଥା ହୀରାର ଔଜ୍ଜ୍ୱଲ୍ୟତା ଆଗରେ ମୂଲ୍ୟବାନ୍ ଧାତୁ ସୁନା ନିଷ୍ପ୍ରଭ ଦେଖାଯିବା ପରି ହେଲା ।' ଏଠାରେ ଔଜ୍ଜ୍ୱଲ୍ୟ ବିଶେଷ୍ୟ ପଦରେ ତା' ଯୋଗ କରିବା ତ୍ରୁଟିଯୁକ୍ତ ହୋଇଛି । ଔଜ୍ଜ୍ୱଲ୍ୟତା ବଦଳରେ **ଔଜ୍ଜ୍ୱଲ୍ୟ, ଉଜ୍ଜ୍ୱଳତା, ଉଜ୍ଜ୍ୱଳତ୍ୱ** ବ୍ୟବହାର କରି ବାକ୍ୟଟିକୁ ଠିକ୍ ଭାବରେ ଲେଖାଯାଇ ପାରିଥାଆନ୍ତା ।

'ଦାରିଦ୍ର୍ୟତାର କଷାଘାତରେ ସେ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ ।' ଦାରିଦ୍ର୍ୟତାର କଷାଘାତରେ ବଦଳରେ **ଦରିଦ୍ରତାର** କଷାଘାତରେ/**ଦରିଦ୍ରତ୍ୱର** କଷାଘାତରେ/ **ଦାରିଦ୍ର୍ୟର** କଷାଘାତରେ ଲେଖିବା ସମୀଚୀନ ହେବ ।

'ପ୍ରାଣୀ ଓ ଉଦ୍ଭିଦ ମଧ୍ୟରେ ଅନେକ ସାମଞ୍ଜସ୍ୟତା ଦେଖିବାକୁ ମିଳେ ।' ' ସେ ମଧ୍ୟ ଏହି ଦୁଇ ଭାଇରସ୍‌ଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟତା ଦର୍ଶାଇଲେ ।' ଉପର୍ଯ୍ୟୁକ୍ତ ବାକ୍ୟ ଦୁଇଟିରେ ସାମଞ୍ଜସ୍ୟ ନିଜେ ବିଶେଷ୍ୟ ପଦ ହୋଇଥିବାରୁ କେବଳ **ସାମଞ୍ଜସ୍ୟ** ବା ସମଞ୍ଜସ ବିଶେଷଣ ପଦରେ ତା' ଯୋଗକରି **ସମଞ୍ଜସତା** ଶବ୍ଦକୁ ପ୍ରୟୋଗ କଲେ ଶୁଦ୍ଧ ବାକ୍ୟ ଗଠିତ ହୋଇପାରିବ ।

'କଥାର ତାତ୍ପର୍ଯ୍ୟତା ନ ବୁଝି ଏପରି ମନ୍ତବ୍ୟ ତାଙ୍କ ପରି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ଠାରୁ ଆଶା କରାଯାଏ ନାହିଁ ।' ତତ୍ପର ବିଶେଷଣ ପଦରେ 'ଯ' ପ୍ରତ୍ୟୟ ଯୁକ୍ତ ହୋଇ **ତାତ୍ପର୍ଯ୍ୟ** ବିଶେଷ୍ୟ ପଦଟି ଗଠିତ ହୋଇଥିବାରୁ ସେଥିରେ ପୁନର୍ବାର 'ତା' ପ୍ରତ୍ୟୟ ଯୋଗ କରିବା ନିଷ୍ପ୍ରୟୋଜନ ।

'ଦୈନ୍ୟତା ହିଁ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶର ବାଧକ ସାଜିଛି ।' ଦୀନ (ବିଶେଷଣ ପଦ)+ଯ=ଦୈନ୍ୟ (ବିଶେଷ୍ୟ ପଦ) । ତେଣୁ **ଦୈନ୍ୟ** ହିଁ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶର ବାଧକ ସାଜିଛି ବା **ଦୀନତା** ହିଁ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶର ବାଧକ ସାଜିଛି ଲେଖିବା ଉଚିତ ହେବ ।

'ତାଙ୍କର ବାଲ୍ୟ ଚାପଲ୍ୟତାର ଚିତ୍ରକୁ କବି ନିଖୁଣ ଭାବରେ ଚିତ୍ରିତ କରିଛନ୍ତି ।' ଚପଳ ବିଶେଷଣ ପଦରେ 'ଯ' ପ୍ରତ୍ୟୟ ଯୁକ୍ତ ହୋଇ ଚାପଲ୍ୟ ଶବ୍ଦଟି ସୃଷ୍ଟି ହୋଇଛି । ତେଣୁ ଚାପଲ୍ୟତାର ଚିତ୍ର ନ ଲେଖି **ଚପଳତାର** ଚିତ୍ର **ଚପଳତ୍ୱର** ଚିତ୍ର/ **ଚାପଲ୍ୟର** ଚିତ୍ର ଲେଖିବା ଠିକ୍ ହେବ ।

'କରୋନା ସଂକ୍ରମଣର ଆତିଶଯ୍ୟତାକୁ ଆଖି ଆଗରେ ରଖି ସରକାର ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି ।' ଅତିଶୟ+ଯ= ଆତିଶଯ୍ୟ । ଆତିଶଯ୍ୟ ବିଶେଷ୍ୟ ପଦ ହୋଇଥିବାରୁ ସେଥିରେ 'ତା' ଯୋଗ କରି ତାକୁ ବିଶେଷ୍ୟ ପଦ କରିବା ଏକ ବୃଥା ପ୍ରୟାସ ।

'ନିର୍ଦ୍ଦୋଷ ପ୍ରମାଣିତ ହେବା ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଧରି ଆସିବାକୁ ଓକିଲ ବାବୁ କହିଲେ ।' ଏହି ବାକ୍ୟକୁ 'ନିର୍ଦ୍ଦୋଷ ପ୍ରମାଣିତ ହେବା ନିମନ୍ତେ **ଆବଶ୍ୟକ** କାଗଜପତ୍ର ଧରି ଆସିବାକୁ ଓକିଲ ବାବୁ କହିଲେ ।' ଆବଶ୍ୟକ ଶବ୍ଦଟି ବିଶେଷଣ ପଦ ହୋଇଥିବାରୁ ତଥା କାଗଜପତ୍ର ବିଶେଷ୍ୟ ପଦକୁ ବିଶେଷିତ କରୁଥିବାରୁ ପୁନର୍ବାର 'ଈୟ' ପ୍ରତ୍ୟୟ ଯୋଗ କରିବା ଅନାବଶ୍ୟକ ।

'ଲୋକଟିର ବ୍ୟାକୁଳିତ ନିବେଦନକୁ ସେ ଅସାମାଜିକ ଲୋକମାନେ କର୍ଣ୍ଣପାତ ସୁଦ୍ଧା କଲେ ନାହିଁ ।' ବ୍ୟାକୁଳ ଗୋଟିଏ ବିଶେଷଣ ପଦ । ସେଥିରେ ପ୍ରତ୍ୟୟ ଯୋଗ କରି ପୁନର୍ବାର ବିଶେଷଣ କରିବା ନିଷ୍ପ୍ରୟୋଜନ ଓ ତ୍ରୁଟିପୂର୍ଣ୍ଣ ମଧ୍ୟ ।

ଯାହା ମୁଣ୍ଡବାଳ ନୁଖୁରା ଅଛି ତା' ମୁଣ୍ଡବାଳରେ ତେଲ ଦେଲେ ମୁଣ୍ଡ ଚିକ୍କଣ ହେବ ସୁନ୍ଦର ଦିଶିବ ଆଉ ତେଲ ବୋଳିଥିବା ଲୋକଟି ପ୍ରଶଂସାର ପାତ୍ର ହେବ । ମାତ୍ର ଯାହା ମୁଣ୍ଡ ତେଲରେ ସରସର ତା ମୁଣ୍ଡରେ ତେଲ ବୋଳିବାର କି ଆବଶ୍ୟକତା ରହିଛି ? କେବଳ ଅନ୍ୟମାନଙ୍କ ସମାଲୋଚନାର ପାତ୍ର ହେବା ହିଁ ସାର । ସାଧୁ ସାବଧାନ ।

ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା

ସେ ଭକ୍ତ ମଧ୍ୟମ ଅଟଇ । ଯେଣୁ ସେ ଭେଦକୁ ଦେଖଇ ॥

## ବିଦ୍ୟା ଭାରତୀ

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ସରସ୍ୱତୀ କୁଞ୍ଜ : ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର, ଭୁବନେଶ୍ୱର-୭୫୧୦୧୦, ଚଳ ଦୂରଭାଷ : ୯୪୩୭୩୧୯୪୭୭
E-mail : svsodisha1977@gmail.com, Website : www.svsodisha.com

**ଶିକ୍ଷାବର୍ଷ : ୨୦୨୨-୨୩** | **ବିକ୍ରମ ସମ୍ବତ୍ : ୨୦୭୯** | **ଯୁଗାବ୍ଦ : ୫୧୨୪**

### ଏପ୍ରିଲ (ଚୈତ୍ର - ବୈଶାଖ)

| | | | | | |
|---|---|---|---|---|---|
| ରବି | | ୦୩ ଚୈତ୍ର ଶୁକ୍ଳ ଦ୍ୱିତୀୟା | ୧୦ ଚୈତ୍ର ଶୁକ୍ଳ ନବମୀ | ୧୭ ବୈଶାଖ କୃଷ୍ଣ ପ୍ରତିପଦ୍ | ୨୪ ବୈଶାଖ କୃଷ୍ଣ ନବମୀ |
| ସୋମ | | ୦୪ ଚୈତ୍ର ଶୁକ୍ଳ ତୃତୀୟା | ୧୧ ଚୈତ୍ର ଶୁକ୍ଳ ଦଶମୀ | ୧୮ ବୈଶାଖ କୃଷ୍ଣ ଦ୍ୱିତୀୟା | ୨୫ ବୈଶାଖ କୃଷ୍ଣ ଦଶମୀ |
| ମଙ୍ଗଳ | | ୦୫ ଚୈତ୍ର ଶୁକ୍ଳ ଚତୁର୍ଥୀ | ୧୨ ଚୈତ୍ର ଶୁକ୍ଳ ଏକାଦଶୀ | ୧୯ ବୈଶାଖ କୃଷ୍ଣ ତୃତୀୟା | ୨୬ ବୈଶାଖ କୃଷ୍ଣ ଏକାଦଶୀ |
| ବୁଧ | | ୦୬ ଚୈତ୍ର ଶୁକ୍ଳ ପଞ୍ଚମୀ | ୧୩ ଚୈତ୍ର ଶୁକ୍ଳ ଦ୍ୱାଦଶୀ | ୨୦ ବୈଶାଖ କୃଷ୍ଣ ଚତୁର୍ଥୀ | ୨୭ ବୈଶାଖ କୃଷ୍ଣ ଦ୍ୱାଦଶୀ |
| ଗୁରୁ | | ୦୭ ଚୈତ୍ର ଶୁକ୍ଳ ଷଷ୍ଠୀ | ୧୪ ଚୈତ୍ର ଶୁକ୍ଳ ତ୍ରୟୋଦଶୀ | ୨୧ ବୈଶାଖ କୃଷ୍ଣ ପଞ୍ଚମୀ | ୨୮ ବୈଶାଖ କୃଷ୍ଣ ତ୍ରୟୋଦଶୀ |
| ଶୁକ୍ର | ୦୧ ଚୈତ୍ର ଅମାବାସ୍ୟା | ୦୮ ଚୈତ୍ର ଶୁକ୍ଳ ସପ୍ତମୀ | ୧୫ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ | ୨୨ ବୈଶାଖ କୃଷ୍ଣ ଷଷ୍ଠୀ | ୨୯ ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ |
| ଶନି | ୦୨ ଚୈତ୍ର ଶୁକ୍ଳ ପ୍ରତିପଦ୍ | ୦୯ ଚୈତ୍ର ଶୁକ୍ଳ ଅଷ୍ଟମୀ | ୧୬ ଚୈତ୍ର ପୂର୍ଣ୍ଣିମା | ୨୩ ବୈଶାଖ କୃଷ୍ଣ ସପ୍ତମୀ/ଅଷ୍ଟମୀ କ୍ଷୟ | ୩୦ ବୈଶାଖ ଅମାବାସ୍ୟା |

### ମେ (ବୈଶାଖ - ଜ୍ୟେଷ୍ଠ)

| | | | | | |
|---|---|---|---|---|---|
| ରବି | ୦୧ ବୈଶାଖ ଶୁକ୍ଳ ପ୍ରତିପଦ୍ | ୦୮ ବୈଶାଖ ଶୁକ୍ଳ ସପ୍ତମୀ | ୧୫ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ | ୨୨ ଜ୍ୟେଷ୍ଠ କୃଷ୍ଣ ସପ୍ତମୀ | ୨୯ ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ |
| ସୋମ | ୦୨ ବୈଶାଖ ଶୁକ୍ଳ ଦ୍ୱିତୀୟା | ୦୯ ବୈଶାଖ ଶୁକ୍ଳ ଅଷ୍ଟମୀ | ୧୬ ବୈଶାଖ ପୂର୍ଣ୍ଣିମା | ୨୩ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ | ୩୦ ଜ୍ୟେଷ୍ଠ ଅମାବାସ୍ୟା |
| ମଙ୍ଗଳ | ୦୩ ବୈଶାଖ ଶୁକ୍ଳ ତୃତୀୟା | ୧୦ ବୈଶାଖ ଶୁକ୍ଳ ନବମୀ | ୧୭ ଜ୍ୟେଷ୍ଠ କୃଷ୍ଣ ପ୍ରତିପଦ୍/ଦ୍ୱିତୀୟା କ୍ଷୟ | ୨୪ ଜ୍ୟେଷ୍ଠ କୃଷ୍ଣ ନବମୀ | ୩୧ ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ୍ |
| ବୁଧ | ୦୪ ବୈଶାଖ ଶୁକ୍ଳ ତୃତୀୟା (ମଳ) | ୧୧ ବୈଶାଖ ଶୁକ୍ଳ ଦଶମୀ | ୧୮ ଜ୍ୟେଷ୍ଠ କୃଷ୍ଣ ତୃତୀୟା | ୨୫ ଜ୍ୟେଷ୍ଠ କୃଷ୍ଣ ଦଶମୀ | |
| ଗୁରୁ | ୦୫ ବୈଶାଖ ଶୁକ୍ଳ ଚତୁର୍ଥୀ | ୧୨ ବୈଶାଖ ଶୁକ୍ଳ ଏକାଦଶୀ | ୧୯ ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ | ୨୬ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ | |
| ଶୁକ୍ର | ୦୬ ବୈଶାଖ ଶୁକ୍ଳ ପଞ୍ଚମୀ | ୧୩ ବୈଶାଖ ଶୁକ୍ଳ ଦ୍ୱାଦଶୀ | ୨୦ ଜ୍ୟେଷ୍ଠ କୃଷ୍ଣ ପଞ୍ଚମୀ | ୨୭ ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ | |
| ଶନି | ୦୭ ବୈଶାଖ ଶୁକ୍ଳ ଷଷ୍ଠୀ | ୧୪ ବୈଶାଖ ଶୁକ୍ଳ ତ୍ରୟୋଦଶୀ | ୨୧ ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ | ୨୮ ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ | |

### ଜୁନ୍ (ଜ୍ୟେଷ୍ଠ-ଆଷାଢ଼)

| | | | | | |
|---|---|---|---|---|---|
| ରବି | | ୦୫ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ | ୧୨ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ | ୧୯ ଆଷାଢ଼ କୃଷ୍ଣ ଷଷ୍ଠୀ | ୨୬ ଆଷାଢ଼ କୃଷ୍ଣ ତ୍ରୟୋଦଶୀ |
| ସୋମ | | ୦୬ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ | ୧୩ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ | ୨୦ ଆଷାଢ଼ କୃଷ୍ଣ ସପ୍ତମୀ | ୨୭ ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ |
| ମଙ୍ଗଳ | | ୦୭ ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ | ୧୪ ଜ୍ୟେଷ୍ଠ ପୂର୍ଣ୍ଣିମା | ୨୧ ଆଷାଢ଼ କୃଷ୍ଣ ଅଷ୍ଟମୀ | ୨୮ ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ମଳ |
| ବୁଧ | ୦୧ ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା | ୦୮ ଜ୍ୟେଷ୍ଠ ଶୁକ୍ଳ ନବମୀ | ୧୫ ଆଷାଢ଼ କୃଷ୍ଣ ପ୍ରତିପଦ୍ | ୨୨ ଆଷାଢ଼ କୃଷ୍ଣ ନବମୀ | ୨୯ ଆଷାଢ଼ ଅମାବାସ୍ୟା |
| ଗୁରୁ | ୦୨ ଜ୍ୟେଷ୍ଠ ଶୁକ୍ଳ ତୃତୀୟା | ୦୯ ଜ୍ୟେଷ୍ଠ ଶୁକ୍ଳ ଦଶମୀ | ୧୬ ଆଷାଢ଼ କୃଷ୍ଣ ଦ୍ୱିତୀୟା | ୨୩ ଆଷାଢ଼ କୃଷ୍ଣ ଦଶମୀ | ୩୦ ଆଷାଢ଼ ଶୁକ୍ଳ ପ୍ରତିପଦ୍ |
| ଶୁକ୍ର | ୦୩ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ | ୧୦ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ | ୧୭ ଆଷାଢ଼ କୃଷ୍ଣ ତୃତୀୟା/ଚତୁର୍ଥୀ କ୍ଷୟ | ୨୪ ଆଷାଢ଼ କୃଷ୍ଣ ଏକାଦଶୀ | |
| ଶନି | ୦୪ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ | ୧୧ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ | ୧୮ ଆଷାଢ଼ କୃଷ୍ଣ ପଞ୍ଚମୀ | ୨୫ ଆଷାଢ଼ କୃଷ୍ଣ ଦ୍ୱାଦଶୀ | |

### ଜୁଲାଇ (ଆଷାଢ଼-ଶ୍ରାବଣ)

| | | | | | |
|---|---|---|---|---|---|
| ରବି | ୩୧ ଶ୍ରାବଣ ଶୁକ୍ଳ ତୃତୀୟା | ୦୩ ଆଷାଢ଼ ଶୁକ୍ଳ ଚତୁର୍ଥୀ | ୧୦ ଆଷାଢ଼ ଶୁକ୍ଳ ଏକାଦଶୀ | ୧୭ ଶ୍ରାବଣ କୃଷ୍ଣ ଚତୁର୍ଥୀ | ୨୪ ଶ୍ରାବଣ କୃଷ୍ଣ ଏକାଦଶୀ |
| ସୋମ | | ୦୪ ଆଷାଢ଼ ଶୁକ୍ଳ ପଞ୍ଚମୀ | ୧୧ ଆଷାଢ଼ ଶୁକ୍ଳ ଦ୍ୱାଦଶୀ | ୧୮ ଶ୍ରାବଣ କୃଷ୍ଣ ପଞ୍ଚମୀ | ୨୫ ଶ୍ରାବଣ କୃଷ୍ଣ ଦ୍ୱାଦଶୀ |
| ମଙ୍ଗଳ | | ୦୫ ଆଷାଢ଼ ଶୁକ୍ଳ ଷଷ୍ଠୀ | ୧୨ ଆଷାଢ଼ ଶୁକ୍ଳ ତ୍ରୟୋଦଶୀ/ଚତୁର୍ଦ୍ଦଶୀ କ୍ଷୟ | ୧୯ ଶ୍ରାବଣ କୃଷ୍ଣ ଷଷ୍ଠୀ | ୨୬ ଶ୍ରାବଣ କୃଷ୍ଣ ତ୍ରୟୋଦଶୀ |
| ବୁଧ | | ୦୬ ଆଷାଢ଼ ଶୁକ୍ଳ ସପ୍ତମୀ | ୧୩ ଆଷାଢ଼ ପୂର୍ଣ୍ଣିମା | ୨୦ ଶ୍ରାବଣ କୃଷ୍ଣ ସପ୍ତମୀ | ୨୭ ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ |
| ଗୁରୁ | | ୦୭ ଆଷାଢ଼ ଶୁକ୍ଳ ଅଷ୍ଟମୀ | ୧୪ ଶ୍ରାବଣ କୃଷ୍ଣ ପ୍ରତିପଦ୍ | ୨୧ ଶ୍ରାବଣ କୃଷ୍ଣ ଅଷ୍ଟମୀ | ୨୮ ଶ୍ରାବଣ ଅମାବାସ୍ୟା |
| ଶୁକ୍ର | ୦୧ ଆଷାଢ଼ ଶୁକ୍ଳ ଦ୍ୱିତୀୟା | ୦୮ ଆଷାଢ଼ ଶୁକ୍ଳ ନବମୀ | ୧୫ ଶ୍ରାବଣ କୃଷ୍ଣ ଦ୍ୱିତୀୟା | ୨୨ ଶ୍ରାବଣ କୃଷ୍ଣ ନବମୀ | ୨୯ ଶ୍ରାବଣ ଶୁକ୍ଳ ପ୍ରତିପଦ୍ |
| ଶନି | ୦୨ ଆଷାଢ଼ ଶୁକ୍ଳ ତୃତୀୟା | ୦୯ ଆଷାଢ଼ ଶୁକ୍ଳ ଦଶମୀ | ୧୬ ଶ୍ରାବଣ କୃଷ୍ଣ ତୃତୀୟା | ୨୩ ଶ୍ରାବଣ କୃଷ୍ଣ ଦଶମୀ | ୩୦ ଶ୍ରାବଣ ଶୁକ୍ଳ ଦ୍ୱିତୀୟା |

### ଅଗଷ୍ଟ (ଶ୍ରାବଣ-ଭାଦ୍ରବ)

| | | | | | |
|---|---|---|---|---|---|
| ରବି | | ୦୭ ଶ୍ରାବଣ ଶୁକ୍ଳ ଦଶମୀ | ୧୪ ଭାଦ୍ରବ କୃଷ୍ଣ ତୃତୀୟା | ୨୧ ଭାଦ୍ରବ କୃଷ୍ଣ ଦଶମୀ | ୨୮ ଭାଦ୍ରବ ଶୁକ୍ଳ ପ୍ରତିପଦ୍ |
| ସୋମ | ୦୧ ଶ୍ରାବଣ ଶୁକ୍ଳ ଚତୁର୍ଥୀ | ୦୮ ଶ୍ରାବଣ ଶୁକ୍ଳ ଏକାଦଶୀ | ୧୫ ଭାଦ୍ରବ କୃଷ୍ଣ ଚତୁର୍ଥୀ | ୨୨ ଭାଦ୍ରବ କୃଷ୍ଣ ଏକାଦଶୀ | ୨୯ ଭାଦ୍ରବ ଶୁକ୍ଳ ଦ୍ୱିତୀୟା |
| ମଙ୍ଗଳ | ୦୨ ଶ୍ରାବଣ ଶୁକ୍ଳ ପଞ୍ଚମୀ | ୦୯ ଶ୍ରାବଣ ଶୁକ୍ଳ ଦ୍ୱାଦଶୀ | ୧୬ ଭାଦ୍ରବ କୃଷ୍ଣ ପଞ୍ଚମୀ | ୨୩ ଭାଦ୍ରବ କୃଷ୍ଣ ଏକାଦଶୀ (ମଳ) | ୩୦ ଭାଦ୍ରବ ଶୁକ୍ଳ ତୃତୀୟା |
| ବୁଧ | ୦୩ ଶ୍ରାବଣ ଶୁକ୍ଳ ପଞ୍ଚମୀ (ମଳ) | ୧୦ ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ | ୧୭ ଭାଦ୍ରବ କୃଷ୍ଣ ଷଷ୍ଠୀ | ୨୪ ଭାଦ୍ରବ କୃଷ୍ଣ ଦ୍ୱାଦଶୀ | ୩୧ ଭାଦ୍ରବ ଶୁକ୍ଳ ଚତୁର୍ଥୀ |
| ଗୁରୁ | ୦୪ ଶ୍ରାବଣ ଶୁକ୍ଳ ଷଷ୍ଠୀ/ସପ୍ତମୀ କ୍ଷୟ | ୧୧ ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ | ୧୮ ଭାଦ୍ରବ କୃଷ୍ଣ ସପ୍ତମୀ | ୨୫ ଭାଦ୍ରବ କୃଷ୍ଣ ତ୍ରୟୋଦଶୀ | |
| ଶୁକ୍ର | ୦୫ ଶ୍ରାବଣ ଶୁକ୍ଳ ଅଷ୍ଟମୀ | ୧୨ ଶ୍ରାବଣ ପୂର୍ଣ୍ଣିମା ପ୍ରତିପଦ କ୍ଷୟ | ୧୯ ଭାଦ୍ରବ କୃଷ୍ଣ ଅଷ୍ଟମୀ | ୨୬ ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ | |
| ଶନି | ୦୬ ଶ୍ରାବଣ ଶୁକ୍ଳ ନବମୀ | ୧୩ ଭାଦ୍ରବ କୃଷ୍ଣ ଦ୍ୱିତୀୟା | ୨୦ ଭାଦ୍ରବ କୃଷ୍ଣ ନବମୀ | ୨୭ ଭାଦ୍ରବ ପୂର୍ଣ୍ଣିମା | |

### ସେପ୍ଟେମ୍ବର (ଭାଦ୍ରବ-ଆଶ୍ୱିନ)

| | | | | | |
|---|---|---|---|---|---|
| ରବି | | ୦୪ ଭାଦ୍ରବ ଶୁକ୍ଳ ଅଷ୍ଟମୀ | ୧୧ ଆଶ୍ୱିନ କୃଷ୍ଣ ପ୍ରତିପଦ୍ | ୧୮ ଆଶ୍ୱିନ କୃଷ୍ଣ ଅଷ୍ଟମୀ | ୨୫ ଆଶ୍ୱିନ ଅମାବାସ୍ୟା |
| ସୋମ | | ୦୫ ଭାଦ୍ରବ ଶୁକ୍ଳ ନବମୀ | ୧୨ ଆଶ୍ୱିନ କୃଷ୍ଣ ଦ୍ୱିତୀୟା | ୧୯ ଆଶ୍ୱିନ କୃଷ୍ଣ ନବମୀ | ୨୬ ଆଶ୍ୱିନ ଶୁକ୍ଳ ପ୍ରତିପଦ୍ |
| ମଙ୍ଗଳ | | ୦୬ ଭାଦ୍ରବ ଶୁକ୍ଳ ଦଶମୀ/ଏକାଦଶୀ କ୍ଷୟ | ୧୩ ଆଶ୍ୱିନ କୃଷ୍ଣ ତୃତୀୟା | ୨୦ ଆଶ୍ୱିନ କୃଷ୍ଣ ଦଶମୀ | ୨୭ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା |
| ବୁଧ | | ୦୭ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ | ୧୪ ଆଶ୍ୱିନ କୃଷ୍ଣ ଚତୁର୍ଥୀ | ୨୧ ଆଶ୍ୱିନ କୃଷ୍ଣ ଏକାଦଶୀ | ୨୮ ଆଶ୍ୱିନ ଶୁକ୍ଳ ତୃତୀୟା |
| ଗୁରୁ | ୦୧ ଭାଦ୍ରବ ଶୁକ୍ଳ ପଞ୍ଚମୀ | ୦୮ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ | ୧୫ ଆଶ୍ୱିନ କୃଷ୍ଣ ପଞ୍ଚମୀ | ୨୨ ଆଶ୍ୱିନ କୃଷ୍ଣ ଦ୍ୱାଦଶୀ | ୨୯ ଆଶ୍ୱିନ ଶୁକ୍ଳ ଚତୁର୍ଥୀ |
| ଶୁକ୍ର | ୦୨ ଭାଦ୍ରବ ଶୁକ୍ଳ ଷଷ୍ଠୀ | ୦୯ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ | ୧୬ ଆଶ୍ୱିନ କୃଷ୍ଣ ଷଷ୍ଠୀ | ୨୩ ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ | ୩୦ ଆଶ୍ୱିନ ଶୁକ୍ଳ ପଞ୍ଚମୀ |
| ଶନି | ୦୩ ଭାଦ୍ରବ ଶୁକ୍ଳ ସପ୍ତମୀ | ୧୦ ଭାଦ୍ରବ ପୂର୍ଣ୍ଣିମା | ୧୭ ଆଶ୍ୱିନ କୃଷ୍ଣ ସପ୍ତମୀ | ୨୪ ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ | |

### ଅକ୍ଟୋବର (ଆଶ୍ୱିନ-କାର୍ତ୍ତିକ)

| | | | | | |
|---|---|---|---|---|---|
| ରବି | ୩୦ କାର୍ତ୍ତିକ ଶୁକ୍ଳ ପଞ୍ଚମୀ/ଷଷ୍ଠୀ କ୍ଷୟ | ୦୨ ଆଶ୍ୱିନ ଶୁକ୍ଳ ସପ୍ତମୀ | ୦୯ ଆଶ୍ୱିନ ପୂର୍ଣ୍ଣିମା | ୧୬ କାର୍ତ୍ତିକ କୃଷ୍ଣ ଷଷ୍ଠୀ (ମଳ) | ୨୩ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ |
| ସୋମ | ୩୧ କାର୍ତ୍ତିକ ଶୁକ୍ଳ ସପ୍ତମୀ | ୦୩ ଆଶ୍ୱିନ ଶୁକ୍ଳ ଅଷ୍ଟମୀ | ୧୦ କାର୍ତ୍ତିକ କୃଷ୍ଣ ପ୍ରତିପଦ୍ | ୧୭ କାର୍ତ୍ତିକ କୃଷ୍ଣ ସପ୍ତମୀ | ୨୪ କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ |
| ମଙ୍ଗଳ | | ୦୪ ଆଶ୍ୱିନ ଶୁକ୍ଳ ନବମୀ | ୧୧ କାର୍ତ୍ତିକ କୃଷ୍ଣ ଦ୍ୱିତୀୟା | ୧୮ କାର୍ତ୍ତିକ କୃଷ୍ଣ ଅଷ୍ଟମୀ | ୨୫ କାର୍ତ୍ତିକ ପୂର୍ଣ୍ଣିମା |
| ବୁଧ | | ୦୫ ଆଶ୍ୱିନ ଶୁକ୍ଳ ଦଶମୀ | ୧୨ କାର୍ତ୍ତିକ କୃଷ୍ଣ ତୃତୀୟା | ୧୯ କାର୍ତ୍ତିକ କୃଷ୍ଣ ନବମୀ | ୨୬ କାର୍ତ୍ତିକ ଶୁକ୍ଳ ପ୍ରତିପଦ୍ |
| ଗୁରୁ | | ୦୬ ଆଶ୍ୱିନ ଶୁକ୍ଳ ଏକାଦଶୀ | ୧୩ କାର୍ତ୍ତିକ କୃଷ୍ଣ ଚତୁର୍ଥୀ | ୨୦ କାର୍ତ୍ତିକ କୃଷ୍ଣ ଦଶମୀ | ୨୭ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା |
| ଶୁକ୍ର | | ୦୭ ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ/ତ୍ରୟୋଦଶୀ କ୍ଷୟ | ୧୪ କାର୍ତ୍ତିକ କୃଷ୍ଣ ପଞ୍ଚମୀ | ୨୧ କାର୍ତ୍ତିକ କୃଷ୍ଣ ଏକାଦଶୀ | ୨୮ କାର୍ତ୍ତିକ ଶୁକ୍ଳ ତୃତୀୟା |
| ଶନି | ୦୧ ଆଶ୍ୱିନ ଶୁକ୍ଳ ଷଷ୍ଠୀ | ୦୮ ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ | ୧୫ କାର୍ତ୍ତିକ କୃଷ୍ଣ ଷଷ୍ଠୀ | ୨୨ କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ | ୨୯ କାର୍ତ୍ତିକ ଶୁକ୍ଳ ଚତୁର୍ଥୀ |

### ନଭେମ୍ବର (କାର୍ତ୍ତିକ-ମାର୍ଗଶିର)

| | | | | | |
|---|---|---|---|---|---|
| ରବି | | ୦୬ କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ | ୧୩ ମାର୍ଗଶିର କୃଷ୍ଣ ପଞ୍ଚମୀ | ୨୦ ମାର୍ଗଶିର କୃଷ୍ଣ ଏକାଦଶୀ | ୨୭ ମାର୍ଗଶିର ଶୁକ୍ଳ ଚତୁର୍ଥୀ |
| ସୋମ | | ୦୭ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ | ୧୪ ମାର୍ଗଶିର କୃଷ୍ଣ ଷଷ୍ଠୀ | ୨୧ ମାର୍ଗଶିର କୃଷ୍ଣ ଦ୍ୱାଦଶୀ | ୨୮ ମାର୍ଗଶିର ଶୁକ୍ଳ ପଞ୍ଚମୀ |
| ମଙ୍ଗଳ | ୦୧ କାର୍ତ୍ତିକ ଶୁକ୍ଳ ଅଷ୍ଟମୀ | ୦୮ କାର୍ତ୍ତିକ ପୂର୍ଣ୍ଣିମା | ୧୫ ମାର୍ଗଶିର କୃଷ୍ଣ ସପ୍ତମୀ | ୨୨ ମାର୍ଗଶିର କୃଷ୍ଣ ତ୍ରୟୋଦଶୀ | ୨୯ ମାର୍ଗଶିର ଶୁକ୍ଳ ଷଷ୍ଠୀ |
| ବୁଧ | ୦୨ କାର୍ତ୍ତିକ ଶୁକ୍ଳ ନବମୀ | ୦୯ ମାର୍ଗଶିର କୃଷ୍ଣ ପ୍ରତିପଦ୍ | ୧୬ ମାର୍ଗଶିର କୃଷ୍ଣ ଅଷ୍ଟମୀ | ୨୩ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ/ଅମାବାସ୍ୟା କ୍ଷୟ | ୩୦ ମାର୍ଗଶିର ଶୁକ୍ଳ ସପ୍ତମୀ |
| ଗୁରୁ | ୦୩ କାର୍ତ୍ତିକ ଶୁକ୍ଳ ଦଶମୀ | ୧୦ ମାର୍ଗଶିର କୃଷ୍ଣ ଦ୍ୱିତୀୟା | ୧୭ ମାର୍ଗଶିର କୃଷ୍ଣ ଅଷ୍ଟମୀ (ମଳ) | ୨୪ ମାର୍ଗଶିର ଶୁକ୍ଳ ପ୍ରତିପଦ୍ | |
| ଶୁକ୍ର | ୦୪ କାର୍ତ୍ତିକ ଶୁକ୍ଳ ଏକାଦଶୀ | ୧୧ ମାର୍ଗଶିର କୃଷ୍ଣ ତୃତୀୟା | ୧୮ ମାର୍ଗଶିର କୃଷ୍ଣ ନବମୀ | ୨୫ ମାର୍ଗଶିର ଶୁକ୍ଳ ଦ୍ୱିତୀୟା | |
| ଶନି | ୦୫ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ | ୧୨ ମାର୍ଗଶିର କୃଷ୍ଣ ଚତୁର୍ଥୀ | ୧୯ ମାର୍ଗଶିର କୃଷ୍ଣ ଦଶମୀ | ୨୬ ମାର୍ଗଶିର ଶୁକ୍ଳ ତୃତୀୟା | |

### ଡିସେମ୍ବର (ମାର୍ଗଶିର-ପୌଷ)

| | | | | | |
|---|---|---|---|---|---|
| ରବି | | ୦୪ ମାର୍ଗଶିର ଶୁକ୍ଳ ଏକାଦଶୀ | ୧୧ ପୌଷ କୃଷ୍ଣ ତୃତୀୟା | ୧୮ ପୌଷ କୃଷ୍ଣ ଦଶମୀ | ୨୫ ପୌଷ ଶୁକ୍ଳ ଦ୍ୱିତୀୟା/ତୃତୀୟା କ୍ଷୟ |
| ସୋମ | | ୦୫ ମାର୍ଗଶିର ଶୁକ୍ଳ ଦ୍ୱାଦଶୀ | ୧୨ ପୌଷ କୃଷ୍ଣ ଚତୁର୍ଥୀ | ୧୯ ପୌଷ କୃଷ୍ଣ ଏକାଦଶୀ | ୨୬ ପୌଷ ଶୁକ୍ଳ ଚତୁର୍ଥୀ |
| ମଙ୍ଗଳ | | ୦୬ ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ | ୧୩ ପୌଷ କୃଷ୍ଣ ପଞ୍ଚମୀ | ୨୦ ପୌଷ କୃଷ୍ଣ ଦ୍ୱାଦଶୀ | ୨୭ ପୌଷ ଶୁକ୍ଳ ପଞ୍ଚମୀ |
| ବୁଧ | | ୦୭ ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ | ୧୪ ପୌଷ କୃଷ୍ଣ ଷଷ୍ଠୀ | ୨୧ ପୌଷ କୃଷ୍ଣ ତ୍ରୟୋଦଶୀ | ୨୮ ପୌଷ ଶୁକ୍ଳ ଷଷ୍ଠୀ |
| ଗୁରୁ | ୦୧ ମାର୍ଗଶିର ଶୁକ୍ଳ ଅଷ୍ଟମୀ | ୦୮ ମାର୍ଗଶିର ପୂର୍ଣ୍ଣିମା | ୧୫ ପୌଷ କୃଷ୍ଣ ସପ୍ତମୀ | ୨୨ ପୌଷ କୃଷ୍ଣ ଚତୁର୍ଦ୍ଦଶୀ | ୨୯ ପୌଷ ଶୁକ୍ଳ ସପ୍ତମୀ |
| ଶୁକ୍ର | ୦୨ ମାର୍ଗଶିର ଶୁକ୍ଳ ନବମୀ | ୦୯ ପୌଷ କୃଷ୍ଣ ପ୍ରତିପଦ୍ | ୧୬ ପୌଷ କୃଷ୍ଣ ଅଷ୍ଟମୀ | ୨୩ ପୌଷ ଅମାବାସ୍ୟା | ୩୦ ପୌଷ ଶୁକ୍ଳ ଅଷ୍ଟମୀ |
| ଶନି | ୦୩ ମାର୍ଗଶିର ଶୁକ୍ଳ ଦଶମୀ | ୧୦ ପୌଷ କୃଷ୍ଣ ଦ୍ୱିତୀୟା | ୧୭ ପୌଷ କୃଷ୍ଣ ନବମୀ | ୨୪ ପୌଷ ଶୁକ୍ଳ ପ୍ରତିପଦ୍ | ୩୧ ପୌଷ ଶୁକ୍ଳ ନବମୀ |

### ଜାନୁଆରୀ (ପୌଷ-ମାଘ)


| | | | | | |
|---|---|---|---|---|---|
| ରବି | ୦୧ ପୌଷ ଶୁକ୍ଳ ଦଶମୀ | ୦୮ ମାଘ କୃଷ୍ଣ ପ୍ରତିପଦ୍ (ମଳ) | ୧୫ ମାଘ କୃଷ୍ଣ ଅଷ୍ଟମୀ | ୨୨ ମାଘ ଶୁକ୍ଳ ପ୍ରତିପଦ୍ | ୨୯ ମାଘ ଶୁକ୍ଳ ଅଷ୍ଟମୀ |
| ସୋମ | ୦୨ ପୌଷ ଶୁକ୍ଳ ଏକାଦଶୀ | ୦୯ ମାଘ କୃଷ୍ଣ ଦ୍ୱିତୀୟା | ୧୬ ମାଘ କୃଷ୍ଣ ନବମୀ | ୨୩ ମାଘ ଶୁକ୍ଳ ଦ୍ୱିତୀୟା | ୩୦ ମାଘ ଶୁକ୍ଳ ନବମୀ |
| ମଙ୍ଗଳ | ୦୩ ପୌଷ ଶୁକ୍ଳ ଦ୍ୱାଦଶୀ | ୧୦ ମାଘ କୃଷ୍ଣ ତୃତୀୟା | ୧୭ ପୌଷ ଶୁକ୍ଳ ଦଶମୀ | ୨୪ ମାଘ ଶୁକ୍ଳ ତୃତୀୟା | ୩୧ ମାଘ ଶୁକ୍ଳ ଦଶମୀ |
| ବୁଧ | ୦୪ ପୌଷ ଶୁକ୍ଳ ତ୍ରୟୋଦଶୀ | ୧୧ ମାଘ କୃଷ୍ଣ ଚତୁର୍ଥୀ | ୧୮ ମାଘ କୃଷ୍ଣ ଏକାଦଶୀ | ୨୫ ମାଘ ଶୁକ୍ଳ ଚତୁର୍ଥୀ | |
| ଗୁରୁ | ୦୫ ପୌଷ ଶୁକ୍ଳ ଚତୁର୍ଦ୍ଦଶୀ | ୧୨ ମାଘ କୃଷ୍ଣ ପଞ୍ଚମୀ | ୧୯ ମାଘ କୃଷ୍ଣ ଦ୍ୱାଦଶୀ | ୨୬ ମାଘ ଶୁକ୍ଳ ପଞ୍ଚମୀ | |
| ଶୁକ୍ର | ୦୬ ପୌଷ ପୂର୍ଣ୍ଣିମା | ୧୩ ମାଘ କୃଷ୍ଣ ଷଷ୍ଠୀ | ୨୦ ମାଘ କୃଷ୍ଣ ତ୍ରୟୋଦଶୀ/ଚତୁର୍ଦ୍ଦଶୀ କ୍ଷୟ | ୨୭ ମାଘ ଶୁକ୍ଳ ଷଷ୍ଠୀ | |
| ଶନି | ୦୭ ମାଘ କୃଷ୍ଣ ପ୍ରତିପଦ୍ | ୧୪ ମାଘ କୃଷ୍ଣ ସପ୍ତମୀ | ୨୧ ମାଘ ଅମାବାସ୍ୟା | ୨୮ ମାଘ ଶୁକ୍ଳ ସପ୍ତମୀ | |

### ଫେବୃଆରୀ (ମାଘ-ଫାଲ୍ଗୁନ)

| | | | | | |
|---|---|---|---|---|---|
| ରବି | | ୦୫ ମାଘ ପୂର୍ଣ୍ଣିମା | ୧୨ ଫାଲ୍ଗୁନ କୃଷ୍ଣ ଷଷ୍ଠୀ | ୧୯ ଫାଲ୍ଗୁନ କୃଷ୍ଣ ତ୍ରୟୋଦଶୀ | ୨୬ ଫାଲ୍ଗୁନ ଶୁକ୍ଳ ସପ୍ତମୀ |
| ସୋମ | | ୦୬ ଫାଲ୍ଗୁନ କୃଷ୍ଣ ପ୍ରତିପଦ୍ | ୧୩ ଫାଲ୍ଗୁନ କୃଷ୍ଣ ସପ୍ତମୀ | ୨୦ ଫାଲ୍ଗୁନ ଅମାବାସ୍ୟା | ୨୭ ଫାଲ୍ଗୁନ ଶୁକ୍ଳ ଅଷ୍ଟମୀ |
| ମଙ୍ଗଳ | | ୦୭ ଫାଲ୍ଗୁନ କୃଷ୍ଣ ଦ୍ୱିତୀୟା | ୧୪ ଫାଲ୍ଗୁନ କୃଷ୍ଣ ଅଷ୍ଟମୀ | ୨୧ ଫାଲ୍ଗୁନ ଶୁକ୍ଳ ପ୍ରତିପଦ/ଦ୍ୱିତୀୟା କ୍ଷୟ | ୨୮ ଫାଲ୍ଗୁନ ଶୁକ୍ଳ ନବମୀ |
| ବୁଧ | ୦୧ ମାଘ ଶୁକ୍ଳ ଏକାଦଶୀ | ୦୮ ଫାଲ୍ଗୁନ କୃଷ୍ଣ ତୃତୀୟା | ୧୫ ଫାଲ୍ଗୁନ କୃଷ୍ଣ ନବମୀ | ୨୨ ଫାଲ୍ଗୁନ ଶୁକ୍ଳ ତୃତୀୟା | |
| ଗୁରୁ | ୦୨ ମାଘ ଶୁକ୍ଳ ଦ୍ୱାଦଶୀ | ୦୯ ଫାଲ୍ଗୁନ କୃଷ୍ଣ ତୃତୀୟା (ମଳ) | ୧୬ ଫାଲ୍ଗୁନ କୃଷ୍ଣ ଦଶମୀ | ୨୩ ଫାଲ୍ଗୁନ ଶୁକ୍ଳ ଚତୁର୍ଥୀ | |
| ଶୁକ୍ର | ୦୩ ମାଘ ଶୁକ୍ଳ ତ୍ରୟୋଦଶୀ | ୧୦ ଫାଲ୍ଗୁନ କୃଷ୍ଣ ଚତୁର୍ଥୀ | ୧୭ ଫାଲ୍ଗୁନ କୃଷ୍ଣ ଏକାଦଶୀ | ୨୪ ଫାଲ୍ଗୁନ ଶୁକ୍ଳ ପଞ୍ଚମୀ | |
| ଶନି | ୦୪ ମାଘ ଶୁକ୍ଳ ଚତୁର୍ଦ୍ଦଶୀ | ୧୧ ଫାଲ୍ଗୁନ କୃଷ୍ଣ ପଞ୍ଚମୀ | ୧୮ ଫାଲ୍ଗୁନ କୃଷ୍ଣ ଦ୍ୱାଦଶୀ | ୨୫ ଫାଲ୍ଗୁନ ଶୁକ୍ଳ ଷଷ୍ଠୀ | |

### ମାର୍ଚ୍ଚ (ଫାଲ୍ଗୁନ-ଚୈତ୍ର)

| | | | | | |
|---|---|---|---|---|---|
| ରବି | | ୦୫ ଫାଲ୍ଗୁନ ଶୁକ୍ଳ ତ୍ରୟୋଦଶୀ | ୧୨ ଚୈତ୍ର କୃଷ୍ଣ ପଞ୍ଚମୀ | ୧୯ ଚୈତ୍ର କୃଷ୍ଣ ଦ୍ୱାଦଶୀ/ତ୍ରୟୋଦଶୀ କ୍ଷୟ | ୨୬ ଚୈତ୍ର ଶୁକ୍ଳ ପଞ୍ଚମୀ |
| ସୋମ | | ୦୬ ଫାଲ୍ଗୁନ ଶୁକ୍ଳ ଚତୁର୍ଦ୍ଦଶୀ | ୧୩ ଚୈତ୍ର କୃଷ୍ଣ ଷଷ୍ଠୀ | ୨୦ ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ | ୨୭ ଚୈତ୍ର ଶୁକ୍ଳ ଷଷ୍ଠୀ |
| ମଙ୍ଗଳ | | ୦୭ ଫାଲ୍ଗୁନ ପୂର୍ଣ୍ଣିମା | ୧୪ ଚୈତ୍ର କୃଷ୍ଣ ସପ୍ତମୀ | ୨୧ ଚୈତ୍ର ଅମାବାସ୍ୟା | ୨୮ ଚୈତ୍ର ଶୁକ୍ଳ ସପ୍ତମୀ |
| ବୁଧ | ୦୧ ଫାଲ୍ଗୁନ ଶୁକ୍ଳ ଦଶମୀ | ୦୮ ଚୈତ୍ର କୃଷ୍ଣ ପ୍ରତିପଦ୍ | ୧୫ ଚୈତ୍ର କୃଷ୍ଣ ଅଷ୍ଟମୀ | ୨୨ ଚୈତ୍ର ଶୁକ୍ଳ ପ୍ରତିପଦ୍ | ୨୯ ଚୈତ୍ର ଶୁକ୍ଳ ଅଷ୍ଟମୀ |
| ଗୁରୁ | ୦୨ ଫାଲ୍ଗୁନ ଶୁକ୍ଳ ଦଶମୀ (ମଳ) | ୦୯ ଚୈତ୍ର କୃଷ୍ଣ ଦ୍ୱିତୀୟା | ୧୬ ଚୈତ୍ର କୃଷ୍ଣ ନବମୀ | ୨୩ ଚୈତ୍ର ଶୁକ୍ଳ ଦ୍ୱିତୀୟା | ୩୦ ଚୈତ୍ର ଶୁକ୍ଳ ନବମୀ |
| ଶୁକ୍ର | ୦୩ ଫାଲ୍ଗୁନ ଶୁକ୍ଳ ଏକାଦଶୀ | ୧୦ ଚୈତ୍ର କୃଷ୍ଣ ତୃତୀୟା | ୧୭ ଚୈତ୍ର କୃଷ୍ଣ ଦଶମୀ | ୨୪ ଚୈତ୍ର ଶୁକ୍ଳ ତୃତୀୟା | ୩୧ ଚୈତ୍ର ଶୁକ୍ଳ ଦଶମୀ |
| ଶନି | ୦୪ ଫାଲ୍ଗୁନ ଶୁକ୍ଳ ଦ୍ୱାଦଶୀ | ୧୧ ଚୈତ୍ର କୃଷ୍ଣ ଚତୁର୍ଥୀ | ୧୮ ଚୈତ୍ର କୃଷ୍ଣ ଏକାଦଶୀ | ୨୫ ଚୈତ୍ର ଶୁକ୍ଳ ଚତୁର୍ଥୀ | |




## ଭାରତ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ

## ଛୁଟି ଦିବସ

| କ୍ର.ନଂ. | ଛୁଟି ଦିବସ | ତିଥି | ଦିନାଙ୍କ | ବାର |
|---|---|---|---|---|
| ୧. | ମହାବିଷୁବ ସଂକ୍ରାନ୍ତି | ବୈଶାଖ କୃଷ୍ଣ ତ୍ରୟୋଦଶୀ | ୧୪.୦୪.୨୨ | ଗୁରୁବାର |
| ୨. | ଗ୍ରୀଷ୍ମାବକାଶ | ବୈଶାଖ ଶୁକ୍ଳ ତୃତୀୟା ଠାରୁ ଆଷାଢ଼ କୃଷ୍ଣ ତୃତୀୟା/ ଚତୁର୍ଥୀ (କ୍ଷ) | ୦୩.୦୫.୨୨ ରୁ ୧୭.୦୬.୨୨ | ମଙ୍ଗଳବାର ରୁ ଶୁକ୍ରବାର |
| ୩. | ଶ୍ରୀଗୁଣ୍ଡିଚା ଯାତ୍ରା | ଆଷାଢ଼ ଶୁକ୍ଳ ଦ୍ୱିତୀୟା | ୦୧.୦୭.୨୨ | ଶୁକ୍ରବାର |
| ୪. | ବାହୁଡ଼ା ଯାତ୍ରା | ଆଷାଢ଼ ଶୁକ୍ଳ ଦଶମୀ | ୦୯.୦୭.୨୨ | ଶନିବାର |
| ୫. | ନୂଆଖାଇ | ଭାଦ୍ରବ ଶୁକ୍ଳ ପଞ୍ଚମୀ | ୦୧.୦୯.୨୨ | ଗୁରୁବାର |
| ୬. | ମହାଳୟା | ଆଶ୍ୱିନ ଅମାବାସ୍ୟା | ୨୫.୦୯.୨୨ | ରବିବାର |
| ୭. | ଦୁର୍ଗାପୂଜା ଛୁଟି | ଆଶ୍ୱିନ ଶୁକ୍ଳ ଷଷ୍ଠୀରୁ ଆଶ୍ୱିନ ପୂର୍ଣ୍ଣିମା | ୦୧.୧୦.୨୨ ରୁ ୦୯.୧୦.୨୨ | ଶନିବାରରୁ ରବିବାର |
| ୮. | କାଳୀପୂଜା | କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ | ୨୪.୧୦.୨୨ | ସୋମବାର |
| ୯. | ଦୀପାବଳୀ | କାର୍ତ୍ତିକ ଅମାବାସ୍ୟା | ୨୫.୧୦.୨୨ | ମଙ୍ଗଳବାର |
| ୧୦. | ବଡ଼ଓଷା | କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ | ୦୬.୧୧.୨୨ | ରବିବାର |
| ୧୧. | ରାସପୂର୍ଣ୍ଣିମା | କାର୍ତ୍ତିକ ପୂର୍ଣ୍ଣିମା | ୦୮.୧୧.୨୨ | ମଙ୍ଗଳବାର |
| ୧୨. | ପ୍ରଥମାଷ୍ଟମୀ | ମାର୍ଗଶିର କୃଷ୍ଣ ଅଷ୍ଟମୀ | ୧୬.୧୧.୨୨ | ବୁଧବାର |
| ୧୩. | ମାଣବସା ଗୁରୁବାର | ମାର୍ଗଶିର ଶୁକ୍ଳ ଅଷ୍ଟମୀ | ୦୧.୧୨.୨୨ | ଗୁରୁବାର |
| ୧୪. | ଶୀତକାଳୀନ ଅବକାଶ | ପୌଷ ଅମାବାସ୍ୟା ଠାରୁ ପୌଷ ଶୁକ୍ଳ ଦଶମୀ | ୨୩.୧୨.୨୨ ରୁ ୦୧.୦୧.୨୩ | ଶୁକ୍ରବାର ରୁ ରବିବାର |
| ୧୫. | ଶାମ୍ବ ଦଶମୀ | ପୌଷ ଶୁକ୍ଳ ଦଶମୀ | ୦୧.୦୧.୨୩ | ରବିବାର |
| ୧୬. | ପୌଷ ପୂର୍ଣ୍ଣିମା | ପୌଷ ପୂର୍ଣ୍ଣିମା | ୦୬.୦୧.୨୩ | ଶୁକ୍ରବାର |
| ୧୭. | ମକର ସଂକ୍ରାନ୍ତି | ମାଘ କୃଷ୍ଣ ସପ୍ତମୀ | ୧୪.୦୧.୨୩ | ଶନିବାର |
| ୧୮. | ମହା ଶିବରାତ୍ରି | ଫାଲ୍ଗୁନ କୃଷ୍ଣ ତ୍ରୟୋଦଶୀ | ୧୮.୦୨.୨୩ | ଶନିବାର |
| ୧୯. | ଦୋଳ ପୂର୍ଣ୍ଣିମା | ଫାଲ୍ଗୁନ ପୂର୍ଣ୍ଣିମା | ୦୭.୦୩.୨୩ | ମଙ୍ଗଳବାର |
| ୨୦. | ହୋଲି | ଚୈତ୍ର କୃଷ୍ଣ ଦ୍ୱିତୀୟା | ୦୮.୦୩.୨୩ | ବୁଧବାର |

## ଉତ୍ସବ ଦିବସ

| କ୍ର.ନଂ. | ଉତ୍ସବ ଦିବସ | ତିଥି | ଦିନାଙ୍କ | ବାର |
|---|---|---|---|---|
| ୧. | ଉତ୍କଳ ଦିବସ | ଚୈତ୍ର ଅମାବାସ୍ୟା | ୦୧.୦୪.୨୨ | ଶୁକ୍ରବାର |
| ୨. | ରାଷ୍ଟ୍ରୀୟ ନବ ବର୍ଷ | ଚୈତ୍ର ଶୁକ୍ଳ ପ୍ରତିପଦ୍ | ୦୨.୦୪.୨୨ | ଶନିବାର |
| ୩. | ଶ୍ରୀରାମ ନବମୀ | ଚୈତ୍ର ଶୁକ୍ଳ ନବମୀ | ୧୦.୦୪.୨୨ | ରବିବାର |
| ୪. | ଶ୍ରୀଗୁରୁ ପୂର୍ଣ୍ଣିମା | ଆଷାଢ଼ ପୂର୍ଣ୍ଣିମା | ୧୩.୦୭.୨୨ | ବୁଧବାର |
| ୫. | ରକ୍ଷାବନ୍ଧନ ଉତ୍ସବ | ଶ୍ରାବଣ ଚତୁର୍ଦ୍ଦଶୀ | ୧୧.୦୮.୨୨ | ଗୁରୁବାର |
| ୬. | ସ୍ୱାଧୀନତା ଦିବସ | ଶ୍ରାବଣ କୃଷ୍ଣ ଚତୁର୍ଥୀ | ୧୫.୦୮.୨୨ | ସୋମବାର |
| ୭. | ଜନ୍ମାଷ୍ଟମୀ | ଭାଦ୍ରବ କୃଷ୍ଣ ସପ୍ତମୀ | ୧୮.୦୮.୨୨ | ଗୁରୁବାର |
| ୮. | ଶ୍ରୀ ଗଣେଶ ପୂଜା | ଭାଦ୍ରବ ଶୁକ୍ଳ ଚତୁର୍ଥୀ | ୩୧.୦୮.୨୨ | ବୁଧବାର |
| ୯. | ଗୁରୁଦିବସ | ଭାଦ୍ରବ ଶୁକ୍ଳ ନବମୀ | ୦୫.୦୯.୨୨ | ସୋମବାର |
| ୧୦. | ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀ ଜୟନ୍ତୀ | ଆଶ୍ୱିନ ଶୁକ୍ଳ ସପ୍ତମୀ | ୦୨.୧୦.୨୨ | ରବିବାର |
| ୧୧. | ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ (ସେବା ଦିବସ) | ଆଶ୍ୱିନ ପୂର୍ଣ୍ଣିମା | ୦୯.୧୦.୨୨ | ରବିବାର |
| ୧୨. | ଶିଶୁ ଦିବସ | ମାର୍ଗଶିର କୃଷ୍ଣ ଷଷ୍ଠୀ | ୧୪.୧୧.୨୨ | ସୋମବାର |
| ୧୩. | ଗୀତା ଜୟନ୍ତୀ | ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ | ୦୫.୧୨.୨୨ | ସୋମବାର |
| ୧୪. | ସ୍ୱାମୀ ବିବେକାନନ୍ଦ ଜୟନ୍ତୀ (ଯୁବ ଦିବସ) | ପୌଷ ଶୁକ୍ଳ ପଞ୍ଚମୀ | ୧୨.୦୧.୨୩ | ଗୁରୁବାର |
| ୧୫. | ନେତାଜୀ ଜୟନ୍ତୀ (ପୂର୍ବଛାତ୍ର ଦିବସ) | ମାଘ କୃଷ୍ଣ ଦ୍ୱିତୀୟା | ୨୩.୦୧.୨୩ | ସୋମବାର |
| ୧୬. | ସାଧାରଣତନ୍ତ୍ର ଦିବସ | ମାଘ କୃଷ୍ଣ ପଞ୍ଚମୀ | ୨୬.୦୧.୨୩ | ଗୁରୁବାର |
| ୧୭. | ସରସ୍ୱତୀ ପୂଜା (ସମର୍ପଣ ଦିବସ) | ମାଘ ଶୁକ୍ଳ ପଞ୍ଚମୀ | ୨୬.୦୧.୨୩ | ଗୁରୁବାର |
| ୧୮. | ରାଷ୍ଟ୍ରୀୟ ନବ ବର୍ଷ | ଚୈତ୍ର ଶୁକ୍ଳ ପ୍ରତିପଦ୍ | ୨୨.୦୩.୨୩ | ବୁଧବାର |
| ୧୯. | ଶ୍ରୀରାମ ନବମୀ | ଚୈତ୍ର ଶୁକ୍ଳ ନବମୀ | ୩୦.୦୩.୨୩ | ଗୁରୁବାର |

ଛୁଟି ଦିବସ | ଉତ୍ସବ ଦିବସ | ଆଚାର୍ଯ୍ୟ ବିକାଶ ଦିବସ | ପୂର୍ଣ୍ଣିମା | ଅମାବାସ୍ୟା

## ଚୈତ୍ର ଶୁକ୍ଳ ପ୍ରତିପଦା

# ରାଷ୍ଟ୍ରୀୟ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ



## ବିଦ୍ୟା ଭାରତୀ
## ଶିକ୍ଷା ବିକାଶ ସମିତି, ଓଡ଼ିଶା

# ଅଭିନନ୍ଦନ ଅଭିନନ୍ଦନ

ସ୍ୱର୍ଗସମ ଏଇ ଧରଣୀ ବୁକୁରେ
ବର୍ଷ ପ୍ରତିପଦା ଆହ୍ୱାନ
କୋଟି କଣ୍ଠ କଣ୍ଠେ ମୂର୍ଚ୍ଛନା ତୋଳଇ
ନବ କାକଳିର ସୃଜନ
ମାତା ପଦରଜ ବନ୍ଦନ
ସଂପ୍ରୀତି ସଂସ୍କୃତି ଚନ୍ଦନରେ ହିନ୍ଦୁ
ନବବର୍ଷ ଅଭିନନ୍ଦନ ।।
ରାଷ୍ଟ୍ର ଜାଗରଣେ ମଉନ ମଗନ
ସମର୍ପିତ ଆମ ଦର୍ଶନ
ବଇରୀ ମୁକତ ପ୍ରୀତିଲଗ୍ନା ମାଟି
ପ୍ରତିଜ୍ଞାରେ କରେ କମ୍ପନ
ଉଜ୍ଜ୍ୱଳ କୁଳନନ୍ଦନ
ଅଖଣ୍ଡ ଭାରତ ଗଢ଼ିବା କାମରେ
ସର୍ଜନ ମୁଖର ଜୀବନ ।।
ନୂତନ ସମ୍ୱତ୍ ଶକାବ୍ଦର ଏଇ
ଶୁଭବେଳା ଶୁଭ ସର୍ଜନ
ପୂର୍ବସୂରୀ ପଦ ଅନୁସରି କରୁ
ସୁଯଶ ସୁକୀର୍ତ୍ତି ଅର୍ଜନ
ଅକାମକୁ ସଦା ବର୍ଜନ
ସଫଳ ସକ୍ଷମ ପ୍ରେରଣ ପଥରେ
ମମ ରାଷ୍ଟ୍ର ମମ ବନ୍ଦନ ।।

## ନବ ବର୍ଷର ତାତ୍ପର୍ଯ୍ୟ

- ବ୍ରହ୍ମାଙ୍କ ଦ୍ୱାରା କାଳଗଣନା ପ୍ରାରମ୍ଭ
- ଯୁଗାବ୍ଦ ପ୍ରାରମ୍ଭ
- ଶକାବ୍ଦ ଗଣନା ପ୍ରାରମ୍ଭ
- ବିକ୍ରମ ସମ୍ୱତ୍‌ର ଶୁଭାରମ୍ଭ
- ଆର୍ଯ୍ୟସମାଜ ପ୍ରତିଷ୍ଠା ଦିବସ
- ସନ୍ଥ ଝୁଲେଲାଲଙ୍କ ଜନ୍ମ ଦିବସ
- ଶିଖ ଗୁରୁ ଅଙ୍ଗଦଦେବଙ୍କ ଜନ୍ମ ଦିବସ
- ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ
- ବିଶ୍ୱର ସର୍ବବୃହତ ସ୍ୱୟଂସେବୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ପରମ ପୂଜନୀୟ ଡକ୍ଟର କେଶବ ବଳିରାମ ହେଡ଼ଗେୱାରଙ୍କ ଜନ୍ମ ଦିବସ
- ମହାରାଜା ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ
- ସର୍ବୋପରି ଏହା ସୃଷ୍ଟିର ପ୍ରାରମ୍ଭ ଦିବସ

ଚୈତ୍ର ଶୁକ୍ଳ ପ୍ରତିପଦା
ଯୁଗାବ୍ଦ - ୫୧୨୪
ବିକ୍ରମ ସମ୍ୱତ୍ ୨୦୭୯
(୦୨ ଏପ୍ରିଲ ୨୦୨୨)

## ବିଦ୍ୟା ଭାରତୀ
## ଶିକ୍ଷା ବିକାଶ ସମିତି, ଓଡ଼ିଶା

**କବିତା ପସରା**

## ଏକଥା ଭୁଲିବ ନାହିଁ

ମନୋରମା ସାହୁ

ଆଜି ଯେ ଦେଖୁଛ ଟିକି ଚାରାଟିଏ
କାଲି ହେବ ମହାଦ୍ରୁମ
ଆଜି ଯେ ଦେଖୁଛ ଟିକି କଢ଼ ସିଏ
କାଲିକୁ ହେବ କୁସୁମ ।

ଆଜି ଯିଏ ଅଛି ଟିକି ପିଲା ସିଏ
ହେବ ଦିନେ ବଡ଼ ବ୍ୟକ୍ତି
ଟିକି ହାତ, ପାଦେ ଭରିଯିବ ପରା
ତାହାର ଅମାପ ଶକ୍ତି ।

ଆଜି ଯିଏ ଅଛି ଟିକି ନଈ ସିଏ
କାଲି ପାରେ କୂଳ ଲଙ୍ଘି
ଆଜି ବହୁଅଛି ଏ ଧୀର ପବନ
କାଲି ଦେବ ସବୁ ଭାଙ୍ଗି ।

ଆଜି ଦେଖୁଅଛ ଯେଉଁ ଟିକି କାମ
ଆଜି ଦିଅ ତାକୁ ସାରି
ପକାଇ ରଖିଲେ ହେବ ବଡ଼ କାମ
ପାରିବନି ଆଉ କରି ।

ଆଜି ଯେ ଦେଖୁଛ ଟିକି ବାଛୁରୀଟି
କାଲିକି ହେବ ସେ ଗାଈ
ଆଜି ଯିଏ ସାନ କାଲି ହେବ ବଡ଼
ଏକଥା ଭୁଲିବ ନାହିଁ ।

ସରକାରୀ ଉପ୍ରା ବିଦ୍ୟାଳୟ,
ପାରିଓରଡ଼, ଖୋର୍ଦ୍ଧା, ୭୫୨୦୨୩

## ଅମୃତଧାରା

ଶ୍ରୀ ବିପିନ୍ ବିହାରୀ ରାଉତ

ସ୍ୱତନ୍ତର ବର୍ଷ ପଞ୍ଚସ୍ତରୀ ଉତ୍ସବ ମୁଖର ଧରା
ଭାରତ ବର୍ଷ ହର୍ଷ ପ୍ରଫୁଲ୍ଲ ପ୍ରବାହେ ଅମୃତ ଧାରା ।
ମାଟିରୁ ଆକାଶ ଜ୍ୟୋତିର ପ୍ରକାଶ ଉଜ୍ଜ୍ୱଳ କୋଟି ମୁଖ
ସ୍ୱାଧୀନ ବିଚାର ସ୍ୱାଧୀନ ଆଚାର ସ୍ୱାଧୀନ କର୍ମ ସୁଖ ।
କେତେ ସଂଗ୍ରାମୀ ସାଧନା ଯାତନା ରକ୍ତ ତର୍ପଣ ବଳେ
ସ୍ୱତନ୍ତ୍ର ଭାରତ ଉନ୍ନତ ଶିର ତୋଳିଛି ଏ ଧରା ତଳେ ।
ଆତ୍ମତ୍ୟାଗୀ ଯେତେ ଦେଶ ଭକ୍ତ ବୀର ଆମେରେ ତାଙ୍କ ଦାୟାଦ
ଭାଗ୍ୟବାନ ଆମେ ମୁକ୍ତ କଣ୍ଠରେ ତୋଳୁଛୁ ବିଜୟ ନାଦ ।
ଆମେ ପାଳୁଅଛୁ ସ୍ୱାଧୀନ ଭାରତ ଅମୃତ ମହୋତ୍ସବ
ଶୃଙ୍ଖଳମୁକ୍ତ ଭାରତ ବର୍ଷର ବିଶ୍ୱରେ ଗଉରବ ।
ଆମେରେ ସାଧକ ଶିକ୍ଷାର ସୈନିକ ମୁକ୍ତିର ବାର୍ତ୍ତାବହ
ସୁସ୍ଥ ଶରୀର ସୁସ୍ଥ ମାନସ କର୍ମଠ ପରିଚୟ ।
ସକଳ ଶକ୍ତିର ଉତ୍ସ ତପନ ପ୍ରଣାମରୁ ବଳ ଘେନି
ଆୟୁ ପ୍ରଜ୍ଞା ତେଜ ବୀର୍ଯ୍ୟରେ ହେବୁ ଆମେ ମହାଧନୀ ।
ଏ ଶୁଭ ଲଗନେ ଭାରତ ମାତାର ଚରଣରେ ଦେବୁ ଭେଟି
ପଞ୍ଚସ୍ତରୀତମ ବର୍ଷେ ସୂର୍ଯ୍ୟ ନମସ୍କାର ପଞ୍ଚସ୍ତରୀ କୋଟି ।
ଜାଗ୍ରତ ଆଜି ଗ୍ରାମରୁ ନଗର ପଲ୍ଲୀ ଗିରି ବନବାସୀ
କୋଟି କଣ୍ଠୁ ଆଜି ସ୍ୱାଧୀନ ଭାରତ ଜୟଗାନ ଆସେ ଭାସି ।
ଭାରତ ଜାଗିଲେ ଜଗତ ଜାଗିବ ଶାଶ୍ୱତ ଏ ମହାମନ୍ତ୍ର
ଆଧ୍ୟାତ୍ମିକତାର ଉତ୍ତରଣରେ ମାନବ ହେବ ସ୍ୱତନ୍ତ୍ର ।

-୦-

*ମର୍କତନଗର, କଟକ-୧୪*
*ସମ୍ପର୍କ-୯୪୩୭୭୪୦୯୮୪*

ପ୍ରତିମାଠାରେ ଶ୍ରଦ୍ଧା ବହି । ହରି ପୂଜାକୁ ଯେ କରଇ ।।

# ମାତୃଭାଷା

ଚୁମୁକି ଦାଶ(ମିଶ୍ର)

ମାତୃଭାଷା ଆମ ମାଟିର ମହକ
ଚଉଦିଗେ ଚହଟାଏ
ଶିକ୍ଷା ସାଧନର ମୂଳଦୁଆ ହୋଇ
ଆଗୁ ଆଗ ନେଇ ଯାଏ । ୧।
ଭାଷା ଉନ୍ନତିରେ ଜାତିର ଉନ୍ନତି
ସମାଜର ସ୍ୱାଭିମାନ,
ସେବା ଯତ୍ନ କଲେ ଭକ୍ତିରେ ପୂଜିଲେ
ମାତୃଭାଷା ହେବ ଧନ୍ୟ ।୨।
ମାତୃଭାଷା ଅଟେ ହୃଦୟର ଭାଷା
ଭାବ ବ୍ୟକ୍ତ କରିବାରେ,
ଅନ୍ତର୍ଭାବନାକୁ ମାତୃଭାଷା ବଳେ
ବୁଝି ହୁଏ ସହଜରେ ।୩।
ସହଜ, ସୁନ୍ଦର, ବୋଧଗମ୍ୟ ଲାଗେ
ଆପଣାର ଭାଷା ଶୁଣି
ମାତୃଭାଷା ଅଟେ ପରିଚୟ ଆମ
ଶିଶୁ ଯେ ପାରେ ବଖାଣି ।୪।
ଆପଣା କଥାରେ ବ୍ୟକ୍ତ କରେ ଶିଶୁ
ହୃଦୟର ଆବେଗକୁ
ମାତୃଭାଷା ଅଟେ ମାଧ୍ୟମ ତାହାରି
ଭାବବ୍ୟକ୍ତ କରିବାକୁ ।।୫
ଦେଶ ଜାତି ସିନା ଉନ୍ନତ ହୋଇବ
ମାତୃଭାଷା ଉଚ୍ଚ ହେଲେ,
ଏକଥାକୁ ନିଜେ କବି ଗଙ୍ଗାଧର
ସ୍ପଷ୍ଟ ଭାବେ କହି ଥିଲେ ।। ।୬

ଶାନ୍ତିପଡ଼ା, ବଲାଙ୍ଗୀର

-୦-

# ହେ ହଂସବାହିନୀ

ଶ୍ରୀ କୈଳାଶ ଚନ୍ଦ୍ର ଧଳ

ହଂସବାହିନୀ ଅଭୟଦାୟିନୀ
ଜୟ ମାଆ ବୀଣାପାଣି
ସୁଖଦା ବରଦା ଶୁଭଦା ମୋକ୍ଷଦା
ବିଦ୍ୟାଦାତ୍ରୀ ଜ୍ଞାନରାଣୀ ।
ମରତେ ଆସିଛୁ ବସନ୍ତ ବାସରେ
ମୃଦୁ ସମୀରଣ ତାଳେ
ମାଘମାସ ଶୁକ୍ଳ ପଞ୍ଚମୀ ତିଥିରେ
ଶୁଭ ଲଗନର ବେଳେ ।
ଶ୍ୱେତବସନା ପଦ୍ମଆସନା
ଗଳାରେ ମୁକୁତା ହାର
ବୀଣାଧାରିଣୀ ବିଦ୍ୟା ପ୍ରଦାୟିନୀ
କୁନ୍ଦଫୁଲ ପ୍ରିୟ ତୋର ।
ବ୍ରହ୍ମାଙ୍କ ଘରଣୀ ମୋକ୍ଷ ପ୍ରଦାୟିନୀ
ଧରାଧାମେ ଅବତରି
ଘରେ ଘରେ ଜାଳୁ ଜ୍ଞାନର ଦୀପାଳି
ଯାଏ ଅମା ଅପସରି ।
କୁନି ଓଠେ ମୋର ଭର ମିଠା ବାଣୀ
ହୃଦେ ଜାଗୁ ନୂଆ ଚିନ୍ତା
ତୁମରି ନାମକୁ ସ୍ମରି ଦିନ ରାତି
ପୂଜିବି ଭାରତ ମାତା ।

ପ୍ରଧାନ ଆଚାର୍ଯ୍ୟ,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁମୁଡ଼ିବନ୍ଧ, କନ୍ଧମାଳ
ମୋ: ୮୮୯୫୧୧୯୯୪୪

-୦-

# ଅମୃତ ମହୋତ୍ସବ

ସୁମିତ୍ରା ମିଶ୍ର

ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ
ହୃଦୟେ ଭରିଛି କେତେ ଯେ ହର୍ଷ ।
ଦେଶ ଓ ଜାତିର ଗର୍ବ ଗୌରବ
ସ୍ୱତନ୍ତ୍ରତା ଆମ ଶ୍ରେଷ୍ଠ ବିଭବ ।
ଶୂରବୀରଙ୍କର ବୀରତ୍ୱ ଗୀତି
ଭୁଲିପାରିବନି ମାନବ ଜାତି ।
ଦେଶପ୍ରେମୀଙ୍କର ସ୍ୱଦେଶ ପ୍ରୀତି
ଜାଗ୍ରତ କରିବ ସୁପ୍ତ ଶକତି ।
ପର୍ଦ୍ଦା ଆଡୁଆଳେ କେତେ ସଂଗ୍ରାମୀ
ଇତିହାସ ଯା'ର ନାମ ଲେଖିନି ।
ଲୋକଲୋଚନକୁ ଆଣିବା ଆମେ
ବିଳମ୍ବ ହେଲେ ବି ଚିହ୍ନିବେ ଜନେ ।
ପ୍ରତ୍ୟହ କଲେ ସୂର୍ଯ୍ୟ ନମସ୍କାର
ନୀରୋଗ ରହିବ ମନଶରୀର ।
ସୁସ୍ଥ ସମାଜ ଗଠନ ନିମିତ୍ତ
ତେର ମନ୍ତ୍ର ସହ କର ନିୟତ ।
ପଞ୍ଚସ୍ତରୀ କୋଟି ସଂକଳ୍ପ ନେଇ
ସବୁ ସଂଗଠନ ଆଗେ ବଢ଼ଇ ।
ଆଠଟି ଆସନ କରିବା ଚାଲ
ଏଇ ଅଭିଯାନେ ହୋଇ ସାମିଲ ।
ଅତୀତ ଗାଥାକୁ କରି ସ୍ମରଣ
ଅମୃତ ଉତ୍ସବ ହୁଏ ପାଳନ ।
ସଭିଏଁ ଆସ ହେବା ସଂଗଠିତ
ସଶକ୍ତ ସମୃଦ୍ଧ ହେବ ଭାରତ ।
ଭାରତ ମାତାର କଲେ ପୂଜନ
ଘୁଞ୍ଚିଯିବ ଆମ ସବୁ କଷଣ ।
ରାଷ୍ଟ୍ରସେବାରେ ହୋଇ ଅଗ୍ରସର
ଉତ୍ତର ପିଢ଼ିକୁ ବାର୍ତ୍ତା ପ୍ରସର ।

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ସେକ୍ଟର-୬, ରାଉରକେଲା, ମୋ: ୯୮୬୧୫୬୭୦୩୦

# ପରଜାପତିଟି ହସିଲାଣି

ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା

ଶୀତ ଚାଲିଯାଏ କୁହୁଡ଼ି ଧାରରେ
ଋତୁରାଜ ଧୀରେ ଆସିଲାଣି
ଆମ୍ବ ବଉଳରେ ତୋଟାବାଡ଼ି ସବୁ
ମହମହ ଖାଲି ବାସିଲାଣି ।
କୋଇଲି ମାଉସୀ ଗଛ ଡ଼ାଳେ ବସି
କୁହୁକୁହୁ ଗୀତ ଗାଇଲାଣି
ଫୁଲେଇ ବଗିଚା ଦେହସାରା ଖାଲି
ଯୂଇ ଜାଇ ହେନା ନାଇଲାଣି ।
ମଳୟ ମରୁତ ଥିରିଥିରି ହୋଇ
ଦକ୍ଷିଣ ଦିଗରୁ ବହିଲାଣି
ଗୁଣୁଗୁଣୁ ହୋଇ ଭଅଁର ଫୁଲକୁ
କେତେ କେତେ କଥା କହିଲାଣି ।
ବସନ୍ତ ଆସିଛି ଏଇ ଧରା ପରେ
ପରଜାପତିଟି ହସିଲାଣି
ସୂରୁଜ କିରଣ ଲାଗିଲାଟି ଟାଣ
ବାଟୋଇ ଛାଇରେ ବସିଲାଣି ।

ପତ୍ରିକା ପ୍ରମୁଖ
ଉତ୍ତର ପୂର୍ବ ସମ୍ଭାଗ

-୦-

# ଆମେ ବିଜ୍ଞାନୀ ଆମେ ସନ୍ଧାନୀ

ଶ୍ରୀ ରଘୁନାଥ ଆଚାର୍ଯ୍ୟ

ଆମେ ବିଜ୍ଞାନୀ, ଆମେ ସନ୍ଧାନୀ
ଆମେ ସୁଜ୍ଞାନୀ ।
ଏକ ବିଂଶର ସାଧକ ଆମେ
ନବ ଯୁଗର ସୁଜ୍ଞାନୀ
ଆମେ ବିଜ୍ଞାନୀ ।
ଆମେ ଉଡୁଅଛୁ ଶୂନ୍ୟ ଆକାଶେ
ପକ୍ଷୀ ପରି ଡେଣା ମେଲାଇ
ଆମେ ମନ୍ଥି ଅଛୁ ଅଥଳ ସାଗର
ମୀନ ପରି ଡେଣା ବାଡ଼େଇ ।
ଆମେ ଆଣିଅଛୁ ମାଟିମା' କୋଳରୁ
ସୁନା ରୁପା ହୀରା ଖଣିଜ
ଆମେ ପହଞ୍ଚିବୁ ମଙ୍ଗଳ ଚନ୍ଦ୍ରରେ
ଗଢ଼ିବୁ ନୂତନ ରାଇଜ ।
ଧନ୍ୟ ତୁମେ ଋଷି ତପୀ କୂଳବର
ଭାରତ ମଉଡ଼ମଣି,
ଚରକ, ସୁଶ୍ରୁତ, କଣାଦ, ଅଶ୍ୱିନୀ,
ଭୃଗୁ, ପରାଶର ବାଣୀ ।
ଯନ୍ତ୍ର ଯୁଗେ ଆମେ ମନ୍ତ୍ରର ସାଧକ
ପାଇଛୁ ନୂତନ ପ୍ରେରଣା
ଗଢ଼ିବୁ ଆମେରେ ନୂତନ ଭାରତ
ହେଲେ ତାଙ୍କରି କରୁଣା ।
କରି ସଦ୍‌ଯୋଗ ଖିଆଲି ମଣିଷ
ନ କର ଦୁରୁପଯୋଗ,
ତେବେ ସିନା ହେବ ବିଜ୍ଞାନର ଜୟ
ରହିବା ଆମେ ନୀରୋଗ ।
ଏକ ବିଂଶର ସାଧକ ଆମେ
ନବ ଯୁଗର ସୁଜ୍ଞାନୀ
ଆମେ ବିଜ୍ଞାନୀ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରାଦ୍ୱୀପ ।

# ତ୍ରିବେଣୀ ଅମାବାସ୍ୟା

ଶ୍ରୀ ସୁରେଶ କୁମାର ନାୟକ

ବୈଶାଖ କାର୍ତ୍ତିକ ତାହା ସାଥେ ମାଘ
ଅଟଇ ବ୍ରତର ମାସ
ତନ୍ମଧ୍ୟରୁ ପୁଣି ମାଘ ମାସ ସାର
କରିଥାଏ ପାପ ନାଶ ।୧।
ଗଙ୍ଗା ଓ ଯମୁନା ସାଥେ ସରସ୍ୱତୀ
ନଦୀର ସଙ୍ଗମ ଜଳେ
ମାଘ ଆମାବାସ୍ୟା ଦିନ କଲେ ସ୍ନାନ
ପୁଣ୍ୟଟା ଅବଶ୍ୟ ଫଳେ ।।୨।
ମାଘ ଅମାବାସ୍ୟା ଦିନ ତ୍ରିବେଣୀରେ
ସ୍ନାନ କଲେ ପୂର୍ଣ୍ଣ ଆଶା
ହୋଇଥାଏ ତେଣୁ ନାମଟା ତାହାର
ତିରିବେଣୀ ଆମାବାସ୍ୟା ।।୩।
ତତ୍‌କାଳେ ଅଙ୍ଗ ରାଜ୍ୟ ରାଜବଧୂ
ନିଜ ସ୍ୱାମୀ ଆୟୁ ପାଇଁ
ରଖିଥିଲେ ବ୍ରତ ଏହି ପୁଣ୍ୟ ଦିନ
ତ୍ରିବେଣୀ ଘାଟକୁ ଯାଇ ।।୪।
ସେହି ଦିନୁ ପରମ୍ପରା ଅଛି ରହି
ଏହି ଅମାବାସ୍ୟା ଦିନ
ତ୍ରିବେଣୀରେ ସ୍ନାନ କରିଦେଲେ ଜନ
ମିଳେ ଆୟୁ ଯଶ ଜ୍ଞାନ ।।୫।
ଆସ ସର୍ବଜନ ଏ ପବିତ୍ର ଦିନ
ସତ୍ୟ ଧର୍ମ ନ୍ୟାୟ ସ୍ନାନ
ତ୍ରିବେଣୀରେ ସ୍ନାନ କରି ସର୍ବଜନ
ଅରଜିବା କୋଟି ପୁଣ୍ୟ ।।୬।

ସ.ଶି.ବି.ମ., ଦିଗପହଣ୍ଡି
ଦ.ପୂ ସଂଭାଗ, ଗଞ୍ଜାମ ।

-୦-

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।

ଗୀତା ଜ୍ଞାନ

# ଓଁ ପରମାତ୍ମନେ ନମଃ



ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ

ଶ୍ରୀମଦ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୧୨ତମ ଶ୍ଳୋକ ଠାରୁ ୧୮ତମ ଶ୍ଳୋକ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ ଅମୃତ ବାଣୀରେ ଆତ୍ମତତ୍ତ୍ୱର ଗୋଟିଏ ପ୍ରକରଣର ପରିସମାପ୍ତି ଘଟିଛି । ୧୨ ଓ ୧୩ତମ ଶ୍ଳୋକରେ ଗତାସୂନଙ୍କୁ ଅଶୋଚ୍ୟ କହିବା ସଙ୍ଗେସଙ୍ଗେ ଭଗବାନ୍ ନିତ୍ୟର ଆଲୋଚନା କରିଛନ୍ତି ଏବଂ ୧୪ ଓ ୧୫ତମ ଶ୍ଳୋକରେ ଅଗତାସୂନଙ୍କୁ ମଧ୍ୟ ଅଶୋଚ୍ୟ କହି ଅନିତ୍ୟର କଥା କହିଛନ୍ତି । ତତ୍ପରେ ସତ୍ ଓ ଅସତ୍ ଉଭୟର ବର୍ଣ୍ଣନା ୧୬ତମ ଶ୍ଳୋକରେ କରାଯାଇଛି । ପୁନଶ୍ଚ ୧୭ତମ ଶ୍ଳୋକରେ ସତ୍‌ର ଭାବ ଓ ୧୮ତମ ଶ୍ଳୋକରେ ଅସତ୍‌ର ଅଭାବକୁ ଦର୍ଶାଇ ଆତ୍ମତତ୍ତ୍ୱର ଏହି ପ୍ରକରଣକୁ ବିରାମ ଦେଇଛନ୍ତି ।

ବର୍ତ୍ତମାନ, ପରବର୍ତ୍ତୀ ୧୯ତମ ଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେବାକୁ ଯାଇ ଶରୀରୀ (ଆତ୍ମା)କୁ ଅବିନାଶୀ ବୋଲି ଜାଣି ନ ଥିବା ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରୁଛନ୍ତି ।

ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥

ଅର୍ଥାତ୍ ଯେଉଁ ମନୁଷ୍ୟ ଏହି ଅବିନାଶୀ ଶରୀରକୁ ହତ୍ୟାକାରୀ ମନେକରେ ଏବଂ ଯିଏ ଏହାକୁ ମରଣଶୀଳ ବୋଲି ଭାବେ ଏହି ପ୍ରକାର ଭାବନା ରଖିଥିବା ସେହିମାନେ ଏହାକୁ (ଶରୀରକୁ) ଠିକ୍ ଭାବରେ ଜାଣନ୍ତି ନାହିଁ । କାରଣ ଶରୀରୀ ମାରେ ନାହିଁ କି ମରେ ନାହିଁ ।

ଯ ଏନମ୍ ବେତ୍ତି ହନ୍ତାରମ୍- ଯେ ଏହାକୁ ହତ୍ୟାକାରୀ ମନେ କରେ ଏହି ଶ୍ଳୋକରେ 'ଏନମ୍ ଓ ଅୟମ୍ ପଦ ଦୁଇଟି ଶରୀର ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୋଇଛି ଏବଂ ଏହି ପଦରେ ଏକାଧିକ ବ୍ୟବହାର ଭଗବାନଙ୍କ ବ୍ୟକ୍ତବ୍ୟର ଦୃଢ଼ତା ଦୃଷ୍ଟିରୁ କରାଯାଇଛି । 'ବେତ୍ତି' ପଦର ଅର୍ଥ ବୁଝିବା ବା ମନେ କରିବା ।

ଯେହେତୁ ଅର୍ଜୁନ ନିଜକୁ କୁଟୁମ୍ବମାନଙ୍କ ହତ୍ୟାକାରୀ ବୋଲି ଚିନ୍ତା କରି ଶୋକ କରୁଛନ୍ତି, ତେଣୁ ଭଗବାନ କହୁଛନ୍ତି ଯେ, ହେ ଅର୍ଜୁନ ! ତୁମେ ଏହି ଆତ୍ମାକୁ ଜାଣ, କାରଣ ଶରୀରୀ କେବେ ମାରେ ନାହିଁ । ବସ୍ତୁତଃ ଶରୀରୀର କର୍ତ୍ତାପଣ ନ ଥାଏ କେବଳ ଦେହ (ଶରୀର) ସହିତ ସମ୍ବନ୍ଧ ଯୋଡ଼ି ନିଜକୁ ଶରୀର ମନେ କରି ମନୁଷ୍ୟ ନିଜକୁ କର୍ତ୍ତା ମନେ କରିଥାଏ ।

ଯଶ୍ଚୈନଂ ମନ୍ୟତେ ହତମ୍- ଯେ ଏହି ଶରୀରୀକୁ ମରଣଶୀଳ ମନେ କରେ ସେ ମଧ୍ୟ ଏହାକୁ ଠିକ୍ ରୂପେ ଜାଣେ ନାହିଁ । ଅର୍ଜୁନ ଉପସ୍ଥିତ ଯୋଦ୍ଧାମାନଙ୍କ ମୃତ୍ୟୁର ଚିନ୍ତା କରିବା ପରିପ୍ରେକ୍ଷୀରେ ଭଗବାନ କହୁଛନ୍ତି ଯେ ଶରୀରୀର ବିନାଶ କଦାପି ହୋଇ ନ ଥାଏ । ଏହା କାଳାତୀତ ତତ୍ତ୍ୱ ଅଟେ ଏବଂ ଶରୀର ଅସ୍ତିତ୍ୱ ଯଥାବତ୍ ବିଦ୍ୟମାନ ରହେ ।

ପୁନଶ୍ଚ ଯିଏ ଶରୀରକୁ ହତ୍ୟାକାରୀ ବୋଲି ମନେକରେ ବା ଏହାକୁ ବିନାଶଶୀଳ ବୋଲି ଭାବେ ସେହି ଦୁଇ ପ୍ରକାର ବ୍ୟକ୍ତିଙ୍କର ଶରୀରୀ ବିଷୟରେ ସଠିକ୍ ଜ୍ଞାନ ନ ଥାଏ । କାରଣ ଏହା ମରେ

ପଶୁ ତନୟ ଦାରା ଦାସ । ଏ ସର୍ବ ବିଜୁଳି ପ୍ରକାଶ ।।

ନାହିଁ କି ମାରେ ନାହିଁ- 'ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ'

ବାସ୍ତବରେ ଶରୀରୀ କୌଣସି କ୍ରିୟାର କର୍ତ୍ତା ନୁହେଁ କି କର୍ମ ନୁହେଁ । ଏହା ସମସ୍ତ କ୍ରିୟା ରହିତ । ଯେହେତୁ, ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ଏବଂ ଯୁଦ୍ଧରେ ମାରିବା ଓ ମରିବା କାର୍ଯ୍ୟରେ କର୍ତ୍ତାପଣ ଅଭିମାନ ବଶବର୍ତ୍ତୀ ହେବା ସଙ୍ଗେସଙ୍ଗେ ନିଜର ମୋହ କାରଣରୁ ଠିକ୍ ନିର୍ଣ୍ଣୟ ନେଇ ପାରୁନାହାନ୍ତି, ତେଣୁ ଭଗବାନ୍ ଆତ୍ମତତ୍ତ୍ୱର ଦିବ୍ୟ ଆଲୋଚନା କରି ଅର୍ଜୁନଙ୍କର ସନ୍ଦେହ ବିମୋଚନ କରିବାକୁ ଚେଷ୍ଟା କରିଛନ୍ତି ।

ଶ୍ରୀମଦ୍ ଭଗବତ୍ ଗୀତାରେ ଅନ୍ୟତ୍ର ମଧ୍ୟ ଏହି ତତ୍ତ୍ୱର ଅବତାରଣା କରାଯାଇଛି । ୫ମ ଅଧ୍ୟାୟର ଅଷ୍ଟମ ଶ୍ଳୋକରେ ଭଗବାନ୍ କହୁଛନ୍ତି ଯେ, ଏହି ଶରୀର ସ୍ୱୟମ୍ କିଛି କରେ ନାହିଁ କି କରାଏ ନାହିଁ, ଏହାକୁ ଜ୍ଞାନୀମାନେ ଜାଣନ୍ତି । ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ (୫।୮) । ଶରୀରର ଅକର୍ତ୍ତାପଣକୁ ଭଗବାନ୍ ୧୩ତମ ଅଧ୍ୟାୟର ୨୯ ଶ୍ଳୋକରେ ବୁଝାଇ କହିଛନ୍ତି ଯେ, ନିଜକୁ ଯେ ଅକର୍ତ୍ତା ଦେଖେ ସେ ଯଥାର୍ଥ ବା ଠିକ୍ ଦେଖେ । ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି (୧୩।୨୯)

ଶରୀର ଓ ଶରୀରୀ ସମ୍ବନ୍ଧୀୟ ସଠିକ୍ ଜ୍ଞାନର ଅଭାବରୁ 'ମୁଁ କିଛି କରୁନାହିଁ' ଏହାର ଅନୁଭବ ଆମର ହୋଇ ନ ଥାଏ, ଏବଂ ନିଜ ଦ୍ୱାରା (ଶରୀର ଦ୍ୱାରା) କରାଯାଇଥିବା କର୍ମ ଆଧାରରେ ଆମେ ସୁଖ ବା ଦୁଃଖ ଭୋଗ କରିଥାଉ । ଯେଉଁମାନଙ୍କର ଶରୀର ଓ ଶରୀରୀ ମଧ୍ୟରେ ପ୍ରଭେଦର ବୋଧ ଥାଏ ସେମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଶ୍ଳୋକରେ ଭଗବାନ୍ ଧୀରାଃ ପଣ୍ଡିତାଃ, ତତ୍ତ୍ୱବେତ୍ତା ଇତ୍ୟାଦି ପଦର ପ୍ରୟୋଗ କରିଛନ୍ତି । ସେହିପରି ଯେଉଁ ବ୍ୟକ୍ତିର ବୁଦ୍ଧି ଶୁଦ୍ଧ ହୋଇ ନ ଥାଏ ଏବଂ ଏହାର ପ୍ରଭାବରେ ନିଜକୁ ସମସ୍ତ କ୍ରିୟାର କର୍ତ୍ତା ମନେକରେ, ସେହିପରି ବୁଦ୍ଧି ସମ୍ପନ୍ନ ବ୍ୟକ୍ତିଙ୍କୁ ଭଗବାନ୍ ୧୮ ଅଧ୍ୟାୟର ୧୬ତମ ଶ୍ଳୋକରେ 'ଅକୃତବୁଦ୍ଧି' ବୋଲି କହିଛନ୍ତି ।

ଶରୀରୀ ଯେ ନିର୍ବିକାର ଓ ନିତ୍ୟ ଏବଂ ଏହା ଶରୀର ଠାରୁ ଭିନ୍ନ, ଏହାକୁ ପ୍ରତିପାଦନ କରିବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ ପରବର୍ତ୍ତୀ ୨୦ତମ ଶ୍ଳୋକରେ ନିମ୍ନପ୍ରକାରେ ବର୍ଣ୍ଣନା କରୁଛନ୍ତି ।

"ନ ଜାୟତେ ମ୍ରିୟତେ ବା କଦାଚିନ୍
ନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।।"

ଅର୍ଥାତ୍- ଏହି ଶରୀରୀ କେବେ ଜନ୍ମ ହୁଏ ନାହିଁ କି ମରେ ନାହିଁ ଏବଂ ଏହା ପୁନର୍ବାର ଉତ୍ପନ୍ନ ହୋଇ ନ ଥାଏ । ଏହା ଜନ୍ମ ରହିତ ନିତ୍ୟ ଶାଶ୍ୱତ ଓ ଅନାଦି ଅଟେ । ଶରୀର ନଷ୍ଟ ହୋଇଗଲେ ମଧ୍ୟ ଆତ୍ମାର ବିନାଶ ସଂଘଟିତ ହୋଇ ନ ଥାଏ ।

ଉତ୍ପନ୍ନ ହେବା ସତ୍ତାବାନ ଦେଖାଯିବା, ବଦଳିବା, ବଢ଼ିବା କ୍ଷୟହେବା ଓ ବିନାଶ ହେବା- ଏହି ଛ ଗୋଟି ଲକ୍ଷଣ ବା ବିକାର ଶରୀରରେ ଦେଖା ଯାଇଥାଏ ।

ଜାୟତେ ଅସ୍ତି ବିପରୀତାମତେ ବର୍ଦ୍ଧତେ ଅପକ୍ଷୀୟତେ ବିନଶ୍ୟତି (ନିରୁକ୍ତ ୧।୧।୨)

ଭଗବାନ୍ ଏହି ଶ୍ଳୋକ (୨୦ତମ) କହୁଛନ୍ତି ଯେ ଶରୀରୀ ଉପରୋକ୍ତ ଛଅଟି ବିକାର ରହିତ ।

୧- ନ ଜାୟତେ ଅଜଃ- ଏହା ଜନ୍ମ ହୁଏ ନାହିଁ ବା ଉତ୍ପନ୍ନ ହୁଏ ନାହିଁ

୨- ଭୂତ୍ୱା ଭବିତା ବା ନ ଭୂୟଃ- ଶରୀରୀ ଉତ୍ପନ୍ନ ହୋଇ ବିକାରଯୁକ୍ତ ହୁଏ ନାହିଁ ବା ସତ୍ତାବାନ୍ ଦେଖାଯାଏ ନାହିଁ । ଶରୀରୀ ସନାତନ ଏବଂ ଈଶ୍ୱରଙ୍କ ଅଂଶ ୧୫ତମ ଅଧ୍ୟାୟର ସପ୍ତମ ଶ୍ଳୋକରେ ଭଗବାନ୍ ଘୋଷଣା କରିଛନ୍ତି ଯେ, ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ । ଶ୍ରୀ ରାମଚରିତ ମାନସରେ ମଧ୍ୟ ଉଲ୍ଲେଖ ରହିଛି- ଈଶ୍ୱର ଅଂଶ ଜୀବ ଅବିନାଶୀ

୩- ଶାଶ୍ୱତଃ- ଏହା ବଦଳେ ନାହି

୪- ପୁରାଣଃ- ଏହାର ବୃଦ୍ଧି ହୋଇ ନ ଥାଏ

୫- ନିତ୍ୟ - ଶରୀରୀର କ୍ଷୟ ହୋଇ ନ ଥାଏ

୬- ନମ୍ରିୟତେ ନ ହନ୍ୟତେ- ଏହା ମରେ ନାହିଁ ଅର୍ଥାତ୍ ଶରୀରୀର

ବିନାଶ ହୁଏ ନାହିଁ ।

ସ୍ୱୟମ୍ ଓ ଶରୀର ସ୍ୱଭାବ ଭିନ୍ନ ଅଟେ । ଆମେ ବାସ୍ତବରେ ଶରୀର ସହିତ ଲିପ୍ତ ନୋହୁଁ କି ଜଡ଼ିତ ନୋହୁଁ । ଶରୀର ଆତ୍ମା ସହିତ ଲିପ୍ତ ନୁହେଁ ବା ଜଡ଼ିତ ନୁହେଁ । ଆଲୋଚ୍ୟ ଦୁଇଟି ଶ୍ଳୋକରେ ଶରୀରୀର ସ୍ପଷ୍ଟ ବର୍ଣ୍ଣନା କରି ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି ଯେ, ହେ ପାର୍ଥ ! ତୁମେ ଏହି ତତ୍ତ୍ୱକୁ ଉପଲବ୍ଧି କର ଏବଂ ଶୋକ ଓ ଦୁର୍ବଳତା ତ୍ୟାଗ କରି ନିଜ କର୍ତ୍ତବ୍ୟରେ ପ୍ରବୃତ୍ତ ହୁଅ । ତେଣୁ ଭଗବାନ୍ ଏହି ଧ୍ୟାୟର ୪୫ ତମ ଶ୍ଳୋକରେ ଅର୍ଜୁନଙ୍କୁ ନିର୍ଦ୍ୱନ୍ଦୋ ନିତ୍ୟସତ୍ତ୍ୱସ୍ଥୋ ହୋଇ ନିଜର କର୍ତ୍ତବ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

କଠୋପନିଷଦ୍‌ରେ ବର୍ଣ୍ଣିତ ଯମ ଓ ନଚିକେତା ସମ୍ବାଦରେ ନଚିକେତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯମ ଆତ୍ମତତ୍ତ୍ୱ ତଥା ଶରୀର ସମ୍ବନ୍ଧୀୟ ବର୍ଣ୍ଣନା ନିମ୍ନ ପ୍ରକାରେ କରିଛନ୍ତି-

ନ ଜାୟତେ ମ୍ରିୟତୋ ବା ବିପଶ୍ଚିନ୍
ନାୟମ୍ କୁତଶ୍ଚିନ୍ ବଭୂବ କଶ୍ଚିତ୍
ଅଜୋ ନିତ୍ୟଃ ଶାଶ୍ୱତଃ ଅୟମ୍ ପୁରାଣୋ
ନ ନ୍ୟତେ ହନ୍ୟମାନେ ଶରୀରେ ।
ହନ୍ତା ଚେନମ୍ମ ଅନ୍ୟତେ ହନ୍ତୁମ୍ ହତଶ୍ଚେଷ୍ଟମ୍ ଅନ୍ୟତେ
ଉଭୌ ତୌ ନ ବିଜାନୀତୋ ନ ଅୟମ୍ ହନ୍ତି ନ ହନ୍ୟତେ
(କଂ ୧।୨-୧୮-୧୯)

ଅର୍ଥାତ୍ ଏହି ଆତ୍ମା କେବେ ଜନ୍ମ ହୁଏ ନାହିଁ କି ମୃତ୍ୟୁ ବରଣ କରେ ନାହିଁ । ଏହା ଅଜନ୍ମା, ନିତ୍ୟ, ଶାଶ୍ୱତ ଓ ପୁରାତନ । ଶରୀରର ବିନାଶ ହେଲେ ମଧ୍ୟ ଆତ୍ମାର ବିନାଶ ହୋଇ ନ ଥାଏ । ଯେ ମନେ କରୁଥାଏ ସେ ଆତ୍ମାକୁ ହତ୍ୟା କରୁଛି ବା ନିହତ ବ୍ୟକ୍ତି ନିଜର ମୃତ୍ୟୁ ହୋଇଛି ବୋଲି ବିଚାର କରିଥାଏ, ଏହି ଉଭୟ ତାକୁ (ଆତ୍ମାକୁ) ବସ୍ତୁତଃ ଜାଣି ନାହାନ୍ତି ବୋଲି ବୁଝିବାକୁ ହେବ କାରଣ ଆତ୍ମା ହତ୍ୟା କରେ ନାହିଁ କି ହତ ହୁଏ ନାହିଁ ।

ଶ୍ରୀମଦ୍ ଭାଗବତରେ ଭଗବାନ୍ କପିଳ ମାତା ଦେବହୂତିଙ୍କୁ ଉପଦେଶ ପ୍ରଦାନ କରି କହୁଛନ୍ତି ଯେ, ହେ ଜନନୀ ନର ଜନ୍ମ ପାଇ ଯେଉଁ ବ୍ୟକ୍ତି ନିଜକୁ ଜାଣି ନ ପାରେ, ସେହିପରି ମନୁଷ୍ୟର ଜୀବନ ମୂଲ୍ୟହୀନ ହୋଇଥାଏ ।

ଅଜ୍ଞାନେ ଏ ଘୋର ସଂସାରେ, ଜୀବ ଭ୍ରମଇ ଅହଂକାରେ ।।
ଦୁଃଖ ଲଭଇ ବାରେ ବାରେ, ଆତ୍ମାର ଗତି ନ ବିଚାରେ ।।
ଏ ଜୀବ ମୋହିତ ଅଜ୍ଞାନେ, ଏ ରୂପେ ପଡ଼ଇ ବନ୍ଧନେ ।।

ତେଣୁ ନିଜକୁ ଜାଣିବା ହିଁ ପ୍ରକୃଷ୍ଟ ଜ୍ଞାନ ଅଟେ । ଭଗବତକାରଏହି ଜ୍ଞାନର ଅଧିକାରୀ ହୋଇ ନିଜର କର୍ତ୍ତବ୍ୟ କରିବାକୁ ସତର୍କ କରିଛନ୍ତି ।

ମଞ୍ଚେ ମାନବ ଦେହ ବହି, ଆତ୍ମଜ୍ଞାନଟି ଯାର ନାହିଁ ।।
ତାର ଜୀବନ ଅକାରଣ, ଏବେ ହୋ ସବାଧାନେ ଶୁଣ ।।
ଓଁ ନମୋ ଭଗବତେ ବାସୁଦେବାୟ ।

କୋଷାଧ୍ୟକ୍ଷ,
ଶିକ୍ଷା ବିକାଶ ସମିତି, ଓଡ଼ିଶା, ଭୁବନେଶ୍ୱର
ମୋ: ୯୮୬୧୬୪୮୧୨୮

-୦-

**ନୀତିଶ୍ଳୋକ**

**ଧନହୀନୋ ନ ହୀନଶ୍ଚ ଧନିକଃ ସୁନିଶ୍ଚୟ ।**
**ବିଦ୍ୟା ରତ୍ନେନ ଯୋହୀନଃ ସଃ ହୀନଃ ସର୍ବ ବସ୍ତୁଷୁ ।।**

ନିର୍ଧନ ମନୁଷ୍ୟ ଛୋଟ ନୁହେଁ, ଧନିକ ସେହି ଯିଏ ନିଜର ସ୍ଥିରତାରେ ଦୃଢ଼, କିନ୍ତୁ ବିଦ୍ୟାରୂପୀ ରତ୍ନରେ ଯେ ହୀନ ସେ ସବୁ ଜିନିଷରେ ହୀନ ଅଟେ ।

**ସଂସ୍କୃତେନ ବଦତୁ**

# ଯଦା ଯଦା ହିଁ ଧର୍ମସ୍ୟ ଗ୍ଲାନିର୍ଭବତି

ଶ୍ରୀନିବାସ ପ୍ରଧାନ

ହିମାଳୟଂ ସମାରଭ୍ୟ ଯାବଦିନ୍ଦୁ ସରୋବରମ୍ ।
ତଂ ଦେବ ନିର୍ମିତଂ ଦେଶଂ ହିନ୍ଦୁସ୍ଥାନଂ ପ୍ରଚକ୍ଷତେ ॥

ଅସ୍ମାକଃ ଦେଶଃ ଭାରତ ବର୍ଷଃ ଦେବୈଃ ନିର୍ମିତଃ ଦେଶଃ ଅସ୍ତି । ଅସ୍ୟ ସଂସ୍କୃତିଃ ଅପି ଅତୀବ ମହିୟସୀ । ଅସ୍ମିନ୍ ଭାରତବର୍ଷେ ବହବଃ ମୁନୟଃ ଋଷୟଃ ଦେଶଭକ୍ତ ବୀରାଃ ବୀରାଙ୍ଗନାଃ ଚ ଜନ୍ମଗ୍ରହଣଂ କୃତ୍ୱା ସ୍ୱକୀୟ ସୁକୃତିଭିଃ ଉଦାତ୍ତ ଭାବନାଭିଃ ଚ ଅସ୍ୟ ସଂସ୍କୃତେଃ ମହନୀୟତାଂ ବର୍ଦ୍ଧିତବନ୍ତଃ । କିନ୍ତୁ ପରାଧୀନତା ସମୟେ ବୈଦେଶିକାଃ ଅସ୍ମାକଂ ସଂସ୍କୃତିଂ ବିନଷ୍ଟଂ କର୍ତ୍ତୁଂ ବହୁଧା ପ୍ରୟାସଂ କୃତବନ୍ତଃ । ତେ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାଂ ନଷ୍ଟଂ କର୍ତ୍ତୁଂ ବିଦ୍ୟାଳୟାଃ ସ୍ଥାପିତବନ୍ତଃ ।

ବିଦ୍ୟାଳୟ ପାଠ୍ୟକ୍ରମେ ଅସ୍ମାକଂ ଭାରତବର୍ଷସ୍ୟ ପୂର୍ବଜାନାଂ ଇତିହାସଂ ନ ପାଠୟିତ୍ୱା ବୈଦେଶିକାନାଂ ଦୁରାଚାରୀ ରାଜ୍ଞମ୍ ଇତିହାସଂ ପାଠିତମ୍ । ପାଠ୍ୟକ୍ରମେ ଭାରତବର୍ଷସ୍ୟ ମହନୀୟା ସଂସ୍କୃତି ପରମ୍ପରା ବିଷୟେ ଜ୍ଞାନ ଦାନସ୍ୟ କିମପି ବ୍ୟବସ୍ଥା ନ କୃତବନ୍ତଃ । ଏବଂ ପ୍ରକାରେଣ ବୟଂ ଭାରତୀୟାଃ ଅସ୍ମାକଂ ସଂସ୍କୃତିଂ ପରମ୍ପରାମ୍ ଇତିହାସଂ ଚ ବିସ୍ମୃତବନ୍ତଃ ପରନ୍ତୁ ପରିତାପସ୍ୟ ବିଷୟଂ ଯତ୍ ସ୍ୱାଧୀନତାୟାଃ ପରମ୍ ଅପି ଅସ୍ମାକଂ ଭାରତବର୍ଷେ ଶିକ୍ଷା ବ୍ୟବସ୍ଥାୟାଃ କିମପି ପରିବର୍ତ୍ତନଂ ନ ଅଭବତ୍ । ଭାରତବର୍ଷସ୍ୟ ସଂସ୍କୃତିଃ ତ୍ୟାଗଃ ଦାନଂ ସଦ୍ଭାବନା ଇତ୍ୟାଦିନା ପରିପୁଷ୍ଟଃ ଆସୀତ୍ । ମହର୍ଷିଃ ଦଧୀଚି ଦେବତାନାଂ କଲ୍ୟାଣାର୍ଥ ସ୍ୱସ୍ୟ ଶରୀରଂ ତ୍ୟକ୍ତବାନ୍ । ଅସ୍ମାକଂ ମୁନୟଃ ଋଷୟଃ ଚ ବିଶ୍ୱସ୍ୟ କଲ୍ୟାଣାର୍ଥଂ ପ୍ରାର୍ଥିତବନ୍ତଃ-

'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ।

ତେ ଚିନ୍ତିତବନ୍ତଃ ।- 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ ।'

ତେ ଉପଦିଷ୍ଟବନ୍ତଃ- 'ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚିତ୍ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧୋକସ୍ୟସ୍ୱିଦ୍ଧନମ୍ ।'

ତେ ଅନୁଭୂତବନ୍ତଃ- 'ସର୍ବ ଖଲ୍ୱିଦଂ ବ୍ରହ୍ମ
ଜୀବ ବ୍ରହ୍ମୈବ ନାପରମ୍ ।

ଦେଶମାତୃକାଂ ପ୍ରତି ଅପୂର୍ବଂ ପ୍ରୀତିଂ ପ୍ରଦର୍ଶ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମେଣ ଉକ୍ତମ୍-

'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ଲକ୍ଷ୍ମଣ ରୋଚତେ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।'

କର୍ଣ୍ଣଃ ହରିଶ୍ଚନ୍ଦ୍ରଃ ଚ ଦାନସ୍ୟ ମହନୀୟତମମ୍ ଉତ୍କର୍ଷଂ ସ୍ଥାପିତମ୍ । ସ୍ୱଦେଶପ୍ରେମସ୍ୟ ଉତ୍କର୍ଷ ସ୍ଥାପନାର୍ଥମ୍ ଅସ୍ମାକଂ କ୍ରାନ୍ତିକାରିଣଃ ତେଷାଂ ଅମୂଲ୍ୟାନି ଜୀବନାନି ଆନନ୍ଦେନ ସମର୍ପିତବନ୍ତଃ ।

ଅସ୍ମାକଂ ସଂସ୍କୃତିଃ 'ସନାତନ ସଂସ୍କୃତିଃ' । ତସ୍ୟ ରକ୍ଷଣାର୍ଥଂ ଯୁଗେ ଯୁଗେ ଭାରତ ଭୂପୃଷ୍ଠେ ଅନେକେ ଅବତାରୀ ପୁରୁଷାଃ ଜନ୍ମଂ ନୀତବନ୍ତଃ । ତଥୈବ ତ୍ରିବିଂଶ ଶତାବ୍ଦ୍ୟାଂ ଭାରତୀୟ ସଂସ୍କୃତେଃ ଉଜ୍ଜୀବନାର୍ଥଂ ଦେଶପ୍ରେମସ୍ୟ ଜାଗରଣାର୍ଥଂ ଇତିହାସସ୍ୟ ଚ ପୁନରୁଦ୍ଧାରଂ କର୍ତ୍ତୁଂ ଧରାପୃଷ୍ଠେ ଅବତରିତବାନ୍ ପୁରୁଷଃ ଶ୍ରୀମନ୍ତଃ ନରେନ୍ଦ୍ର ମୋଦି ମହୋଦୟାଃ । ସଃ ମହୋଦୟଃ ଭାରତୀୟାନାଂ ଛାତ୍ରାଣାଂ ହୃଦୟେ ସଂସ୍କୃତିପ୍ରୀତି ସ୍ୱଦେଶପ୍ରେମ ଚ ଜାଗରଣାର୍ଥଂ ଭାରତୀୟ ଇତିହାସ ବିଷୟେ ଚ ଜ୍ଞାନ ବର୍ଦ୍ଧନାର୍ଥଂ ନୂତନ ଜାତୀୟ ଶିକ୍ଷା ନୀତେଃ ପ୍ରଣୟନଂ କୃତମ୍ । ରାମ ମନ୍ଦିରସ୍ୟ ପୁନରୁଦ୍ଧାରଂ କୃତବାନ୍ । ଦେଶସ୍ୟ ଅଖଣ୍ଡତାୟୈ ସୁରକ୍ଷାୟୈ ଚ ସୁରକ୍ଷା ବଳସ୍ୟ ମନୋବଳଂ ଆଧୁନିକ ବୈଷୟିକ ବଳଂ ଚ ବର୍ଦ୍ଧନାର୍ଥଂ ପଦକ୍ଷେପଂ ନୀତବାନ୍ । ସ୍ୱାଧୀନତାୟାଃ ରକ୍ଷଣାର୍ଥଂ ଅମୃତ ମହୋତ୍ସବସ୍ୟ ଆୟୋଜନଂ କୃତବାନ୍ । ଦେଶସ୍ୟ ସର୍ବବିଧ ଉନ୍ନତୟେ ସତତଂ ଚେଷ୍ଟିତଃ ଅସ୍ତି । ଅତଃ ବୟଂ ସର୍ବେ ପ୍ରକୃତ ଭାରତୀୟ ନାଗରିକତ୍ୱେନ ତସ୍ୟ ମହୋଦୟସ୍ୟ ସମର୍ଥନଂ ସହଯୋଗଂ ଚ କର୍ତ୍ତବ୍ୟମିତି ମମ ଆଗ୍ରହଃ ।

-ପୂର୍ବ କ୍ଷେତ୍ର ସଂସ୍କୃତ ପ୍ରମୁଖ

ବଦନ ଥାଉଁ ହରି ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ।।

ଜୀବନ ମୂଲ୍ୟ

# ଏହି ଶରୀର ହିଁ ଦେବାଳୟ

ଶ୍ରୀ ନରେନ୍ଦ୍ର କୁମାର ରାଉଳ

ଶରୀରକୁ ମନ୍ଦିର ଭଳି ସ୍ୱଚ୍ଛ ଓ ସୁନ୍ଦର ରଖିବା ଆବଶ୍ୟକ । ଭେଦ ରହିତ ଦୃଷ୍ଟିରେ 'ଜ୍ଞାନ, ମନ ନିର୍ବିଷୟ ହେବା 'ଧ୍ୟାନ' ମନରେ ମଳିନତା ଦୂର କରିବା 'ସ୍ନାନ' ତଥା ଇନ୍ଦ୍ରିୟ ନିଗ୍ରହକୁ 'ଶୌଚ' କହି ଋଷିମାନେ ଅଧ୍ୟାତ୍ମ ଦର୍ଶନକୁ ବ୍ୟାବହାରିକ କରିବାର ଦିଗ ଦେଖାଇଛନ୍ତି ।

ସାଧକ ଯେତେବେଳେ ନିଜର ପାର୍ଥିବ ଶରୀରକୁ ଭୁଲି ଯାଇ ନିଜ ଅନ୍ତଃକରଣର ବିକାଶ କରି ସମସ୍ତଙ୍କୁ ନିଜ ଭଳି ପ୍ରକାଶମାନ ମନେ କରନ୍ତି, ସେତେବେଳେ, ତାଙ୍କ ଅନ୍ତଃକରଣ (ମନ, ବୁଦ୍ଧି, ଅହଂକାର ଓ ଚିତ୍ତ) ସମାପ୍ତପ୍ରାୟ ହୋଇ ସେଠାରେ ଏକମାତ୍ର ପରମେଶ୍ୱରଙ୍କ ଅସ୍ତିତ୍ୱ ରହେ । ଯେଉଁ ଜଡ଼-ଚେତନ ସମସ୍ତଙ୍କ ଦ୍ରଷ୍ଟା ରୂପେ, ସେ ଅଚ୍ୟୁତ (ଅଟଳ) ଓ ଜ୍ଞାନ ସ୍ୱରୂପ । ସେ ମହାଦେବ ଓ ସେ ମହା ହରି (ମହାନ୍ ପାପନାଶକ) । ସେ ସମସ୍ତ ଜ୍ୟୋତିର ମୂଳ ଜ୍ୟୋତି, ସେ ପରଂବ୍ରହ୍ମ, ପରମେଶ୍ୱର । ମୁଁ ମଧ୍ୟ ତାହା- ଏଥିରେ ସଂଶୟ ନାହିଁ । ଜୀବ ହିଁ ଶିବ ଓ ଶିବ ହିଁ ଜୀବ ଅଟନ୍ତି । ଏହି ଜୀବ ବିଶୁଦ୍ଧ ଶିବ । ଧାନର ଚୋପା ଲାଗିଥିଲେ ତାହାକୁ ଧାନ ଓ ଚୋପା । ଛାଡ଼ିଗଲେ ତାହାକୁ ଯେପରି ଚାଉଳ କୁହାଯାଏ, ଏହା ସେହି ପ୍ରକାର । ଏହିପରି ବନ୍ଧନରେ ଆବଦ୍ଧ ହେଲେ (ଚୈତନ୍ୟ ତତ୍ତ୍ୱ) ଜୀବନ ଓ ତାହାର (ପ୍ରାରବ୍ଧ) କର୍ମ ନଷ୍ଟ ହେବା ପରେ ସଦାଶିବ ହୋଇଯାଏ ଅଥବା ଅନ୍ୟ ଶବ୍ଦରେ ପାଶବଦ୍ଧ ଜୀବ. 'ଜୀବ' ବୋଲାଏ ଏବଂ ପାଶମୁକ୍ତ ହେବା ପରେ ତାହା ସଦାଶିବ ହୋଇଥାଏ । ଭଗବାନ ଶିବଙ୍କୁ ହିଁ ଭଗବାନ୍ ବିଷ୍ଣୁଙ୍କ ରୂପ ଓ ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ରୂପ । ଭଗବାନ ଶିବଙ୍କ ହୃଦୟରେ ଭଗବାନ ବିଷ୍ଣୁଙ୍କ ନିବାସ ଓ ଭଗବାନ ବିଷ୍ଣୁଙ୍କ ହୃଦୟରେ ଭଗବାନ ଶିବ ବିରାଜମାନ । ବିଷ୍ଣୁ ଦେବ ଯେପରି ଶିବମୟ, ସେହିପରି ଦେବ ଶିବ ବିଷ୍ଣୁମୟ ଅଟନ୍ତି । ସାଧକକୁ ଯେତେବେଳ ଏଥିରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ, ସେତେବେଳେ ସାଧକ ଏହି ଶରୀରରେ କଲ୍ୟାଣମୟ ହୋଇଯାଏ । 'ଶିବ' ଓ 'କେଶବ'ଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

ତତ୍ତ୍ୱଦର୍ଶୀଙ୍କ ଦ୍ୱାରା ଏହି ଦେହକୁ ହିଁ ଦେବାଳୟ କୁହାଯାଇଛି । ଏଥିରେ ଜୀବ କେବଳ ଶିବରୂପ । ମନୁଷ୍ୟ ଯେତେବେଳେ ଅଜ୍ଞାନ ରୂପକ କଲ୍ମଷକୁ ପରିତ୍ୟାଗ କରିଦିଏ, ସେତେବେଳେ ସେ ସୋଽହଂ ଭାବରେ ଶିବଙ୍କ ପୂଜନ କରେ । ସମସ୍ତ ପ୍ରାଣୀଙ୍କଠାରେ ଅଭେଦ ରୂପେ ବ୍ରହ୍ମଙ୍କ ଦର୍ଶନ କରିବା ଯଥାର୍ଥ ଜ୍ଞାନ ଅଟେ । ବିଷୟ ପ୍ରତି ମନ ଆସକ୍ତି ରହିତ ହେବା ଯଥାର୍ଥ ଧ୍ୟାନ ଅଟେ । ମନର ବିକାର ତ୍ୟାଗ କରିବା ଯଥାର୍ଥ ସ୍ନାନ ଓ ଇନ୍ଦ୍ରିୟଙ୍କୁ ନିଜ ବଶରେ ରଖିବା ଯଥାର୍ଥ ଶୌଚ (ପବିତ୍ର ହେବା) ଅଟେ । ଅତଏବ ହେ ସାଧକଗଣ ! ବ୍ରହ୍ମଜ୍ଞାନ ରୂପେ ଅମୃତ ପାନ କର । କେବଳ ଶରୀର ରକ୍ଷା ପାଇଁ (ଭୋଜନ ଗ୍ରହଣ) କର । ଏକ ପରମାତ୍ମାଙ୍କଠାରେ  ଲୀନ ହୋଇ ଦ୍ୱୈତ ଭାବ ପରିତ୍ୟାଗ କରି ଏକାନ୍ତ ଭାବ ଗ୍ରହଣ କର । ଯେଉଁ ଧୀର ପୁରୁଷ ଏପରି ଆଚରଣ କରନ୍ତି, ସେ ମୁକ୍ତି ଲାଭ କରନ୍ତି । ବିଦ୍ୱାନଗଣ ବ୍ରହ୍ମଜ୍ଞାନ ଲାଭ କରି ଭଗବାନ ବିଷ୍ଣୁଙ୍କ ପରମପଦରେ ଲୀନ ହୋଇଯାନ୍ତି । ଏହା ସମ୍ପୂର୍ଣ୍ଣ ନିର୍ବାଣ ସମ୍ବନ୍ଧୀୟ ଅନୁଶାସନ, ବେଦର ଅନୁଶାସନ । ଉପନିଷଦର ଏହା ରହସ୍ୟଜ୍ଞାନ ଅଟେ ।

ସେହି ବ୍ୟାପକ ପରମାତ୍ମା ଘଟ ଘଟରେ ନିବାସ କରିଥିବାରୁ ତାଙ୍କୁ ଅନ୍ତର୍ଯ୍ୟାମୀ କୁହାଯାଏ । ସେ ସବୁକିଛି ଦେଖୁଥିବାରୁ ଓ ଜାଣୁଥିବାରୁ ତାଙ୍କୁ ସାକ୍ଷୀ କୁହାଯାଏ । ଅନ୍ତଃସ୍ଥିତ ଚୈତନ୍ୟ ପୁରୁଷଙ୍କୁ ହିଁ କୂଟସ୍ଥ, କ୍ଷେତ୍ରଜ୍ଞ, ଅନ୍ତର୍ଯ୍ୟାମୀ ଏବଂ ସାକ୍ଷୀ କୁହାଯାଏ । ସେ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ତିନି ଅବସ୍ଥାରେ ଉତ୍ପତ୍ତି ଓ ଲୟକୁ ଜାଣନ୍ତି ଏବଂ ସ୍ୱୟଂ ସୁଷୁପ୍ତି ଓ ଲୟର ଉର୍ଦ୍ଧ୍ୱରେ ରହନ୍ତି । ସେହି ହିଁ ନିତ୍ୟ ସାକ୍ଷୀ ଚୈତନ୍ୟ ଓ ତୁରୀୟ ଚୈତନ୍ୟ ଅଟନ୍ତି । ସେ ଜ୍ଞାତା, ଜ୍ଞାନ ତଥା ଜ୍ଞେୟର ଉତ୍ପତ୍ତି ତଥା ଲୟକୁ ଜାଣନ୍ତି, ପୁଣି ସ୍ୱୟଂ ଉତ୍ପତ୍ତି ଓ ଲୟ ରହିତ ସାକ୍ଷୀ ଅଟନ୍ତି । ଏହି କୂଟସ୍ଥ ଉପାଧି ଭେଦରେ ସ୍ୱରୂପ ଲାଭ ପାଇଁ, ସେହି ଆତ୍ମା ସମସ୍ତ ଶରୀରରେ ମାଳାର ସୂତା ପରି ଗୁନ୍ଥା ହୋଇଥାନ୍ତି, ତେଣୁ ତାଙ୍କୁ ଅନ୍ତର୍ଯ୍ୟାମୀ କୁହାଯାଏ । ଯେଉଁ ସାଧକ ମୋହ ରହିତ ହୋଇ ସାକ୍ଷୀ ଭଳି ଜୀବନ ବ୍ୟତୀତ କରନ୍ତି ଏବଂ କୌଣସି ଫଳ ବିନା କର୍ମ କରନ୍ତି, ସେ ଜୀବନମୁକ୍ତ ହୋଇଯାନ୍ତି ।

ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ
ଶିକ୍ଷା ବିକାଶ ସମିତି, ଓଡ଼ିଶା

ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥାନ୍ତି ପାପ ଆଚରଣେ ।।

**ଆମ ପର୍ବ ପର୍ବାଣୀ**

# ଶରୀର ଉପରେ ସୂର୍ଯ୍ୟ ନମସ୍କାରର ପ୍ରଭାବ

ଶ୍ରୀ ଧରଣୀଧର ଦାସ

ସୂର୍ଯ୍ୟ ହିନ୍ଦୁ ଦେବଦେବୀଙ୍କ ମଧ୍ୟରେ ଅନ୍ୟତମ । ଋଷି କାଶ୍ୟପ ଓ ମାତା ଅଦିତିଙ୍କ ପୁତ୍ର ସୂର୍ଯ୍ୟ । ବିଶ୍ୱକର୍ମାଙ୍କ ନନ୍ଦିନୀ ସଂଜ୍ଞା, ସୂର୍ଯ୍ୟଙ୍କ ପତ୍ନୀ । ମନୁ, ଯମ, ଯମୁନା, ଶନି ଓ ତପତୀ ସୂର୍ଯ୍ୟଙ୍କ ସନ୍ତାନ । ଦେବତାମାନଙ୍କ ବିପତ୍ତି ସମୟରେ ସୂର୍ଯ୍ୟ ସର୍ବଶକ୍ତିମାନ ଓ ତେଜସ୍ୱୀ ଗୁଣ ଆହରଣ କରି ଜନ୍ମ ଲାଭ କରିଥିଲେ । ସୂର୍ଯ୍ୟ ସର୍ବଶକ୍ତିମାନ ହୋଇଥିବାରୁ ଦେବ ମାନବ ତାଙ୍କର ଆରାଧନା କରନ୍ତି । କଥିତ ଅଛି ବର୍ଷର ବାରମାସରେ ସୂର୍ଯ୍ୟଙ୍କୁ ଭିନ୍ନ ଭିନ୍ନ ନାମରେ ପୂଜାର୍ଚ୍ଚନା କରାଯାଏ । ଯେପରି ମାର୍ଗଶିର ମାସରେ ମିତ୍ର, ପୌଷ ମାସରେ ବିଷ୍ଣୁ ସନାତନ, ମାଘ ମାସରେ ଅରୁଣ, ଫାଲଗୁନ ମାସରେ ସୂର୍ଯ୍ୟ, ଚୈତ୍ର ମାସରେ ବେଦାଙ୍ଗ, ବୈଶାଖ ମାସରେ ଭାନୁ, ଜ୍ୟେଷ୍ଠ ମାସରେ ଇନ୍ଦ୍ର, ଆଷାଢ଼ ମାସରେ ରବି, ଶ୍ରାବଣ ମାସରେ ଗଭସ୍ତି, ଭାଦ୍ରବ ମାସରେ ଯମ, ଆଶ୍ୱିନ ମାସରେ ସ୍ୱର୍ଣ୍ଣରେତା, କାର୍ତ୍ତିକ ମାସରେ ଦିବାକର ଏବଂ ଅଧି ମାସରେ ପୁରୁଷ (ଆଦିତ୍ୟ ହୃଦୟ) ନାମରେ ପୂଜା କରାଯାଏ । ଭାଗବତ, ରାମାୟଣ, ମହାଭାରତ, ମତ୍ସ୍ୟପୁରାଣ, ଅଗ୍ନିପୁରାଣ, ତନ୍ତ୍ରସାର, ନୀଳାଦ୍ରି ମହୋଦୟ, ଶାମ୍ବପୁରାଣ, ନୃସିଂହପୁରାଣ, ମାଦଳାପାଞ୍ଜି ଆଦିରେ ସୂର୍ଯ୍ୟଙ୍କ ସ୍ତୁତି, ପୂଜନ ତଥା ବର୍ଣ୍ଣନା ଦେଖିବାକୁ ମିଳେ । ବିବିଧ ପନ୍ଥର ସାଧୁସନ୍ଥମାନେ ସୂର୍ଯ୍ୟ ଉପାସନା, ସୂର୍ଯ୍ୟ ପୂଜା ଓ ସୂର୍ଯ୍ୟ ନମସ୍କାରକୁ ନିଜ ନିଜ ଶୈଳୀରେ କରିଥାନ୍ତି । ଯୋଗଶାସ୍ତ୍ରରେ ସୂର୍ଯ୍ୟ ନମସ୍କାର ସହ ଜଡ଼ିତ ଯୋଗାସନକୁ ଯୋଗ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ । ଏହି କେବଳ ସୂର୍ଯ୍ୟ ନମସ୍କାର ଯୋଗାଭ୍ୟାସ ହିଁ ସାଧକକୁ ସମ୍ପୂର୍ଣ୍ଣ ଯୋଗ ବ୍ୟାୟାମର ଲାଭ ପ୍ରଦାନ କରିଥାଏ, ଯାହାଦ୍ୱାରା କି ସାଧକ ଏହି ସୂର୍ଯ୍ୟ ନମସ୍କାର ଅଭ୍ୟାସ କରି ଶରୀରକୁ ନୀରୋଗ ଓ ସୁସ୍ଥ ରଖିବା ସହ ତେଜସ୍ୱୀ ହୋଇପାରିଥାଏ । ସୂର୍ଯ୍ୟ ନମସ୍କାର ସ୍ତ୍ରୀ, ପୁରୁଷ, ବାଳକ, ଯୁବକ ତଥା ବୃଦ୍ଧ ସମସ୍ତଙ୍କ ନିମନ୍ତେ ଲାଭଦାୟକ ଅଟେ ।

ସୂର୍ଯ୍ୟ ନମସ୍କାରରେ ୧୩ଟି ମନ୍ତ୍ର ବୋଲାଯାଇଥାଏ । ପ୍ରତି ମନ୍ତ୍ରରେ ସୂର୍ଯ୍ୟଙ୍କ ଭିନ୍ନ ଭିନ୍ନ ନାମ ଉଚ୍ଚାରଣ କରାଯାଏ । ପ୍ରତି ମନ୍ତ୍ରରେ ଗୋଟିଏ ହିଁ ସରଳ ଅର୍ଥ ଅଛି- 'ଯାହାକି ସୂର୍ଯ୍ୟଙ୍କୁ ମୋର ନମସ୍କାର' । ସୂର୍ଯ୍ୟ ନମସ୍କାର ୧୩ଟି ମନ୍ତ୍ର ହେଉଛି-

୧- ଓଁ ମିତ୍ରାୟ ନମଃ, ୨- ଓଁ ରବୟେ ନମଃ, ୩- ଓଁ ସୂର୍ଯ୍ୟାୟ ନମଃ, ୪- ଓଁ ଭାନବେ ନମଃ, ୫- ଓଁ ଖଗାୟ ନମଃ, ୬- ଓଁ ପୂଷ୍ଣେ ନମଃ, ୭- ଓଁ ହିରଣ୍ୟଗର୍ଭାୟ ନମଃ, ୮- ଓଁ ମରୀଚୟେ ନମଃ, ୯- ଓଁ ଆଦିତ୍ୟାୟ ନମଃ, ୧୦- ଓଁ ସବିତ୍ରେ ନମଃ, ୧୧- ଓଁ ଅର୍କାୟ ନମଃ, ୧୨- ଓଁ ଭାସ୍କରାୟ ନମଃ, ୧୩- ଓଁ ଶ୍ରୀ ସବିତୃ ସୂର୍ଯ୍ୟନାରାୟଣାୟ ନମଃ । ଏହି ମନ୍ତ୍ରଗୁଡ଼ିକ ଉଚ୍ଚାରଣ ପୂର୍ବରୁ ସୂର୍ଯ୍ୟଙ୍କର ଏକ ପ୍ରାର୍ଥନା କରାଯାଏ ।

ଯଥା: ଓଁ ଧ୍ୟେୟ ସଦା ସବିତୃମଣ୍ଡଳମଧ୍ୟବର୍ତ୍ତୀ
ନାରାୟଣଃ ସରସିଜାସନସନ୍ନିବିଷ୍ଟଃ ।
କେୟୂରବାନ୍ ମକରକୁଣ୍ଡଳବାନ୍ କିରୀଟୀ
ହାରୀ ହିରଣ୍ମୟବପୁର୍ଧୃତ ଶଂଖଚକ୍ରଃ ।

ପ୍ରତି ମନ୍ତ୍ର ଉଚ୍ଚାରଣ ପୂର୍ବକ ସୂର୍ଯ୍ୟ ନମସ୍କାରରେ ୧୦ଟି ଆସନ ସାମଗ୍ରିକ ଭାବେ ଅନୁଷ୍ଠିତ ହୋଇଥାଏ । ଆସନଗୁଡ଼ିକ ହେଉଛି-

୧- ନମସ୍କାରାସନ ବା ପ୍ରଣାମାସନ, ୨- ହସ୍ତୋତ୍ୱାନାସନ ବା ଉର୍ଦ୍ଧ୍ୱୋହସ୍ତାସନ, ୩- ହସ୍ତୋପଦାସନ ବା ଉତ୍ତାନାସନ, ୪- ଏକ ପଦ ପ୍ରସାରଣାସନ ବା ଅଶ୍ୱସଂଚାଳନାସନ, ୫- ଦଣ୍ଡାସନ ବା ଦ୍ୱିପାଦ ପ୍ରସାରଣାସନ, ଚତୁରଙ୍ଗ ଦଣ୍ଡାସନ, ୬- ଅଷ୍ଟାଙ୍ଗାସନ ବା ସାଷ୍ଟାଙ୍ଗ ପ୍ରଣିପାତାସନ, ୭- ଭୁଜଙ୍ଗାସନ ବା ଉର୍ଦ୍ଧ୍ୱମୁଖଶ୍ୱାନାସନ, ୮- ଅଧୋ ମୁଖଶ୍ୱାନାସନ ବା ପର୍ବତାସନ, ୯- ଅଶ୍ୱସଞ୍ଚାଳନାସନ ବା ଏକ ପଦ ପ୍ରସାରଣାସନ, ୧୦- ପ୍ରଣମାସନ ବା ନମସ୍କାରାସନ ।

ବାସ୍ତବରେ ସୂର୍ଯ୍ୟ ନମସ୍କାରର ପ୍ରତି ମନ୍ତ୍ରରେ ୧୦ଟି କ୍ରିୟାମଧ୍ୟରୁ ୮ଟି ଆସନ ଅନୁଷ୍ଠିତ ହୋଇଥାଏ ।

୧- ପ୍ରଣାମାସନ ବା ନମସ୍କାରାସନ- ଏହି ଆସନ କଲାବେଳେ ଏଠାରେ ଆଜ୍ଞାଚକ୍ର (କପାଳ) କାର୍ଯ୍ୟ କରିଥାଏ ଯାହାଦ୍ୱାରା ଏକାଗ୍ରତା, ସ୍ଥିରତା ବୃଦ୍ଧି ହୋଇଥାଏ । ମନ ଶାନ୍ତ ଓ ନିର୍ଭୟ ହୋଇଥାଏ । ଏତଦ୍‌ବ୍ୟତୀତ ଚକ୍ଷୁର ଦୃଷ୍ଟିଶକ୍ତି ବଢ଼ିଥାଏ । ସର୍ବୋପରି ଧୀଶକ୍ତି ବୃଦ୍ଧି ଘଟେ ।

୨- ହସ୍ତୋତ୍ଥାନାସନ ବା ଉର୍ଦ୍ଧ୍ୱାସନ- ଏହି ଆସନରେ ବିଶୁଦ୍ଧ ଚକ୍ର (କଣ୍ଠ/ଗର୍ଦନ) ମଣିପୁର ଚକ୍ର (ନାଭି କ୍ଷେତ୍ର) ଉପରେ ପ୍ରଭାବ ପଡ଼ିଥାଏ । ଯାହାଦ୍ୱାରା କି କଣ୍ଠ ବା ଗଳା ପୀଡ଼ା ଦୂର ହୋଇଥାଏ । ଥଣ୍ଡା ଯୋଗୁଁ ଗଳା ଆକ୍ରାନ୍ତ ହୁଏ ନାହିଁ । ଟନ୍‌ସିଲ୍ ଜନିତ ପୀଡ଼ାରୁ ରକ୍ଷା ମିଳେ । ଏତଦ୍ ବ୍ୟତୀତ ନାଭିକ୍ଷେତ୍ରରେ ସୃଷ୍ଟି ହୋଇଥିବା ଜ୍ୱାଳା ତଥା ନାଭିତାପରୁ ମୁକ୍ତି ମିଳେ । ନାଭି ଆମ ଜୀବନ କେନ୍ଦ୍ର ଅଟେ । ଶନିଙ୍କର ପ୍ରଭାବ ଏଠାରେ ଥାଏ । ଏଣୁ ସୂର୍ଯ୍ୟ ନମସ୍କାର କେବଳ ଏହାର ଉପଚାର ।

୩- ହସ୍ତୋପଦାସନ ବା ଉତ୍ତାନାସନ- ଏହି ଆସନରେ ସ୍ୱାଧିଷ୍ଠାନ ଚକ୍ର (ଲିଙ୍ଗଚକ୍ର, ନାଭିତଳ, ଅଣ୍ଡାଶୟ, ପୁରଃସ୍ତଗ୍ରନ୍ଥି) ମୂଳାଧାରଚକ୍ର

ସ୍ତ୍ରୀ ଶୂଦ୍ର ଆଦି ଯେତେ ନରେ । ଯେ ଥାନ୍ତି ନିନ୍ଦିତ ଆଚାରେ ।।

(ମେରୁଦଣ୍ଡ ଶେଷଭାଗ) ମଣିପୁର ଚକ୍ର (ନାଭି କ୍ଷେତ୍ର) ବିଶୁଦ୍ଧଚକ୍ର (କଣ୍ଠ, ଗର୍ଦ୍ଦନ) ସମୂହ ଉପରେ ପ୍ରଭାବ ପକାଇଥାଏ । ହଜମ କ୍ରିୟା ସହଜ ହୋଇଥାଏ । ହୃତ୍‌ପିଣ୍ଡ ତଥା ପେଟର କାର୍ଯ୍ୟକ୍ଷମତା ବଢ଼ିଥାଏ । ଶରୀରର ଅତିରିକ୍ତ ଚର୍ବିକୁ ମଧ କମ୍ କରିଥାଏ । ଯୌନ ଜନିତ ରୋଗ ତଥା ଯକୃତ, ବୃକକ, ଅଗ୍ନାଶୟ, ଅଡ୍ରିନାଲ ଗ୍ରନ୍ଥି ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ । ସର୍ବୋପରି କହିବାକୁ ଗଲେ ଏହି ଆସନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ରୋଗର ନିରାକରଣ ହୋଇଥାଏ ।

୪- ଏକ ପଦ ପ୍ରସାରଣାସନ ବା ଅଶ୍ୱସଂଚାଳନାସନ- ଆଜ୍ଞାଚକ୍ର (କପାଳ/ତୃତୀୟ ନେତ୍ର) ଅନାହତ ଚକ୍ର (ହୃଦୟଚକ୍ର) ମଣିପୁର ଚକ୍ର, (ନାଭି ଚକ୍ର) ଉପରେ ପ୍ରଭାବ ପକାଇଥାଏ, ଯାହାଦ୍ୱାରା ବେକ, ଅଣ୍ଟା, ପିଠି, ଜଙ୍ଘର ସ୍ନାୟୁ ସଂଚାଳିତ ହୋଇ ଯକୃତର କାର୍ଯ୍ୟକୁ ସହଜ କରିଥାଏ । ଅଣ୍ଟାର ହାଡ଼କୁ ମଜବୁତ କରି ଅନ୍ତର କାର୍ଯ୍ୟକାରିତା କ୍ଷମତାକୁ ବଢ଼ାଇଥାଏ । ଏହି ଆସନ ଆଜ୍ଞାଚକ୍ର ଓ ଅନାହତ ଚକ୍ର ସହ ସମ୍ବନ୍ଧିତ ଥିବାରୁ ଏହାର ଫଳ ସ୍ୱରୂପ ଦୈବୀୟ ଗୁଣ; ଯେପରି ପରମାନନ୍ଦ, ଶାନ୍ତି, ସୁବ୍ୟବସ୍ଥା, ପ୍ରେମ, ସଜ୍ଞାନ, ସ୍ପଷ୍ଟତା, ଶୁଦ୍ଧତା, ଏକତା, ଅନୁକମ୍ପା, ଦୟାଳୁତା, କ୍ଷମାଭାବ, ଏକନିଷ୍ଠା, ସ୍ଥିରତା ଭଳି ଉତ୍ତମ ଗୁଣ ବ୍ୟକ୍ତିଠାରେ ପ୍ରକଟିତ ହୋଇଥାଏ ।

୫- ଦଣ୍ଡାସନ/ଦ୍ୱିପାଦ ପ୍ରସାରଣାସନ/ଚତୁରଙ୍ଗ ଦଣ୍ଡାସନ- ଏହି ଆସନରେ ବିଶୁଦ୍ଧ ଚକ୍ର (କଣ୍ଠ/ଗର୍ଦ୍ଦନ), ଅନାହତ ଚକ୍ର(ହୃଦୟ)ର କ୍ରିୟାନ୍ୱୟନ ଉପରେ ପ୍ରଭାବ ପକାଇଥାଏ; ଯାହାଦ୍ୱାରା ମାଂସପେଶୀ ତଥା ମେରୁଦଣ୍ଡର ହାଡ଼କୁ ମଜଭୁତ କରିଥାଏ । ହୃଦପିଣ୍ଡର ରକ୍ତ ସଂଚାଳନ ଏବଂ ସ୍ପନ୍ଦନ କ୍ରିୟା ସନ୍ତୁଳିତ ହୋଇଥାଏ, ଯାହାଦ୍ୱାରା ବ୍ୟକ୍ତି ହୃଦ୍‌ଘାତ ଏବଂ ମେରୁଦଣ୍ଡ ଜନିତ ସମସ୍ୟାରୁ ମୁକ୍ତି ପାଇଥାଏ । ସର୍ବମୋଟ କହିବାକୁ ଗଲେ, ଏହି ଆସନ ଶରୀରର ତାକତ ବଢ଼ାଇଥାଏ ।

୬- ଅଷ୍ଟାଙ୍ଗାସନ ବା ସାଷ୍ଟାଙ୍ଗ ପ୍ରଣିପାତାସନ- ଏହି ଆସନ କରିବା ଫଳରେ ମଣିପୁର ଚକ୍ର (ନାଭିକ୍ଷେତ୍ର) ଅନାହତ ଚକ୍ର (ହୃଦୟଚକ୍ର) ଉପରେ ପ୍ରଭାବ ପକାଇଥାଏ । ଏହି ଯୋଗ ଦ୍ୱାରା ହୃତପିଣ୍ଡ ତଥା ଉଦର ବା ପେଟ ମଧରେ ଏହା ବିବିଧ କ୍ଷେତ୍ର ଉପରେ ସୁପ୍ରଭାବ ପକାଇ ଯୋଗାଭ୍ୟାସକାରୀ ବ୍ୟକ୍ତିଙ୍କୁ ଲାଭ ଦେଇଥାଏ । ତତ୍‌ସହିତ ବ୍ୟକ୍ତି ଉପରେ ରକ୍ତଚାପ ଜନିତ ରୋଗ ପ୍ରଭାବ ପକାଇପାରେ ନାହିଁ । ନିଦ୍ରା ଜନିତ ସମସ୍ୟା, ମଧୁମେହ ରୋଗ, ମାନସିକ ବିକାର ଭଳି ରୋଗ ନିରାକରଣ ହୋଇଥାଏ ।

୭- ଭୁଜଙ୍ଗାସନ ବା ଊର୍ଦ୍ଧ୍ୱମୁଖଶ୍ୱାନାସନ- ଏହି ଆସନ କରିବା ଫଳରେ ଶରୀର ମଧରେ ଥିବା ସ୍ୱାଧିଷ୍ଠାନ ଚକ୍ର (ଅଣ୍ଡାଶୟ/ ପୁରଃସ୍ତ ଗ୍ରନ୍ଥି/ଲିଙ୍ଗ ଚକ୍ର/ନାଭିତଳ) ମଣିପୁରଚକ୍ର(ନାଭିକ୍ଷେତ୍ର) ବିଶୁଦ୍ଧ ଚକ୍ର (କଣ୍ଠ, ଗର୍ଦ୍ଦନ)ଉପରେ ସୁପ୍ରଭାବ ପକାଇଥାଏ । ଶରୀରକୁ ଫୁର୍ତ୍ତି କରିବା ବା ଶରୀରରେ ଚଂଚଳତା ଆଣିବା ସହିତ ମାଂସପେଶୀକୁ ସୁନ୍ଦର ଓ ମଜଭୁତ କରିଥାଏ । ଶରୀରର ଲିଙ୍ଗଚକ୍ର ବା ଅଣ୍ଡାଶୟ ସକ୍ରିୟ ହୋଇଥାଏ । ଏହା ସହିତ ବ୍ୟକ୍ତିର ଅଣ୍ଟା ଓ ମେରୁଦଣ୍ଡ ପୀଡ଼ାରୁ ନିବୃତ ହେବା ସହିତ ଗଳଗଣ୍ଡ ରୋଗରୁ ମଧ ଉପଶମ ହୋଇଥାଏ ।

୮- ପର୍ବତାସନ ବା ଅଧୋମୁଖଶ୍ୱାନାସନ- ଏହି ଆସନ କରିବା ଯୋଗୁଁ ବିଶୁଦ୍ଧ ଚକ୍ର (କଣ୍ଠ ଓ ଗର୍ଦ୍ଦନ) ମୂଳାଧାରଚକ୍ର (ମେରୁଦଣ୍ଡର ମୂଳକ୍ଷେତ୍ର) ଉପରେ ସୁପ୍ରଭାବ ପଡିଥାଏ ଯଦ୍ୱାରା ଜଙ୍ଘ, ଗୋଇଠି ଓ ଆଣ୍ଠୁର ହାଡ଼ ଓ ମାଂସପେଶୀ ତଥା ସ୍ନାୟୁଗ୍ରନ୍ଥିକୁ ମଜଭୁତ କରିବା ସହିତ ସୁଚାରୁ ରୂପରେ କ୍ରିୟାଶୀଳ କରିଥାଏ, ଏତଦ୍‌ବ୍ୟତୀତ ରକ୍ତ ପରିସଂଚଳନରେ ସୁଧାର ଆସିଥାଏ । ପାଚନ କ୍ରିୟାରେ ସୁଧାର ଆସିଥାଏ । ମସ୍ତିଷ୍କକୁ ଶାନ୍ତ ରଖିଥାଏ ।

ବାସ୍ତବିକ୍ ବିଚାର କଲେ ସୂର୍ଯ୍ୟ ନମସ୍କାର ଏପରି ଏକ ଯୋଗର ସମିଶ୍ରଣ ଯାହାକି ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ସୁଚାରୁ ରୂପେ ଚଳନଶୀଳ କରିବା ସହିତ ଷଡ଼ଚକ୍ରର ସୁପ୍ରଭାବ ମାଧ୍ୟମରେ ଶରୀରକୁ ସୁସ୍ଥ, ସବଳ ଓ କର୍ମଠ କରିଥାଏ ।

ଏହା ସହିତ ପଞ୍ଚଭୂତରେ ନିର୍ମିତ ଆମର ଶରୀରର ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟକୁ ସଂଯମୀତ କରି ଷଡ଼ଚକ୍ର ମାଧ୍ୟମରେ ଶରୀରର କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବାରେ ସହାୟକ ହୋଇଥାଏ; ଅର୍ଥାତ୍ ଆତ୍ମାକୁ ପରମାତ୍ମା ସହ ସଂଯୋଗ କରିବା ପାଇଁ ଅଗ୍ରସର କରାଇଥାଏ ।

ଏହି ସୂର୍ଯ୍ୟ ନମସ୍କାରର ଶେଷ ଭାଗରେ ସାଧକ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅନ୍ୟ ଏକ ନମସ୍କାର ମନ୍ତ୍ର ଉଚ୍ଚାରଣ କରି ସୂର୍ଯ୍ୟ ନମସ୍କାରକୁ ପରିସମାପ୍ତି କରିଥାଏ ।

ଯଥା: - ଆଦିତ୍ୟସ୍ୟ ନମସ୍କାରାନ୍ ଯେ କୁର୍ବନ୍ତି ଦିନେ ଦିନେ ।
ଆୟୁର୍ପ୍ରଜ୍ଞାବଲଂ ବୀର୍ଯ୍ୟଂ ତେଜସ୍ତେଷାଂ ଚ ଜାୟତେ ॥
ଅକାଳ ମୃତ୍ୟୁ ହରଣଂ ସର୍ବବ୍ୟାଧିବିନାଶନମ୍ ।
ସୂର୍ଯ୍ୟପାଦୋଦକଂ ତୀର୍ଥଂ ଜଠରେ ଧାରୟାମ୍ୟହମ୍ ॥

ଅର୍ଥ:- ଯେଉଁ ଲୋକ ପ୍ରତିଦିନ ସୂର୍ଯ୍ୟ ନମସ୍କାର କରୁଛନ୍ତି, ତାଙ୍କର ଆୟୁ, ପ୍ରଜ୍ଞା, ବଳ, ବୀର୍ଯ୍ୟ ଓ ତେଜ ବଢ଼ିଥାଏ । ତାଙ୍କଠାରେ ଅକାଳ ମୃତ୍ୟୁ ହୁଏ ନାହିଁ, ସବୁ ପ୍ରକାର ବ୍ୟାଧି ବିନାଶ ହୋଇଥାଏ । ତେଣୁ ସୂର୍ଯ୍ୟ ନମସ୍କାର ନିୟମିତ କରିବା ବିଧେୟ ।

ସହ ପ୍ରାନ୍ତ ପତ୍ରିକା ପ୍ରମୁଖ,
ଶି.ବି.ସ. ଓଡ଼ିଶା

**ସେ ଯେବେ ସାଧୁଙ୍କୁ ଦେଖନ୍ତି । କଳୁଷ ପଙ୍କୁ ନିସ୍ତରନ୍ତି ॥**

**ସ୍ୱାସ୍ଥ୍ୟ ହିଁ ସଂପଦ**

# ଆୟୁର୍ବେଦ ଚିକିତ୍ସାରେ ଲବଙ୍ଗ

ଡାକ୍ତର ଦେବଦତ୍ତ ସାମନ୍ତରାୟ

ବିଶ୍ୱର ପୁରାତନ ଚିକିତ୍ସା ପଦ୍ଧତି ଆୟୁର୍ବେଦ । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆୟୁର୍ବେଦର ସ୍ଥାନ ବହୁତ ଉର୍ଦ୍ଧ୍ୱରେ । ଏନ୍ତୁଡ଼ିଶାଳରୁ ଆରମ୍ଭ କରି ମଶାଣି ପର୍ଯ୍ୟନ୍ତ ମଣିଷ ଜୀବନରେ ଆୟୁର୍ବେଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭଗବାନଙ୍କ ସୃଷ୍ଟିରେ ସଂସାରରେ ଏମିତି କୌଣସି ବୃକ୍ଷଲତା, ଫଳଫୁଲ ନାହିଁ ଯାହାର କିଛି ଔଷଧୀୟ ଗୁଣ ନାହିଁ । ତନ୍ମଧ୍ୟରୁ ଲବଙ୍ଗ ଅନ୍ୟତମ । ସାଧାରଣତଃ ଲବଙ୍ଗର ବ୍ୟବହାର ମୁଖ ଦୁର୍ଗନ୍ଧ କିମ୍ବା ମସଲା ରୂପରେ ହୋଇଥାଏ । କିନ୍ତୁ ଏଥିରେ ଔଷଧୀୟ ଗୁଣ ପ୍ରଚୁର ମାତ୍ରାରେ ଭରପୂର ହୋଇ ରହିଛି । ଭାରତବର୍ଷର କେରଳ ତଥା ତାମିଲ୍‌ନାଡୁରେ ଲବଙ୍ଗ ଚାଷ କରାଯାଇଥାଏ । ଭାରତବର୍ଷରେ ଏହାର ବହୁଳ ବ୍ୟବହାର କାରଣରୁ ଲବଙ୍ଗକୁ ବିଦେଶରୁ ମଧ୍ୟ ମଗାଯାଇଥାଏ । ପ୍ରାୟତଃ ଲବଙ୍ଗ ଗଛରେ ୯ ବର୍ଷ ପରେ ଫୁଲ ଧରିଥାଏ । ଏହି ଫୁଲକୁ ଶୁଖାଇ ଲବଙ୍ଗ ରୂପେ ବ୍ୟବହାର କରାଯାଏ ।

ବିଭିନ୍ନ ରୋଗରେ ଲବଙ୍ଗର ବ୍ୟବହାର:

**ଅଜୀର୍ଣ୍ଣ** – ଅଜୀର୍ଣ୍ଣ ହେଲେ ୪ଟି ଲବଙ୍ଗକୁ ଚୂର୍ଣ୍ଣକରି ସେହି ଚୂର୍ଣ୍ଣକୁ ଗରମ ପାଣି ସହିତ ସେବନ କଲେ ଆରାମ ମିଳିଥାଏ ।

**ଗ୍ୟାସ** – ପେଟରେ ଗ୍ୟାସ୍ ହେଲେ ପେଟ ଫୁଲିଥାଏ । ଏହି ରୋଗରେ ଲବଙ୍ଗ, ଜୁଆଣି, ଶୁଣ୍ଠି ଏବଂ ସୈନ୍ଧବ ଲୁଣକୁ ସମପରିମାଣରେ ଚୂର୍ଣ୍ଣକରି ୨ ଗ୍ରାମ୍ ଲେଖାଏଁ ସକାଳ ଓ ସନ୍ଧ୍ୟାରେ ଉଷୁମ ପାଣି ସହିତ ସେବନ କଲେ ଗ୍ୟାସ୍ ରୋଗରୁ ମୁକ୍ତି ମିଳିଥାଏ ।

**ହଜମ** – ଲବଙ୍ଗ ସେବନ ଦ୍ୱାରା ଶରୀରରେ ପାଚନ ରସ ବୃଦ୍ଧି ପାଇଥାଏ ତଥା ପାଚନ କ୍ରିୟା ସୁଦୃଢ଼ ହୋଇଥାଏ । ହଜମ୍ ଶକ୍ତି ବଢ଼ିବାର ପାଇଁ ୧ ଗ୍ରାମ ଲବଙ୍ଗ, ୩ ଗ୍ରାମ ହରିଡ଼ା, ୨ ଗ୍ରାମ ସୈନ୍ଧବ ଲବଣକୁ ୧ ଲିଟର ପାଣିରେ ମିଶାଇ ସ୍ୱଳ୍ପ ନିଆଁରେ ଗରମ କରନ୍ତୁ, ଅବଶିଷ୍ଟ ୨୫୦ ଗ୍ରାମ କାଢ଼ାକୁ ଏକ ବୋତଲରେ ରଖି ସକାଳେ ଓ ରାତିରେ ୨ ଚାମଚ ଖାଦ୍ୟ ପରେ ସେବନ କଲେ ଏହି ରୋଗରୁ ମୁକ୍ତ ମିଳିଥାଏ ।

**ଅମ୍ଳପିତ୍ତ** – ଲବଙ୍ଗ ଏକ ଅମ୍ଳନାଶକ ପଦାର୍ଥ । ଅମ୍ଳପିତ୍ତ ରୋଗରେ ଖାଦ୍ୟ ପରେ ୨ଟି ଲବଙ୍ଗ ଚୋବାଇ ଖାଇଲେ ଅମ୍ଳପିତ୍ତ ରୋଗରୁ ମୁକ୍ତ ମିଳିଥାଏ ।

**ଅରୁଚି** – ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ ୧ଟି ଲେଖାଏଁ ଲବଙ୍ଗ ସେବନ କଲେ ଖାଦ୍ୟ ପ୍ରତି ରୁଚି ବଢ଼ିଥାଏ ଏବଂ ଭୋକ ମଧ୍ୟ ବଢ଼ିଥାଏ ।

**ହାକୁଟି** – ବାରମ୍ବାର ହାକୁଟି ହେଉଥିଲେ ୩ଟି ଲବଙ୍ଗକୁ ଚୋବାଇ ଥଣ୍ଡା ପାଣି ପିଇଲେ ହାକୁଟି ବନ୍ଦ ହୋଇଥାଏ ।

**ବାନ୍ତି ଲାଗିବା ଓ ଦେହ ବୁଲାଇବା** – ୨ଟି ଲବଙ୍ଗକୁ ପାଟିରେ ରଖି ଚୁମିଲେ ଦେହ ବୁଲାଇବା ବନ୍ଦ ହେବା ସହ ବାନ୍ତି ଭଲ ହୋଇଥାଏ ।

**ପେଟବିନ୍ଧା** – ଯେ କୌଣସି କାରଣରୁ ପେଟବିନ୍ଧା ହେଉଥିଲେ ୨ଟା ଲେଖାଏଁ ଲବଙ୍ଗ ଦିନକୁ ୨ ଥର ଖାଲିପେଟରେ ସେବନ କଲେ ୧ ସପ୍ତାହରେ ପେଟବିନ୍ଧାରୁ ମୁକ୍ତି ମିଳିଥାଏ ।

**ପତଳା ଝାଡ଼ା** – ହଇଜା ବା ପତଳା ଝାଡ଼ାରେ ଲବଙ୍ଗ ବହୁ ଉପକାରୀ । ୧ ଗ୍ଲାସ ପାଣିରେ ୪ଟି ଲବଙ୍ଗକୁ ଛେଚି ପକାଇ ଗରମ କରି ୧ କପ୍ ଲେଖାଏଁ ଦିନକୁ ୪ ଥର ପିଇଲେ ଲାଭ ମିଳିଥାଏ ।

**କୃମିରୋଗ** – ଲବଙ୍ଗ ସେବନ ଦ୍ୱାରା କୃମି ନାଶ ହୋଇଥାନ୍ତି । ପ୍ରତ୍ୟହ ପିଲାମାନଙ୍କୁ ଲବଙ୍ଗ ମିଶ୍ରିତ ପାଣି ପିଆଇଲେ କୃମି ରୋଗରୁ ମୁକ୍ତି ମିଳିଥାଏ ।

**ମୁଣ୍ଡବିନ୍ଧା**– ଯେ କୌଣସି ପ୍ରକାର ମୁଣ୍ଡବିନ୍ଧାରେ ୪ଟି ଲବଙ୍ଗକୁ ପାଣିରେ ଭିଜାଇ ଶିଳରେ ବାଟି କପାଳରେ ଲେପ ଦେଲେ ମୁଣ୍ଡବିନ୍ଧା କମିଯାଇଥାଏ । ଉଷୁମ ପାଣିରେ ଲବଙ୍ଗକୁ ସିଝାଇ ପିଇଲେ ମଧ୍ୟ ମୁଣ୍ଡ ବିନ୍ଧାରୁ ମୁକ୍ତି ମିଳିଥାଏ ।

**ମୁଖ ଦୁର୍ଗନ୍ଧ** – ମୁଖ ଦୁର୍ଗନ୍ଧ ପାଇଁ ଖାଦ୍ୟ ପରେ ପ୍ରତ୍ୟହ ୧ଟି ଲେଖାଏଁ ଲବଙ୍ଗ ଖାଇବା ଉଚିତ ।

**ଦାନ୍ତବିନ୍ଧା** – କୌଣ କୌଣସି କାରଣରୁ ଦାନ୍ତବିନ୍ଧା ହେଉଥିଲେ ୨ଟି ଲବଙ୍ଗକୁ ଧୀରେ ଧୀର ଚୋବାନ୍ତୁ କିମ୍ବା ଲବଙ୍ଗ ତେଲକୁ ତୁଳା ସାହାଯ୍ୟରେ ଦାନ୍ତ ମୂଳରେ ଲଗାନ୍ତୁ । ଯାହାଦ୍ୱାରା ଦାନ୍ତବିନ୍ଧା, ଦାନ୍ତ ଫୁଲାରୁ ମୁକ୍ତି ମିଳିଥାଏ ।

**ଗଳାଫୁଲା** – ଯେ କୌଣସି କାରଣରୁ ଗଳା ଫୁଲିଥିଲେ ଲବଙ୍ଗକୁ

ଲୁହାପାତ୍ରରେ ଭାଜି ଚୋବାଇ ଖାଇଲେ ଗଳା ରୋଗରୁ ମୁକ୍ତି ମିଳିଥାଏ ।

**କାଶ –** କାଶ ହେଲେ ଲବଙ୍ଗକୁ ଲୁହାପାତ୍ରରେ ଭାଜି ରାତିରେ କଳରେ ଜାକିଲେ କାଶ ଭଲ ହୋଇଥାଏ । ଅତ୍ୟଧିକ କାଶ ହେଉଥିଲେ ଲବଙ୍ଗକୁ ଭାଜି ଚୂର୍ଣ୍ଣ କରି ମହୁ ସହିତ ମିଶାଇ ଚାଟିକରି ଖାଇଲେ ଲାଭ ମିଳିଥାଏ ।

**ଶ୍ୱାସପାଇଁ –** ଶ୍ୱାସରୋଗୀଙ୍କ ପାଇଁ ଲବଙ୍ଗ ବହୁତ ଗୁଣକାରୀ । ଶ୍ୱାସରୋଗରୁ ମୁକ୍ତି ପାଇଁ ଲବଙ୍ଗ ଏବଂ ମରିଚକୁ ସମାନ ମାତ୍ରାରେ ନେଇ ଚୂର୍ଣ୍ଣ କରି ମହୁ ସହିତ ସେବନ କଲେ ଶ୍ୱାସ ରୋଗରୁ ମୁକ୍ତି ମିଳିଥାଏ ।

**ଶ୍ୱାସଦୁର୍ଗନ୍ଧ –** ଶ୍ୱାସଦୁର୍ଗନ୍ଧ ପାଇଁ ୨ଟି ଲବଙ୍ଗକୁ ପାଟିରେ ରଖି ଦିନକୁ ୨ ଥର ଚୋବାଇଲେ ଶ୍ୱାସ ଦୁର୍ଗନ୍ଧରୁ ମୁକ୍ତି ମିଳିଥାଏ ।

**ଛାତି ଜଳାପୋଡ଼ା –** ଛାତି ଜଳାପୋଡା ହେଲେ ଲବଙ୍ଗକୁ ବାଟି ମିଶ୍ରି ପାଣିରେ ସେବନ କଲେ ଛାତି ଜଳାପୋଡ଼ାରୁ ମୁକ୍ତି ମିଳିଥାଏ ।

**ମୂତ୍ର ସମ୍ବନ୍ଧୀୟ ରୋଗ –** ୧ ଗ୍ଲାସ ପାଣିରେ ୪ଟି ଲବଙ୍ଗକୁ ରାତିରେ ଭିଜାଇ ସକାଳୁ ଖାଲି ପେଟରେ କିଛିଦିନ ସେବନ କଲେ ସମସ୍ତ ପ୍ରକାର ମୂତ୍ର ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ ।

**ଗର୍ଭବସ୍ଥାରେ ବାନ୍ତି –** ଲବଙ୍ଗ ଚୂର୍ଣ୍ଣକୁ ମିଶ୍ରି ସହିତ ସେବନ କଲେ ଗର୍ଭାବସ୍ଥାରେ ବାନ୍ତି ବନ୍ଦ ହୋଇଥାଏ ।

**ଅଣ୍ଟା ଆଣ୍ଠୁଗଣ୍ଠି ବିନ୍ଧା –** ବିନ୍ଧା ହେଉଥିବା ସ୍ଥାନରେ ଲବଙ୍ଗ ତେଲକୁ ମାଲିସ୍ କଲେ ବିନ୍ଧାରୁ ମୁକ୍ତି ମିଳିଥାଏ ।

ନିଃସନ୍ଦେହ ଆୟୁର୍ବେଦ ଚିକିତ୍ସାରେ ଲବଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**ଦିଶା ଆୟୁର୍ବେଦ ଏବଂ ପଂଚକର୍ମ ହସ୍ପିଟାଲ**
**ଇଫ୍‌କୋ ଛକ, ପାରାଦ୍ୱୀପ**
**ସମ୍ପର୍କ-୯୯୩୭୭୫୨୪୧୧**

# ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ
# ନୂତନ ଘୋଷିତ ଅଖିଳ ଭାରତୀୟ କାର୍ଯ୍ୟକାରିଣୀ

| | |
|---|---|
| ସଂରକ୍ଷକ – | ମା. ବ୍ରହ୍ମଦେବ ଶର୍ମା(ଭାଇଜୀ) |
| ଅଧ୍ୟକ୍ଷ – | ମା. ଶ୍ରୀ ଡ଼ି ରାମକୃଷ୍ଣ ରାଓ |
| ଉପାଧ୍ୟକ୍ଷ – | ଡ଼ା. ଶଙ୍କର ରାୟ |
| | ଶ୍ରୀ ରାଜେନ୍ଦ୍ର ପ୍ରସାଦ ଖୈତାନ |
| | ଶ୍ରୀମତୀ ସାଧନା ଭଣ୍ଡାରୀ |
| | ଶ୍ରୀ ରବୀନ୍ଦ୍ର କାନ୍ହେରେ |
| | ଡଃ ବସନ୍ତ କୁମାର ପଣ୍ଡା |
| ସଂଗଠନ ମନ୍ତ୍ରୀ – | ମା. ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ |
| ସହ-ସଂଗଠନ ମନ୍ତ୍ରୀ – | ମା. ଶ୍ରୀ ଯତୀନ୍ଦ୍ର କୁମାର ଶର୍ମା |
| | ମା. ଶ୍ରୀରାମ ଆରାଓକର |
| ମହାମନ୍ତ୍ରୀ – | ମା. ଶ୍ରୀଯୁକ୍ତ ଅବନୀଶ ଭଟ୍ଟନାଗର |
| କୋଷାଧ୍ୟକ୍ଷ – | ଶ୍ରୀ ଜୈନପାଲ ଜୈନ |
| ମନ୍ତ୍ରୀ – | ମା. ଶ୍ରୀ ଶିବ କୁମାର |
| | ଶ୍ରୀ କିଷନ ବୀର |
| | ମଧୁଶ୍ରୀ ସାବଜୀ |
| | ଶ୍ରୀ ବ୍ରହ୍ମାଜୀ ରାଓ |
| | ଶ୍ରୀ କମଲ କିଶୋର ସିହ୍ନା |
| ସହ-ମନ୍ତ୍ରୀ – | ଶ୍ରୀ ସନ୍ତୋଷ ଆନନ୍ଦ |
| | ପବିତ୍ରା ଦହଲ |
| | ନନ୍ଦନୀ ଲକ୍ଷ୍ମୀକାନ୍ତ |
| | ଯଜ୍ଞମତି ବାସୁମତାରୀ |
| | ରୋହିତ ବାସୱାନି |
| କାର୍ଯ୍ୟକାରିଣୀ ସଦସ୍ୟ – | ଶ୍ରୀ ଜେ ଏମ୍ କାଶୀପତି |
| | ଶ୍ରୀ ଲଳିତ ବିହାରୀ ଗୋସ୍ୱାମୀ |
| | ଶ୍ରୀ ରବୀନ୍ଦ୍ର ଚମରିଆ |
| | ଶ୍ରୀ ରବୀନ୍ଦ୍ରନ୍ |
| | ଡା. ଜ୍ୱାଲା ପ୍ରସାଦ |
| | ଡା. ରାଜଶ୍ରୀ ବୈଦ୍ୟ |
| | ପ୍ରଫେସର କୀର୍ତ୍ତି ପାଣ୍ଡେୟ |

ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ କରଇ ।।

ବିଜ୍ଞାନ ବିଭବ

# ଦୁର୍ଦ୍ଧର୍ଷ ବାୟୁଯାନ: ଏମ୍.ଆଇ.ହେଲିକପ୍ଟର

ଶ୍ରୀ ନିକୁଞ୍ଜ ବିହାରୀ ସାହୁ

ନିକଟରେ ଭାରତର ପୂର୍ବତନ ସେନାଧ୍ୟକ୍ଷ ବିପିନ ରାୱତଙ୍କ ସମେତ ସେନାର କିଛି କର୍ମଚାରୀଙ୍କୁ ନେଇ ଯାଉଥିବା ସେନାର ଏକ ହେଲିକପ୍ଟର ତାମିଲ୍‌ନାଡୁ ନୀଳଗିରିର ଦୁର୍ଗମ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ଦ୍ୱାରା ଆରୋହୀ ଅଧିକାଂଶ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ଭାରତୀୟ ବାୟୁସେନାର ଏକ ଏମ୍‌ଆଇ-୧୭ଭି-୫ ପରିବହନ ବାୟୁଯାନ ବୋଲି ଜଣାପଡ଼ିଛି । ଏହି ହେଲିକପ୍ଟର ସମ୍ପର୍କରେ କିଛି ସୂଚନା ନିମ୍ନରେ ଦିଆଗଲା:

### ବହୁ ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର

ଏହା ମୁଖ୍ୟତଃ ଏକ ପରିବହନ ହେଲିକପ୍ଟର ହେଲେ ସୁଦ୍ଧା ଶତ୍ରୁ ସେନା ଉପରେ ଆକ୍ରମଣ କରିବା ଏବଂ ପ୍ରତିକୂଳ ପରିସ୍ଥିତିରେ ଆକ୍ରମଣ ତଥା ଗୁଇନ୍ଦାଗିରି ନିମନ୍ତେ ସେନା ଓ ସାମଗ୍ରୀ ତୁରନ୍ତ ପରିବହନ କରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇବା ପାଇଁ ଏଥିରେ ଯଥେଷ୍ଟ ସୁବିଧା ଅଛି । ଏହା ବିଶ୍ୱର ଏକ ଅତ୍ୟାଧୁନିକ ତଥା ବହୁ ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର । ଏଥିରେ ବିମାନ ଚାଳନା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରମାନ ଖଂଜା ଅଛି ଯାହା ସାହାଯ୍ୟରେ ଏହା ଦିନରାତି ସବୁ ସମୟରେ ପୃଥିବୀର ଯେକୌଣସି ଭୌଗୋଳିକ ତଥା ଜଳବାୟୁ ପରିସ୍ଥିତିରେ ଏବଂ ଏପରିକି ଖରାପ ପାଗରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରି ପାରିବ । ଏହି ହେଲିକପ୍ଟରକୁ ମଧ୍ୟ ବନ୍ୟା, ବାତ୍ୟା ଭଳି ଆପଦକାଳୀନ ପରିସ୍ଥିତିରେ ଯୋଗାଣ ଓ ଉଦ୍ଧାର କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ । ଏହା ଯେ କୌଣସି ସ୍ଥାନରେ ବିନା ହେଲିପ୍ୟାଡ୍‌ରେ ଏବଂ ଏପରିକି ରାତ୍ରି ସମୟରେ ମଧ୍ୟ ଅବତରଣ କରିବା ପାଇଁ ସକ୍ଷମ । ଏହା ଉଭୟ ଯାତ୍ରୀକକ୍ଷ ଓ ତଳପଟେ ଝୁଲୁଥିବା ଝୁଲାରେ ମାଲ୍ ପରିବହନ କରିପାରେ । ଏହି ଶ୍ରେଣୀର ଅଳ୍ପ କିଛି ହେଲିକପ୍ଟର ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ସୁଦ୍ଧା ଏହାର ସୁରକ୍ଷିତ ଉଡ୍ଡାଣ ରେକର୍ଡ଼ ବିଶ୍ୱର ଅନ୍ୟ ଯେକୌଣସି ପରିବହନ ହେଲିକପ୍ଟରଠାରୁ ଯଥେଷ୍ଟ ଭଲ । ଏବେ ବିଶ୍ୱର ପ୍ରାୟ ୭୦ଟି ଦେଶ ଏହି ହେଲିକପ୍ଟର ବ୍ୟବହାର କରୁଛନ୍ତି ।

### ଉତ୍ପାଦନ ଏବଂ ଇତିହାସ

ଏମ୍‌ଆଇ-୧୭ଭି-୫ ହେଲିକପ୍ଟର ବିଶ୍ୱରେ ନିଜର ବହୁ ଉପାଦେୟତା, ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବେଶ୍ ଜଣାଶୁଣା । ଏମ୍‌ଆଇ-୮/୧୭ ଶ୍ରେଣୀ ବାୟୁଯାନର ସାମରିକ ପରିବହନ ଉପଯୋଗ ନିମନ୍ତେ ବ୍ୟବହୃତ ଏକ ପରିବର୍ତ୍ତିତ ରୂପ । ଏହା ରୁଷର କାଜାନ୍ ହେଲିକପ୍ଟର କମ୍ପାନୀ ଦ୍ୱାରା ନିର୍ମିତ । ଏହି ହେଲିକପ୍ଟର ବିବିଧ ସାମରିକ କାର୍ଯ୍ୟକଳାପ ଯଥା ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପରିବହନ, ଗୁଳିଗୋଳାବର୍ଷଣ, ଅଗ୍ନି ନିର୍ବାପନ, ସେନାଦଳକୁ ପଥପ୍ରଦର୍ଶନ, ପହରାକାର୍ଯ୍ୟ, ଗୁଇନ୍ଦାଗିରି, ସନ୍ଧାନ ଏବଂ ଉଦ୍ଧାରକାର୍ଯ୍ୟରେ ନିୟୋଜନ ଭଳି ଅନେକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଦକ୍ଷତାର ସହିତ ସମ୍ପାଦନ କରି ପାରୁ ଥିବାରୁ ବିଭିନ୍ନ ଦେଶରେ ଏହାର ଅଭୂତପୂର୍ବ ଚାହିଦା ରହିଛି । ଆମ ଦେଶର ପ୍ରତିରକ୍ଷା ବିଭାଗ ଗତ ୨୦୦୮ ମସିହାରେ ଭାରତୀୟ ବାୟୁସେନା ନିମନ୍ତେ ୮୦ଟି ଏହି ହେଲିକପ୍ଟର ଯୋଗାଣ ପାଇଁ ରୁଷୀୟ କମ୍ପାନୀ ନିକଟରେ ଚୁକ୍ତି କରିଥିଲା । ଭାରତକୁ ଏହି ହେଲିକପ୍ଟରର ଯୋଗାଣ ୨୦୧୧ ମସିହାରେ ଆରମ୍ଭ ହୋଇ ୨୦୧୮ ମସିହାରେ ସମାପ୍ତ ହୋଇଥିଲା ।

### ଇଞ୍ଜିନ

ଏଥିରେ ଦୁଇଟି ଶକ୍ତିଶାଳୀ ଇଞ୍ଜିନ ଖଞ୍ଜା ଯାଇଛି; ଫଳରେ କୌଣସି କାରଣରୁ ଏହାର ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଗନ୍ତବ୍ୟସ୍ଥଳରେ ନିରାପଦରେ ପହଂଚି ହେବ । ଏହି ଇଞ୍ଜିନ ଗୁଡ଼ିକ ହେଲା : ଟିଭିଥ୍ରୀ-୧୧୭ଭିଏମ୍ ଏବଂ ଭିକେ-୨୫୦୦ ଇଞ୍ଜିନ । ସେଥି ମଧ୍ୟରୁ ଟିଭିଥ୍ରୀ-୧୧୭ଭିଏମ୍ ଇଞ୍ଜିନଟି ସର୍ବାଧିକ ୨୧୦୦ ଏଚ୍‌ପି କ୍ଷମତା ପ୍ରଦାନ କରି ପାରୁଥିବାବେଳେ ଭିକେ-୨୫୦୦ ଇଂଜିନ୍ ୨୭୦୦ଏଚ୍‌ପି କ୍ଷମତା ପ୍ରଦାନ କରିବାକୁ ସକ୍ଷମ । ଏହି ବିମାନର ସର୍ବାଧିକ ବେଗ ୨୫୦ କି.ମି./ଘଣ୍ଟା ଏବଂ ଏହା ଥରକେ ୫୮୦ କି.ମି ଦୂରତା ପର୍ଯ୍ୟନ୍ତ ଉଡ୍ଡାଣ ଭରିପାରିବ । ଏଥିରେ ଦୁଇଟି ଅତିରିକ୍ତ ଇନ୍ଧନ ଟାଙ୍କି ଖଞ୍ଜି ଗଲେ ଏହାର ଅତିକ୍ରାନ୍ତ ପରିସରକୁ ୧୦୬୫ କିମି ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇ ପାରିବ । ଏହା ଆକାଶରେ ସର୍ବାଧିକ

୬୦୦୦ ମିଟର ଉଚ୍ଚତାରେ ଉଡ଼ି ପାରିବ ।

**ଯାତ୍ରୀ ପ୍ରକୋଷ୍ଠ**

ଏହି ହେଲିକପ୍ଟରର କ୍ୟାବିନ୍ ଅପେକ୍ଷାକୃତ ପ୍ରଶସ୍ତ ଏବଂ ଏହା ମଧ୍ୟକୁ ପହଞ୍ଚିବା ନିମନ୍ତେ ଯାତ୍ରୀମାନଙ୍କ ପାଇଁ ମୁଖ୍ୟ ପାର୍ଶ୍ୱ-ପ୍ରବେଶଦ୍ୱାର ବ୍ୟତୀତ ତୁରନ୍ତ ସେନା ଏବଂ ସାମଗ୍ରୀ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ପଛପଟରେ ମଧ୍ୟ ଏକ ରାମ୍ପ୍ର ବ୍ୟବସ୍ଥା ଅଛି । ଏହା ଏକ ୩ ଜଣିଆ ଚାଳକଦଳଙ୍କ ସମେତ ସମୁଦାୟ ୩୬ ଜଣ ସଶସ୍ତ୍ର ସୈନିକଙ୍କୁ ଆକାଶମାର୍ଗରେ ବହନ କରି ନେଇପାରେ । ଏହି ହେଲିକପ୍ଟର ସର୍ବାଧିକ ୧୩,୦୦୦ କି.ଗ୍ରା. ଓଜନର ସାମଗ୍ରୀ ଉଠାଇ ଉଡ୍ଡାଣ ଭରିବା ସହିତ ନିଜ ତଳ ଭାଗରୁ ଲମ୍ବିଥିବା ଝୁଲାରେ ମଧ୍ୟ ୪୫୦୦ କି.ଗ୍ରା. ଓଜନର ଅତିରିକ୍ତ ଭାର ବହନ କରିପାରେ । ଏହି ହେଲିକପ୍ଟର କ୍ରାନ୍ତିମଣ୍ଡଳୀୟ, ସାମୁଦ୍ରିକ କିମ୍ବା ମରୁଭୂମି ଭଳି ବିଭିନ୍ନ ପ୍ରକାରର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ ।

**ଚାଳକ କକ୍ଷ**

ଏହି ହେଲିକପ୍ଟରର ଚାଳକ କକ୍ଷରେ ଉଡ୍ଡାଣ ଓ ବିମାନଚାଳନା ସମ୍ପର୍କୀୟ ଅତ୍ୟାଧୁନିକ ଯନ୍ତ୍ରାବଳି ଯଥା ଚାରୋଟି ବହୁ- ଉପାଦେୟୀ ପ୍ରଦର୍ଶନ ପରଦା, ରାତିରେ ଦୃଶ୍ୟ ନିମନ୍ତେ ଉପକରଣ, ପାଣିପାଗ ସମ୍ପର୍କୀୟ ସୂଚନା ପ୍ରଦାନ ନିମନ୍ତେ ବିମାନସ୍ଥ ରାଡ଼ାର ଏବଂ ଅଟୋ-ପାଇଲଟ ଆଦି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ସ୍ଥାନିତ ଅଛି ।

**ଅସ୍ତ୍ରଶସ୍ତ୍ର**

ଏହା କେବଳ ଏକ ପରିବହନ ହେଲିକପ୍ଟର ନୁହେଁ, ଏଥିରେ ଅନେକ ପ୍ରକାରର ମାରଣାସ୍ତ୍ର ଖଞ୍ଜା ଯାଇପାରିବ । ଏହି ବିମାନରେ ସ୍ଥାନିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଶତ୍ରୁ ସେନା, ଟ୍ୟାଙ୍କ, ଭୂମିଗତ ଲକ୍ଷ୍ୟସ୍ଥଳୀ, ଶତ୍ରୁର ଦୁର୍ଗ, ସ୍ଥିର କିମ୍ବା ଗତିଶୀଳ ବସ୍ତୁକୁ ଆଘାତ କରିହେବ । ଏହି ହେଲିକପ୍ଟରରେ ଥିବା ମାରକ ଅସ୍ତ୍ରମାନ ହେଲା Shturm-V କ୍ଷେପଣାସ୍ତ୍ର, ଏସ୍-୮ ରକେଟ୍, ୨୩ଏମ୍ଏମ୍ ମେସିନ୍ ଗନ୍, ପିକେଟି ମେସିନ୍ ଗନ୍ ଏବଂ ଏକେଏମ୍ ସବ୍ ମେସିନ୍ ଗନ୍ । ରୁଷ ଦ୍ୱାରା ବିକଶିତ Shturm-V ବ୍ୟବସ୍ଥା ବେତାର ତରଙ୍ଗ ଦ୍ୱାରା ମାର୍ଗନିର୍ଦ୍ଦେଶିତ ଏକ କ୍ଷେପଣାସ୍ତ୍ର ଯାହାକୁ ଆକାଶମାର୍ଗରୁ ପ୍ରହାର କରି ଶତ୍ରୁପକ୍ଷର କୌଣସି ଟ୍ୟାଙ୍କକୁ ଧ୍ୱଂସ କରାଯାଇ ପାରିବ । ସେହିପରି, ଏସ୍-୮ ଏକ ସ୍ୱଳ୍ପ ଦୂରଗାମୀ ରକେଟ୍ ଯାହା ୩.୬ କିଗ୍ରା ଓଜନର ବିସ୍ଫୋରକ ସାମଗ୍ରୀ ବହନ କରି ନିର୍ଭୁଲ ରୂପେ ଶତ୍ରୁ ଶିବିରରେ ପ୍ରବେଶ କରିପାରିବ । ଏହାର ସ୍ୱଳ୍ପ ଓଜନ ହେତୁ ଏହାକୁ ସହଜରେ ହେଲିକପ୍ଟରରେ ଖଞ୍ଜି ଏକାଥରକେ ଅନେକ ରକେଟ୍‌କୁ ଲକ୍ଷ୍ୟସ୍ଥଳୀ ଉଦ୍ଦେଶ୍ୟରେ ନିକ୍ଷେପ କରିହେବ । ଆହୁରି ମଧ୍ୟ ୭.୬୨ ଏମ୍ଏମ୍ ନଳୀ ବ୍ୟାସ ଓ ୭୭୨ଏମ୍ଏମ୍ ନଳୀ ଲମ୍ବ ବିଶିଷ୍ଟ ପିକେଟି ମେସିନ୍ ଗନ୍ ଏକ ସ୍ୱୟଂଚାଳିତ ବନ୍ଧୁକ ଯେଉଁଥିରୁ ଏକ ମିନିଟ୍‌ରେ ପ୍ରାୟ ୫୦୦ ରାଉଣ୍ଡ ଗୁଳି ଅନବରତ ବର୍ଷଣ କରି ୪ କିମି ଦୂରତାରେ ଥିବା ଲକ୍ଷ୍ୟସ୍ଥଳୀକୁ ଆଘାତ କରିହେବ । ଏହି ହେଲିକପ୍ଟରରୁ ଏକକାଳୀନ ୮ଟି ଲକ୍ଷ୍ୟସ୍ଥଳୀ ଉପରେ ଆକ୍ରମଣ କରିହେବ ।

**ସୁରକ୍ଷା ବ୍ୟବସ୍ଥା**

ଶତ୍ରୁର ଗୁଳିଗୋଳା ଓ କ୍ଷେପଣାସ୍ତ୍ର ମାଡ଼ରୁ ରକ୍ଷା କରିବା ପାଇଁ ଏହି ହେଲିକପ୍ଟରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଚାଳକ କକ୍ଷ, ଇନ୍ଧନ ଟାଙ୍କି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାର ଇତ୍ୟାଦି ଚାରିପଟେ ମୋଟା ଧାତବ ଚାଦର ସୁରକ୍ଷା ବଳୟର ଆବରଣ ଅଛି । ଏଥିରେ ଥିବା ଯୁଗ୍ମ ଇଂଜିନ୍ ବ୍ୟବସ୍ଥା ଜରିଆରେ ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ସୁଦ୍ଧା ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ବାୟୁଯାନକୁ ନିରାପଦସ୍ଥଳୀରେ ପହଞ୍ଚାଇ ହେବ । ଏଥିରେ ସ୍ଥାନିତ ଅଟୋପାଇଲଟ ବ୍ୟବସ୍ଥା ବିନା ତ୍ରୁଟିରେ ଚାଳକକୁ ବିମାନଚାଳନା ସମ୍ପର୍କୀୟ ଅନେକ ଜଟିଳ କାର୍ଯ୍ୟ ସ୍ୱୟଂଚାଳିତ ଉପାୟରେ ସମ୍ପାଦନ କରିବା ଦିଗରେ ମାର୍ଗନିର୍ଦ୍ଦେଶିତ କରିଥାଏ । ଏଥିରେ ମଧ୍ୟ ଏକ ଅତିରିକ୍ତ ସ୍ଲାଇଡ଼ିଂ ପ୍ରବେଶଦ୍ୱାର, ପାରାସୁଟ୍ ଅବତରଣ ବ୍ୟବସ୍ଥା, ସର୍ଚ୍ଚଲାଇଟ୍ ଏବଂ ଜଳରେ ଭାସିବା ଭଳି ସହାୟକ ଉପକରଣମାନ ସ୍ଥାନିତ ଅଛି । ଏଥିରେ ଥିବା ଜାମର୍ ବ୍ୟବସ୍ଥା ଇଞ୍ଜିନରୁ ନିର୍ଗତ ଇନ୍‌ଫ୍ରାରେଡ୍ ବିକିରଣକୁ ପ୍ରତିହତ କରେ ଯାହାଦ୍ୱାରା ଶତ୍ରୁର କୌଣସି କ୍ଷେପଣାସ୍ତ୍ର ଏହି ଇନ୍‌ଫ୍ରାରେଡ୍ ସଂକେତକୁ ଅନୁସରଣ କରି ବିମାନକୁ ଆଘାତ କରିବାକୁ ସମର୍ଥ ହୋଇ ନ ଥାଏ ।

ଏଜୁକେସନ ଅଫିସର
ଆଂଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ:- ୮୦୧୮୭୦୮୮୫୮

ସମେ ବସଇ ସର୍ବଦେହେ । ମୂଢ଼ ନ ଜାଣେ ମାୟାମୋହେ ।।

## ଗଣିତ ବିଭବ

### ତିଥି, ନକ୍ଷତ୍ର, ଯୋଗ, କରଣ ଓ ରାଶିମାନଙ୍କର ସଂଖ୍ୟା ଏବଂ ନାମ

ଶ୍ରୀ ପ୍ରସନ୍ନ କୁମାର ସାହୁ

**ପକ୍ଷ**

୧. କୃଷ୍ଣ ପକ୍ଷ
୨. ଶୁକ୍ଳପକ୍ଷ

**ତିଥି**

୧. ପ୍ରତିପଦା
୨. ଦ୍ୱିତୀୟା
୩. ତୃତୀୟା
୪. ଚତୁର୍ଥୀ
୫. ପଞ୍ଚମୀ
୬. ଷଷ୍ଠୀ
୭. ସପ୍ତମୀ
୮. ଅଷ୍ଟମୀ
୯. ନବମୀ
୧୦. ଦଶମୀ
୧୧. ଏକାଦଶୀ
୧୨. ଦ୍ୱାଦଶୀ
୧୩. ତ୍ରୟୋଦଶୀ
୧୪. ଚତୁର୍ଦ୍ଦଶୀ
୧୫. ପୂର୍ଣ୍ଣିମା/ ଅମାବାସ୍ୟା

**ବାର**

୧. ରବିବାର
୨. ସୋମବାର
୩. ମଙ୍ଗଳବାର
୪. ବୁଧବାର
୫. ଗୁରୁବାର
୬. ଶୁକ୍ରବାର
୭. ଶନିବାର

**ଚନ୍ଦ୍ରମାସ**

୧. ବୈଶାଖ
୨. ଜ୍ୟୈଷ୍ଠ
୩. ଆଷାଢ
୪. ଶ୍ରାବଣ
୫. ଭାଦ୍ରବ
୬. ଆଶ୍ୱିନ
୭. କାର୍ତ୍ତିକ
୮. ମାର୍ଗଶିର
୯. ପୌଷ
୧୦. ମାଘ
୧୧. ଫାଲ୍‌ଗୁନ
୧୨. ଚୈତ୍ର

**ନକ୍ଷତ୍ର**

୧. ଅଶ୍ୱିନୀ
୨. ଦ୍ୱିଜା
୩. କୃତ୍ତିକା
୪. ରୋହିଣୀ
୫. ମୃଗଶିରା
୬. ଆର୍ଦ୍ରା
୭. ପୁନର୍ବସୁ
୮. ପୁଷ୍ୟା
୯. ଅଶ୍ଳେଷ୍ୟ
୧୦. ମଘା
୧୧. ପୂ. ଫାଲ୍‌ଗୁନୀ
୧୨. ଉ. ଫାଲ୍‌ଗୁନୀ
୧୩. ହସ୍ତା
୧୪. ଚିତ୍ରା
୧୫. ସ୍ୱାତୀ
୧୬. ବିଶାଖା
୧୭. ଅନୁରାଧା
୧୮. ଜ୍ୟେଷ୍ଠା
୧୯. ମୂଳା
୨୦. ପୂର୍ବାଷାଢ଼ା
୨୧. ଉତ୍ତରାଷାଢ଼ା
୨୨. ଶ୍ରବଣା
୨୩. ଧନିଷ୍ଠା
୨୪. ଶତଭିଷା
୨୫. ପୂର୍ବଭାଦ୍ର
୨୬. ଉତ୍ତରଭାଦ୍ର
୨୭. ରେବତୀ
୨୮. ଅଭିଜିତ

**ଯୋଗ**

୧. ବିଷ୍କୁମ୍ଭ
୨. ପ୍ରୀତି
୩. ଆୟୁଷ୍ମାନ
୪. ସୌଭାଗ୍ୟ
୫. ଶୋଭନ
୬. ଅତିଭ
୭. ସୁକର୍ମା
୮. ଧୃତି
୯. ଶୂଳ
୧୦. ଗ
୧୧. ବୃଦ୍ଧି
୧୨. ଧ୍ରୁବ
୧୩. ବ୍ୟାଘାତ
୧୪. ହର୍ଷଣ
୧୫. ବଜ୍ର
୧୬. ସିଦ୍ଧି(ଅସୃକ)
୧୭. ବ୍ୟତିପାଦ
୧୮. ବରୀୟାନ୍
୧୯. ପରିଘ
୨୦. ଶିବ
୨୧. ସିଦ୍ଧ
୨୨. ସ୍ନା
୨୩. ଶୁଭ
୨୪. ଶୁକ୍ଳ(ଶୁକ୍ର)
୨୫. ବ୍ରହ୍ମ
୨୬. ଇନ୍ଦ୍ର
୨୭. ବୈଧୃତି

**ରାଶି/ ସୌରମାସ**

୧. ମେଷ
୨. ବୃଷ
୩. ମିଥୁନ
୪. କର୍କଟ
୫. ସିଂହ
୬. କନ୍ୟା
୭. ତୁଳା
୮. ବିଛା
୯. ଧନୁ
୧୦. ମକର
୧୧. କୁମ୍ଭ
୧୨. ମୀନ

**କରଣ**

୧. ବବ
୨. ବାଳବ
୩. କୌଳବ
୪. ତୈତିଳ
୫. ଗର
୬. ବଣିଜ
୭. ବିଷ୍ଟି
୮. ଶକୁନି
୯. ଚତୁ ଷ୍ପଦ
୧୦. ନାଗ
୧୧. କିନ୍ତୁଘ୍ନ

**ହିଜିରି ମାସ**

୧. ମହରମ
୨. ସଫର
୩. ରବିଅଲ୍‌ଓଅଲ
୪. ରବିଅସ୍‌ସାନି
୫. ଜାମଦିଅଲଅଓଲ
୬. ଜମାଦିଅସ୍‌ସାନି
୭. ରଜବ୍
୮. ସାବାନ୍
୯. ରମଜାନ୍
୧୦. ସୱାଲ୍
୧୧. ଜିଲ୍‌କଦ
୧୨. ଜିଲହେଜ୍

**ବିଂଶୋତ୍ତରୀ ମହାଦଶା**

୧. ରବି-୬ବର୍ଷ
୨. ଚନ୍ଦ୍ର-୧୦ବର୍ଷ
୩. ମଙ୍ଗଳ-୭ ବର୍ଷ
୪. ରାହୁ-୧୮ବର୍ଷ
୫. ବୃହସ୍ପତି-୧୬ବର୍ଷ
୬. ଶନି-୧୯ବର୍ଷ
୭. ବୁଧ-୧୭ବର୍ଷ
୮. କେତୁ-୭ବର୍ଷ

ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ

ପୁତ୍ର କଳତ୍ର କଳେବରେ । ମୋହର ବୋଲି ସ୍ନେହ କରେ ।।

**ଯୋଗ ବିଜ୍ଞାନ**


# ଶରୀରମ୍ ଆଦ୍ୟମ୍....

*ଶ୍ରୀଯୁକ୍ତ ମଧୁସୂଦନ ବାରିକ*

ସ୍ୱାଧୀନତାର ଅମୃତ ମହୋତ୍ସବ ଏହି ପାବନ ଅବସରରେ ଯୋଗ ବିଦ୍ୟାକୁ ବ୍ୟକ୍ତିସାଧନା ଭିତରେ ସୀମିତ ନ ରଖି ସମାଜାଭିମୁଖୀ ତଥା ସୁସ୍ଥ ଏବଂ ନୀରୋଗ ରାଷ୍ଟ୍ରନିର୍ମାଣର ସଙ୍କଳ୍ପ ଆମେ ନେଇଛନ୍ତି । ଯୋଗ ଅନ୍ତର୍ଗତ ସୂର୍ଯ୍ୟ ନମସ୍କାରକୁ ନିତ୍ୟ ଅଭ୍ୟାସରେ ପରିଣତ କରିବା ଏବଂ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ରାଷ୍ଟ୍ରବନ୍ଦନା କରିବାର ସଙ୍କଳ୍ପ ମଧ୍ୟ ଦିଆଯାଇଛି । ଏଥି ସହିତ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ଏକ ନୂତନ ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବାର ଲକ୍ଷ୍ୟ ମଧ୍ୟ ରଖାଯାଇଛି । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନୂଆ ଭାରତର ଲକ୍ଷ ଲକ୍ଷ ପୁତ୍ରପୁତ୍ରୀ ସନ୍ତାନସନ୍ତତି ଯୋଗାଭ୍ୟାସ (ସୂର୍ଯ୍ୟ ନମସ୍କାର) ମାଧ୍ୟମରେ ବିଶ୍ୱକୁ ଏହି ବିଶ୍ୱକିର୍ତ୍ତୀମାନ ଭେଟି ଦେବାକୁ ଯାଉଛି । ଆମେ ସମସ୍ତେ ଏହି ପବିତ୍ର କାର୍ଯ୍ୟରେ ଲାଗିଛନ୍ତି ।

ସୂର୍ଯ୍ୟ ନମସ୍କାର ଶାରୀରିକ ଓ ଯୋଗକ୍ରିୟାର ଏକ ପରିପୂର୍ଣ୍ଣ ବ୍ୟାୟାମ ଅଟେ, ଯାହା ସହଜରେ ଶରୀରକୁ ସୁସ୍ଥ ଓ ନୀରୋଗ କରିଥାଏ । ସୂର୍ଯ୍ୟ ନମସ୍କାରର ୧୦ଟି ସ୍ଥିତି ମଧ୍ୟରେ ୭ଟି ଆସନ ଅଛି । ଆମେ ଏହି ଆସନକୁ ଶ୍ୱାସକ୍ରିୟା ସହିତ କ୍ରମବଦ୍ଧ ଓ ତାଳବଦ୍ଧ ଦୈନିକ ସମସ୍ତ ୧୩ଟି ସୂର୍ଯ୍ୟ ନମସ୍କାର କଲେ ନିଶ୍ଚିତ ଭାବରେ ନୀରୋଗ କାୟାପ୍ରାପ୍ତ ହୋଇପାରିବା । ତତ୍ ସହିତ ସକଳ ଶକ୍ତିର ଆଧାର ଭଗବାନ ସୂର୍ଯ୍ୟ ଦେବଙ୍କୁ ପ୍ରଣାମ କଲେ ଆମକୁ ଆୟୁ, ପ୍ରଜ୍ଞା, ବଳ ଏବଂ ବୀର୍ଯ୍ୟ ପ୍ରାପ୍ତ ହୋଇଥାଏ । ଏଣୁ ଆସନ୍ତୁ ଯୋଗ କରିବା ଓ ନୀରୋଗ ରହିବା ।

ଆସନ-ଉର୍ଦ୍ଧ୍ୱ ଉତ୍ତାନାସନ (ସୂର୍ଯ୍ୟ ନମସ୍କାର ୧ମ ସ୍ଥିତି)



ଆସନର ବିଧି- ୧ ସମସ୍ଥିତିରେ ଦୁଇ ପାଦ ଯୋଡ଼ି ସିଧା ଛିଡ଼ାହେବା

୨- ଦୁଇ ହାତ ଛାତିର ହୃଦୟ ଚକ୍ର ପାଖରେ ନମସ୍କାର ମୁଦ୍ରା ରହିବ ।

୩- ମନ୍ତ୍ର ପରେ ଶ୍ୱାସ ନେଇ ଦୁଇହାତକୁ କାନ୍ଧଠାରୁ ଉପରକୁ ଉଠାଇବା

୪- ଦୁଇ ହାତର ପାପୁଲି ନମସ୍କାର ମୁଦ୍ରା, କହୁଣୀ ସିଧା, ସମ୍ପୂର୍ଣ୍ଣ ହାତ ଉପରକୁ ସିଧା ହୋଇ ରହିବ ।

୫- ଅଣ୍ଟାଠାରୁ ଉପରକୁ ଅର୍ଥାତ୍ ଶରୀରର ଉପରି ଭାଗ ସାମାନ୍ୟ ପଛକୁ ଝୁଙ୍କି ରହିବ ।

୬- ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ବୃକ୍ଷ ଭଳି ସିଧା ଏବଂ ସ୍ଥିର ରହିବ ।

୭- ୩୦ ସେକେଣ୍ଡ ପରେ ପୂର୍ବସ୍ଥିତିକୁ ଫେରିବ ।

**ଆସନରୁ ଲାଭ- ୧.** ପେଟର ମାଂସପେଶୀ ସଂପ୍ରସାରିତ ହୋଇ ସବଳ ହୋଇଥାଏ ।

୨- ନିୟମିତ କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ।

୩- ପାଦ ଆଙ୍ଗୁଠି ଠାରୁ ଉପର ହାତ ଆଙ୍ଗୁଳି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶରୀରର ଶିରାପ୍ରଶିରା ରକ୍ତ ସଂଚାଳନ କ୍ରିୟା ତୀବ୍ର ହୋଇ ଶରୀରକୁ ସୁସ୍ଥ ଏବଂ ସଚେତ କରିଥାଏ ।

୪- କାନ୍ଧ ସଂପ୍ରସାରିତ ହେବା ସହିତ ସୁଦୃଢ଼ ହୋଇଥାଏ ।

୫- ଛାତି ସଂପ୍ରସାରିତ ହୋଇଥାଏ ଏବଂ ଫୁସ୍‌ଫୁସ୍‌କୁ ଅଧିକ ପବନ ମିଳିଥାଏ, ଏଣୁ ସୁସ୍ଥ ହୁଏ ।

୬- ଦୁଇ କାନ୍ଧ ଏବଂ ମେରୁଦଣ୍ଡର ସମସ୍ତ ଯୋଡ଼ ମଜବୁତ୍ ହୋଇଥାଏ ।

୭- Backward bending କାରଣରୁ ଅଣ୍ଟାବିନ୍ଧା ସମସ୍ୟା ମଧ୍ୟ ଦୂର ହୋଇଥାଏ ।

୮- ସର୍ବୋପରି ସମସ୍ତ ମାଂସପେଶୀ (ହାତ, ଗୋଡ଼, ପେଟ ଓ ପିଠିର) ସୁଦୃଢ଼ ହୋଇଥାଏ ।

ଏହିପରି ବହୁବିଧ ରୋଗରୁ ମୁକ୍ତି ପ୍ରଦାନ କରୁଥିବା ତଥା ଶରୀରକୁ ସୁସ୍ଥତା ଏବଂ ନୀରୋଗତା ପ୍ରଦାନ କରୁଥିବା ଆସନକୁ ନିୟମିତ ଅଭ୍ୟାସ କରିବା । ଯୋଗ କରିବା ନୀରୋଗ ରହିବା ।

*ପ୍ରାନ୍ତ ସଂଯୋଜକ, ଯୋଗ ଶିକ୍ଷା ।*

**ସୁଖାନୁଭବେ ପ୍ରାଣୀ ମାରେ । କେବଳ ବିଷ୍ଣୁଦ୍ରୋହ କର୍ଣ୍ଣେ ।**

# ଆମେ ଭେଟିଥିଲୁ ....

*ଆମ ପ୍ରତିନିଧି- ଶ୍ରୀ ଚିନ୍ମୟ ରଞ୍ଜନ ଶତପଥୀ*

ଉତ୍କୃଷ୍ଟ କଳାର ଭୂମି ଏହି ଉତ୍କଳ । ଯୁଗେଯୁଗେ ତା'ର କଳା ସଂସ୍କୃତି ପାଇଁ ସାରା ବିଶ୍ୱବକ୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆମର ଏଇ ରାଜ୍ୟ, ଏଇ ମାଟିର ଲୋକକଳା ସାଧାରଣ ମଣିଷର ଭାଷାରେ ସମାଜକୁ ମନୋରଞ୍ଜନ କରିବା ସହିତ ଜୀବନ ଜୀଇଁବାର କଳା ଶିଖାଏ । ପାଲା, ଦାସକାଠିଆ, ଘୋଡ଼ାନାଚ, ଛଉ, ଗୋଟିପୁଅ ନାଚ ଭଳି ଅଗଣିତ ଲୋକକଳାରେ ସମୃଦ୍ଧ ଆମର ମାଟି । ଓଡ଼ିଆ ଲୋକକଳାର ସେମିତି ଏକ ଅମୂଲ୍ୟ ବିଭବ ହେଉଛି 'ଘୋଡ଼ାନାଚ' । କଳାକାରଟିଏ ନିଜର ସବୁ ଦୁଃଖକଷ୍ଟକୁ ଅନ୍ତରରେ ଚାପି ରଖି ସାରା ଜୀବନ କଳାର ସାଧନା ପାଇଁ ସମର୍ପଣ କରିଦିଏ । ଓଡ଼ିଶାର ସେମିତି ଏକ ସମର୍ପିତ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଘୋଡ଼ାନାଚ କଳାକାର ଡ. ଉଚ୍ଛବ ଚରଣ ଦାସଙ୍କ ସହ ଶିକ୍ଷାସୃଜନୀର ଏକ ସ୍ୱତନ୍ତ୍ର ସାକ୍ଷାତକାର...

୧- ପ୍ର- ଆପଣ କେବେ ଓ କାହା ପ୍ରେରଣାରେ ଲୋକକଳାକୁ ଆଦରି ନେଇଥିଲେ ?

ଉ: ମୋ ଦାଦା ଆକାଶବାଣୀ କଟକର ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ । ସେ ହିଁ ମୋର ପ୍ରେରଣା । ୧୯୬୪ ମସିହାରେ ମହାବିଷୁବ ସଂକ୍ରାନ୍ତିରେ ମା' ମଙ୍ଗଳା ପୀଠରେ ଆରମ୍ଭ କରିଥିଲି ।

୨- ପ୍ର: କୌଳିକ ବୃତ୍ତି ନା ଜୀବିକା ନିର୍ବାହର ପନ୍ଥା ଭାବରେ ଆପଣ ଘୋଡାନାଚକୁ ଆଦରି ନେଇଥିଲେ ?

ଉ: ପ୍ରଥମେ କୌଳିକ ବୃତ୍ତି ଓ ପରେ ଜୀବିକା ନିର୍ବାହର ପନ୍ଥା ହୋଇଥିଲା ।

୩- ପ୍ର: ବିଭିନ୍ନ ପ୍ରକାର ଲୋକକଳା ମଧ୍ୟରେ ଆପଣ କାହିଁକି ଘୋଡ଼ାନାଚ ପ୍ରତି ଆକୃଷ୍ଟ ହେଲେ ?

ଉ: ଘୋଡ଼ାନାଚ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକକଳା । ଏହା କୈବର୍ତ୍ତ୍ୟ ସଂପ୍ରଦାୟର ଲୋକକଳା । କୌଳିକ ବୃତ୍ତିକୁ ବଞ୍ଚାଇବାକୁ ତଥା ପ୍ରଚାର ପ୍ରସାର କରି କଳାଟିକୁ ବଞ୍ଚାଇବା ପାଇଁ ଘୋଡ଼ାନାଚ ପ୍ରତି ଆକୃଷ୍ଟ ହେଲି ।

୪ ପ୍ର: ଘୋଡ଼ାନାଚ ପରିବେଷଣ ପାଇଁ ଆପଣ କେଉଁଠୁ ଓ କିପରି ବିଷୟ ଚୟନ କରନ୍ତି ?

ଉ: ଅଜଣାଅଶୁଣା ମନଛୁଆଁ ଶିକ୍ଷଣୀୟ ତଥା ସମାଜକୁ ବାର୍ତ୍ତା ଦେଉଥିବା ପୌରାଣିକ କାହାଣୀରୁ ମୁଁ ବିଷୟ ଚୟନ କରେ ।

୫ ପ୍ର: ପୌରାଣିକ ନା ସାମାଜିକ ପୃଷ୍ଠଭୂମି ଆପଣଙ୍କୁ ଅଧିକ ସଫଳତା ଆଣି ଦେଇଛି ?

ଉ: ହଁ, ପୌରାଣିକ ପୃଷ୍ଠଭୂମି ହିଁ ମୋତେ ଅଧିକ ସଫଳତା ଆଣି ଦେଇଛି ।

୬- ଆପଣଙ୍କ ପରିବେଷଣ ମନୋରଂଜନ ଧର୍ମୀ ନା ସମାଜ ପରିବର୍ତ୍ତନ ପାଇଁ ?

ଉ: ସମାଜରେ ଲୋକଙ୍କର ମନୋରଞ୍ଜନ ସହିତ ସମାଜକୁ ଶିକ୍ଷଣୀୟ ବାର୍ତ୍ତା ଦେବା ମୋ ପରିବେଷଣର ଉଦ୍ଦେଶ୍ୟ: ସମାଜରୁ ଅନ୍ଧବିଶ୍ୱାସ କୁସଂସ୍କାର ଦୂର କରିବା ମୋ ଲକ୍ଷ୍ୟ ।

୭- ଆପଣଙ୍କ ଅନ୍ତଃସ୍ୱରର ପ୍ରଭାବ ସମାଜ ଉପରେ ପଡ଼ିଥିବା କେବେ ଅନୁଭବ କରିଛନ୍ତି ?

ଉ-ହଁ ସମାଜରେ ମୋ ଅନ୍ତଃସ୍ୱରର ପ୍ରଭାବ ଅନୁଭବ କରେ ବହୁତ ।

୮- ନୂତନ ଭାବେ ପ୍ରଣୟନ ହେବାକୁ ଯାଉଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଲୋକକଳାକୁ ସେଥିରେ ସ୍ଥାନିତ କରାଯାଉଥିବା ବିଷୟରେ ଆପଣଙ୍କ ମତ କ'ଣ ?

ଉ: ଲୋକକଳା ମାଧ୍ୟମରେ ସହଜରେ ସାଧାରଣ ଲୋକଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

୯- ଏହା ମଣିଷକୁ ଅଧିକ ସୁସଂହତ, ସୁସଂଯତ ଓ ସଂସ୍କୃତି ସମ୍ପନ୍ନ କରିପାରିବ ବୋଲି ଆପଣ ଭାବୁଛନ୍ତି କି ?

ଉ: ହଁ, ନିଶ୍ଚୟ ।

୧୦- ଲୋକକଳାରେ ଘୋଡ଼ାନାଚର ଭବିଷ୍ୟତ କ'ଣ ?

ଉ-ସମାଜରେ ଶ୍ରଦ୍ଧା, ସରକାରୀ ପ୍ରୋତ୍ସାହନ କଳାକାରର ନିଷ୍ଠା ଓ ସାଧନା ରହିଲେ ଲୋକକଳା (ଘୋଡ଼ାନାଚ)ର ଭବିଷ୍ୟତ ଉଜ୍ଜ୍ୱଳ ।

୧୧- ଆପଣ କେବେ ଭାବିଥିଲେ କି ଏମିତି ପ୍ରସିଦ୍ଧି ଲାଭ କରି ପଦ୍ମଶ୍ରୀ ଭଳି ମର୍ଯ୍ୟାଦାଜନକ ପୁରସ୍କାର ବିଜେତା ହେବେ ?

ଉ: ନା, କେବେ ଭାବି ନ ଥିଲି ।

୧୨- ପୁରସ୍କାର ଘୋଷଣା ହେବା ପରେ ଆପଣ କ'ଣ ଅନୁଭବ କଲେ ?

ଉ: ଏଇ ଅନନ୍ୟ ଅନୁଭବକୁ କବିତାରେ ଗୋଟିଏ ପଦରେ କହିବି-

'ଦୁଃଖ ଅନ୍ଧକାର ଅପସରି ଯାଏ  
ଉଇଁଛି ସୁଖର ସୂର୍ଯ୍ୟ  
କେତେ ଲୁହ ଏଇ ଓଠ ପିଇଯାଏ  
କେତେ ଲୁହ ଏଇ ଛାତିକୁ ଭିଜାଏ ହରାଇନି କେବେ ଧୈର୍ଯ୍ୟ ।

୧୩- କଳାକ୍ଷେତ୍ରରେ ଆଗ୍ରହୀ ପିଢ଼ି ପାଇଁ ଆପଣଙ୍କର ବାର୍ତ୍ତା କ'ଣ ରହିବ ?

ଉ: ଧୈର୍ଯ୍ୟ, ସାଧନା, ନିଷ୍ଠା ଓ ସତ୍‌କର୍ମ ପ୍ରତି ନିଷ୍ଠା ସେମାନଙ୍କୁ ନିଶ୍ଚୟ ବିଶ୍ୱ ଦରବାରରେ ପରିଚୟ କରାଇବ ।

ଗୁରୁ ଅନୁକୂଳଚନ୍ଦ୍ରଙ୍କ ଭାଷାରେ  
'ସତ୍ ଯଦି ହୁଏ ସଙ୍ଗ ତୁମର  
ଭାବ ହୁଏ ଯଦି ମହାନ୍ ଉଚ୍ଚ  
ବିଶ୍ୱ ଦୁନିଆରେ ସାଧନା ତୁମର  
ହେବନି ବ୍ୟର୍ଥ, ହେବନି ତୁଚ୍ଛ'

୧୪- ଲୋକକଳା (ଘୋଡ଼ାନାଚ)କୁ ନେଇ ଆପଣଙ୍କ ଆଗାମୀ ଯୋଜନା କ'ଣ ?

ଉ: ସରକାରୀ ଯାଗା ମିଳିଲେ ପ୍ରତିଷ୍ଠାନଟିଏ ତିଆରି କରିବା ନୂତନ ପିଢ଼ି ତିଆରିବା ମୋର ସ୍ୱପ୍ନ ।

୧୫- ଏହି ପୁରସ୍କାରର ଶ୍ରେୟ କାହାକୁ ଦେବେ ?

ଉ: ସାଥୀ କଳାକାରମାନଙ୍କୁ ଆଉ ଏଇ ଓଡ଼ିଶାର ମାଟି, ପାଣି, ପବନ ସାଧାରଣ ଜନତାଙ୍କ ଶ୍ରଦ୍ଧା ହିଁ ଏଇ ପୁରସ୍କାରର ଶ୍ରେୟ

୧୬- ଛାତ୍ର ସମାଜ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ ?

ଉ: ଛାତ୍ରଜୀବନକୁ ମାର୍ଜିତ କରି ଗଢ଼ିବା ପାଇଁ ସଂସ୍କୃତିସମ୍ପନ୍ନ ସଂଗୀତକୁ ଆପଣାଇଲେ ହିଁ ଚଲାପଥ କୁସୁମିତ ହେବ ।

*ପ୍ରକାଶନ ବିଭାଗ, ଶି.ବି.ସ. ଓଡ଼ିଶା*

ଦୁଷ୍ଟ ପତିତ ବୋଲି ତାରେ । ପଡ଼େ ନରକ ତମ ଘୋରେ ॥

**ମହାନ ନାରୀ**

# ମହାନ୍ ନାରୀ ରାଣୀ ଚନ୍ନମ୍ମା

ଶମ୍ଭୁପ୍ରସାଦ ମହାକୁର



ଚନ୍ନମ୍ମାଙ୍କର ଜନ୍ମ ୧୪ ନଭେମ୍ବର ୧୭୭୮ ମସିହାରେ ଭାରତର କର୍ଣ୍ଣାଟକ ରାଜ୍ୟର ବେଲଗାଭି ଜିଲ୍ଲାରେ ଗୋଟିଏ ଛୋଟ ଗ୍ରାମ କକାଟିରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଦୁଲ୍ଲାପା ନେମାଲ ଓ ମାତାଙ୍କ ନାମ ପଦ୍ମାବତୀ ଥିଲା । ଚନ୍ନମ୍ମାଙ୍କ ବାପା ଜଣେ ମରଦାଇ ଥିଲେ । ବାଲ୍ୟ ଅବସ୍ଥାରୁ ସେ ତାଙ୍କ ପିତାମାତାଙ୍କଠାରୁ ରାମାୟଣ, ମହାଭାରତ, ବିଷ୍ଣୁପୁରାଣ ବିଷୟରେ ଜ୍ଞାନ ଲାଭ କରିଥିଲେ । ଏହା ସହିତ ତୀରଚାଳନା, ଖଣ୍ଡାଚାଳନା ଓ ଘୋଡ଼ା ଚଢ଼ିବା ଭଳି କାର୍ଯ୍ୟରେ ସେ ମାହିର ଥିଲେ । ୧୫ ବର୍ଷ ବୟସରେ ତାଙ୍କର ବିବାହ ପଡ଼ୋଶୀ ରାଜ୍ୟର ରାଜା ମଲ୍ଲସର୍ଜାଙ୍କ ସହିତ ହୋଇଥିଲା । ରାଣୀ ଚନ୍ନମ୍ମା ରାଜା ମଲ୍ଲସର୍ଜାଙ୍କ ଦ୍ୱିତୀୟ ରାଣୀ ଥିଲେ । ବିବାହର କମ ବର୍ଷ ବ୍ୟବଧାନରେ ତାଙ୍କର ପୁତ୍ର ଓ ସ୍ୱାମୀଙ୍କର ଦେହାନ୍ତ ହୋଇଯାଇଥିଲା । ଯାହାଫଳରେ ତାଙ୍କୁ ରାଜ୍ୟ କାର୍ଯ୍ୟ ପରିଚାଳନା କରିବାରେ ବହୁତ ଅସୁବିଧା ହୋଇଥିଲା । ରାଜ୍ୟ ପରିଚାଳନା ପାଇଁ ରାଜାଙ୍କର ଆବଶ୍ୟକତା ଥିବାରୁ ରାଣୀ ଚନ୍ନମ୍ମା ଜଣେ ପୁତ୍ରଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ।

ରାଣୀ ଚନ୍ନମ୍ମା କିତୁରରେ ହେଉଥିବା ବ୍ରିଟିଶ ଅଧିକାରୀମାନଙ୍କର ମନଇଚ୍ଛା ଅନ୍ୟାୟ ବିରୋଧରେ ବମ୍ବେ ପ୍ରେସିଡେନ୍ସିର ଗଭର୍ଣ୍ଣରଙ୍କୁ ସନ୍ଦେଶ ପଠାଇଲେ କିନ୍ତୁ ଏହାର କିଛି ଲାଭ ହେଲା ନାହିଁ । କିନ୍ତୁ ବ୍ରିଟିଶ୍ ଅଧିକାରୀ କିତୁର ରାଣୀଙ୍କର ଗନ୍ତାଘର ଏବଂ ମୂଲ୍ୟବାନ୍ ଅଳଙ୍କାର ହାସିଲ କରିବାକୁ ଚାହୁଁଥିଲେ । ଏହି ସମୟରେ ରାଣୀଙ୍କର ଗନ୍ତାଘରର ମୂଲ୍ୟ ୧୦.୫ ମିଲିୟନ ଟଙ୍କା ଥିଲା । ଏଥିପାଇଁ ଇଂରେଜମାନେ ୨୦.୦୦୦ ସୈନ୍ୟ ଏବଂ ୪୦୦ ବନ୍ଧୁକଧାରୀଙ୍କ ଏକ ବିଶାଳ ସେନା ସହିତ ଆକ୍ରମଣ କଲେ । ଅକ୍ଟୋବର ୧୮୨୪ରେ ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶ୍ ସେନାର ବହୁତ କ୍ଷତି ହୋଇଥିଲା ଏବଂ କଲେକ୍ଟର ଓ ରାଜନୈତିକ ଏଜେଣ୍ଟ ଜନ୍ ଆବନେରାଓଙ୍କ ହତ୍ୟା କରିଦିଆଯାଇଥିଲା । ଚନ୍ନମ୍ମା ମୁଖ୍ୟ ସହଯୋଗୀ ବିଲ୍ଲପ୍ପା ବ୍ରିଟିଶ୍ ସେନାର ମୁଖ୍ୟ କାରଣ ଥିଲେ । ଏହା ପରେ ଦୁଇ ବ୍ରିଟିଶ୍ ଅଧିକାରୀ ସାର ୱାଲଟର ଇଲିଅଟ ଏବଂ ମିଷ୍ଟର ସ୍ଟିବସନଙ୍କୁ ମଧ୍ୟ ବନ୍ଦୀ କରାଯାଇଥିଲା । ପୁଣି ବ୍ରିଟିଶ୍ ସହ ବୁଝାମଣା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା । କିନ୍ତୁ ବ୍ରିଟିଶ୍ ଅଧିକାରୀ ଚେପଲିନ୍ ଅନ୍ୟ ସହିତ ହେଉଥିବା ଯୁଦ୍ଧକୁ ଜାରି ରଖିଥିଲେ ।

ଇଂରେଜମାନଙ୍କର ରାଜସ୍ୱତ୍ୱଲୋପନୀତି ଦ୍ୱାରା ପୋଷ୍ୟପୁତ୍ରକୁ ରାଜା କରିବାର ଅଧିକାର ନଥିଲା । ଏପରି ସ୍ଥିତି ଆସିବା ଦ୍ୱାରା ଇଂରେଜମାନେ ଏହି ରାଜ୍ୟକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଉଥିଲେ । ରାଣୀ ଚନ୍ନମ୍ମା ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧର ଏହି ନୀତିର ମୁଖ୍ୟ ଭୂମିକାଥିଲା । ଇଂରେଜମାନଙ୍କର ଏହି ନୀତି ସହିତ ବିଭିନ୍ନ ନୀତିର ବିରୋଧ କରୁଥିବା ଅନେକ ରାଜଓାଡ଼ ସ୍ୱତନ୍ତ୍ରତା ସଂଗ୍ରାମରେ ଭାଗ ନେଇଥିଲେ । ରାଜସ୍ୱତ୍ୱ ଲୋପ ନୀତିକୁ ଛାଡ଼ି ରାଣୀ ଚନ୍ନମ୍ମା ଇଂରେଜମାନଙ୍କ ଖଜଣା ନୀତିକୁ ମଧ୍ୟ ବିରୋଧ କରୁଥିଲେ ଓ ସେ ଏହାକୁ ମୁଖ୍ୟ ସ୍ୱର ଦେଇଥିଲେ । ରାଣୀ ଚନ୍ନମ୍ମା ପ୍ରଥମ ମହିଳା ଥିଲେ ଯେ କି ଅନାବଶ୍ୟକ ହସ୍ତକ୍ଷେପ ଓ କର ସଂଗ୍ରହ ପ୍ରଣାଳୀକୁ ନେଇ ଇଂରେଜମାନଙ୍କର ବିରୋଧ କରୁଥିଲେ ଓ ୧୮୨୪ ମସିହାରେ ରାଜସ୍ୱତ ଲୋପନୀତି ବିରୋଧରେ ଇଂରେଜମାନଙ୍କ ସହ ସଶସ୍ତ୍ର ସଂଘର୍ଷ କରିଥିଲେ ।

ରାଣୀ ଚନ୍ନମାଙ୍କ ସାହସ ଏବଂ ତାଙ୍କର ବୀରତ୍ୱ ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ ବିଶେଷତଃ କର୍ଣ୍ଣାଟକରେ ତାଙ୍କୁ ବିଶେଷ ସମ୍ମାନ ଦିଆଯାଏ ଓ ତାଙ୍କର ନାମ ଆଦର ସହିତ ନିଆଯାଏ । ଝାନ୍ସି ରାଣୀ ଲକ୍ଷ୍ମୀବାଇଙ୍କ ସଂଘର୍ଷ ପୂର୍ବରୁ ରାଣୀ ଚନ୍ନମ୍ମା ଇଂରେଜମାନଙ୍କୁ ଯୁଦ୍ଧରେ ବଡ଼ ଅସୁବିଧାରେ ପକାଇଥିଲେ । ଯଦିଓ ତାଙ୍କୁ ଯୁଦ୍ଧରେ ସଫଳତା ମିଳି ନ ଥିଲା ଏବଂ ତାଙ୍କୁ ଇଂରେଜମାନେ ବନ୍ଦୀ କରିଥିଲେ । ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । ଆଜି ମଧ୍ୟ କିତୁରରେ ରାଣୀ ଚନ୍ନମାଙ୍କ ମହାନତା ଦେଖିବାକୁ ମିଳେ । ତାଙ୍କୁ ମନେପକାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୨ରୁ ୨୪ କିତୁର ଉତ୍ସବ ପାଳନ କରାଯାଏ ।

**ପ୍ରଧାନ ଆଚାର୍ଯ୍ୟ ସ.ଶି.ବି.ମ ଚୁଡ଼ାପାଳି**
**ଦକ୍ଷିଣ ପଶ୍ଚିମ ସଂଭାଗ, ବଲାଙ୍ଗିର**

ଦେବତା ଋଷି ପିତୃ ଭୂତ । ଯେ ଅବା ଅଟନ୍ତି ଆଗତ ॥

**ଆମ ପରମ୍ପରା**

# ତ୍ରିବେଣୀ ଅମାବାସ୍ୟା

ଶ୍ରୀମତୀ ଭାନୁମତୀ ମିଶ୍ର

ଆମ ଦେଶରେ ମାଘ ମାସକୁ ପୁଣ୍ୟମାସ କୁହାଯାଏ । ମାଘ ମାସର ବାଘ ପରି ଶୀତରେ ପ୍ରାତଃ ସ୍ନାନର ପୁଣ୍ୟପ୍ରଥା ଆମକୁ ଆଳସ୍ୟଠାରୁ ଦୂରେଇ ରଖି ଚଳଚଞ୍ଚଳ କରି ରଖିବାର ସୁନ୍ଦର ପରମ୍ପରାଟିଏ । ଆମ ଭାରତ ନଦୀମାତୃକାର ଦେଶ ଅଟେ । ବ୍ରାହ୍ମମୁହୂର୍ତ୍ତରୁ ନଦୀରେ ସ୍ନାନ ଓ ସୂର୍ଯ୍ୟାର୍ଘ୍ୟ ପ୍ରଦାନ କରି ସ୍ୱାସ୍ଥ୍ୟକର ରୀତିନୀତି ସମସ୍ତଙ୍କ ପାଇଁ ହିତକର ଅଟେ । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଂଗମ ପ୍ରୟାଗରାଜ ତୀର୍ଥ ରୂପେ ସୁପରିଚିତ । ମାଘ ମାସରେ ତ୍ରିବେଣୀ ଆମାବାସ୍ୟା ଦିନ ଏଠାରେ ସାଧୁସନ୍ଥ ଓ ଗୃହସ୍ଥମାନଙ୍କର ମହାସ୍ନାନ ଉତ୍ସବ ପାଳିତ ହୁଏ । ଗଙ୍ଗାମାତା ଧରାବତରଣର ପବିତ୍ର ସ୍ମୃତି ସହ ଏହି ଦିନ ତିନି ନଦୀର ମିଳିନ ଦିବସ ରୂପେ ସୁପରିଚିତ । ସାଗର ମନ୍ଥନରୁ ବାହାରିଥିବା ଅମୃତ କୁମ୍ଭରୁ ପ୍ରୟାଗରେ ବିନ୍ଦୁଏ ଅମୃତ ପଡ଼ିଥିବାରୁ ଏଠାରେ କୁମ୍ଭ ମେଳା ସ୍ନାନ ଯୋଗ ପଡ଼ିଥାଏ । ଏହି କୁମ୍ଭ ମେଳା ପୃଥିବୀର ଏକ ଶ୍ରେଷ୍ଠ ମେଳା ରୂପେ ସୁପରିଚିତ । ଭାରତୀୟମାନେ ଅତି ବିଶ୍ୱାସ ଓ ପବିତ୍ର ମନ ଦେଇ ଏଠାରେ ସ୍ନାନ ଓ ଦାନ ମାଧ୍ୟମରେ ମହାପୁଣ୍ୟ ଅର୍ଜନ କରିବା ପାଇଁ ଧାଇଁ ଆସିଥାନ୍ତି । ନଦୀକୁ ମା ପରି ଆଦର, ସମ୍ମାନ ଓ ଭକ୍ତି କରିବାର ଏହା ନିଆରା ଉତ୍ସବଟିଏ । ପ୍ରକୃତି ପ୍ରତି ସଂବେଦନଶୀଳ ହେବାର ସୁନ୍ଦର ଅବସରଟିଏ । ପ୍ରକୃତିର ନଦୀ, ଝରଣା, ପାହାଡ଼, ପର୍ବତ, ବୃକ୍ଷ ଓ ସମୁଦ୍ରକୁ ଦେବତା ଜ୍ଞାନରେ ପୂଜା ଆରାଧନା କରି ଏହାର ସୁରକ୍ଷା ପାଇଁ ସଂବେଦନଶୀଳ ହେବା ପାଇଁ ପର୍ବ ମାଧ୍ୟମରେ ସଚେତନ କରାଯାଇଥାଏ । ତ୍ରିବେଣୀ ଅମାବାସ୍ୟାଟି ଆଧାତ୍ମିକ ଦୃଷ୍ଟିରୁ ଅତି ମହତ୍ତ୍ୱପୂର୍ଣ୍ଣ । କୁମ୍ଭ ଶରୀରର ପ୍ରତୀକ ଅଟେ । ତ୍ରିବେଣୀ 'ତ୍ରିକୁଟ'ର ଅନ୍ୟ ନାମ ଅଟେ । ଇଡ଼ା-ପିଙ୍ଗଳା-ସୁଷମ୍ନାନାଡ଼ିର ମିଳନ ସ୍ଥଳ ତ୍ରିକୁଟରେ ବ୍ରାହ୍ମମୁହୂର୍ତ୍ତରେ ପାବନଲଗ୍ନରେ ଧ୍ୟାନରେ ନିମଗ୍ନ ହେବାର ମହାପୁଣ୍ୟର ଯୋଗମାର୍ଗ ଅଟେ । ସ୍ନାନ ସମୟରେ ଭାରତୀୟତାର ଆବେଗଭରା ମନ୍ତ୍ର ଉଚ୍ଚାରଣ- 'ଗଙ୍ଗେ ଚ ଯମୁନେ ଶ୍ଚୈବ ଗୋଦାବରୀ ସରସ୍ୱତୀ ନର୍ମଦେ ସିନ୍ଧୁ କାବେରୀ...' ଆମେ ଭାରତବାସୀ ଅଭିନ୍ନ ଅଟୁ ତାହା ମନେ ପକାଇ ଦେଇଥାଏ । ଜାତୀୟତାବୋଧର ଜୟଗାନ କରୁଥିବା ଏହି 'ତ୍ରିବେଣୀ ଆମାବାସ୍ୟା'କୁ ମଧ୍ୟ ମୌନୀ ଆମାବାସ୍ୟା କୁହାଯାଏ । ଗଙ୍ଗାତୀରରେ ନୀରବ ନିଭୃତରେ ଗଭୀର ମୌନରେ ଈଶ୍ୱର ପରାୟଣ ହୋଇ ଉପାସନା କରିବାର ଏକ ସାତ୍ତ୍ୱିକ ଆଧାତ୍ମିକ ପରମ୍ପରା ଅଟେ । ଆମ ସଂସ୍କୃତିରେ ବ୍ୟକ୍ତିତ୍ୱ ବିନିର୍ମାଣରେ ମୌନର ଗୁରୁତ୍ୱକୁ ମନେ ପକାଇ ଦିଏ । ମନକୁ ସଂସାରିକ ଚାପରୁ ସୁରକ୍ଷିତ ରଖି ଶାନ୍ତ ଓ ସୃଜନଶୀଳ ହେବାର ଶ୍ରେଷ୍ଠ ମାର୍ଗ ମୌନ ଅବଲମ୍ବନ କରିବାର ସୁନ୍ଦର ପ୍ରଥା, ପରମ୍ପରା ଓ ପର୍ବ ଟି ସତରେ କେତେ ମହାନ୍ ।

ଅଭିଭାବିକା,
ସ.ଶି.ବି.ମ, ଚନ୍ଦନପୁର, ପୁରୀ




ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ସହମନ୍ତ୍ରୀ ଶ୍ରୀଯୁକ୍ତ ହେମନ୍ତ କୁମାର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସ୍ୱର୍ଗତା ଶ୍ରୀମତୀ ସ୍ୱର୍ଣ୍ଣଲତା ପତିଙ୍କର ଗତ ମାର୍ଚ୍ଚ ମାସ ୧୧ ତାରିଖରେ ମହାପ୍ରୟାଣ ହୋଇଯାଇଛି । ତାଙ୍କ ଭଳି ଜଣେ ମିଷ୍ଟଭାଷିଣୀ ମେଳାପିନୀ, ପରୋପକାରିଣୀ ବ୍ୟକ୍ତିତ୍ୱଙ୍କୁ ହରାଇ ଆମେ ମର୍ମାହତ । ସେହି ଦିବଂଗତ ମହାନ ଆତ୍ମା ପରମପଦ ଲାଭ କରନ୍ତୁ । ଶିକ୍ଷାସୃଜନୀ ପରିବାର ତରଫରୁ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ସେମାନଙ୍କର କର୍ମମାନ । ନ କଲେ ଋଣୀ ହୋନ୍ତି ଜନ ।।

## ଆମ ପ୍ରଶ୍ନ ତୁମ ଉତ୍ତର

୧- ଶ୍ରୀକୃଷ୍ଣ କେଉଁ ସ୍ଥାନରେ ଗୀତାର ଉପଦେଶ ଦେଇଥିଲେ ?

୨- ଚଞ୍ଚଳ ମନକୁ ଆୟତ୍ତ କରିବା ପାଇଁ ଭଗବାନ୍ କେଉଁ ଦୁଇଟି ଉପାୟ କହିଛନ୍ତି ?

୩- ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ବଜାଇଥିବା ଶଙ୍ଖର ନାମ କ'ଣ ?

୪- ଯୁଧିଷ୍ଠିରଙ୍କ ଶଙ୍ଖର ନାମ କ'ଣ ?

୫- ଭୀମଙ୍କ ଶଙ୍ଖର ନାମ କ'ଣ ?

୬- ଅର୍ଜୁନଙ୍କ ଶଙ୍ଖର ନାମ କ'ଣ ?

୭- ନକୁଳଙ୍କ ଶଙ୍ଖର ନାମ କ'ଣ ?

୮-ସହଦେବଙ୍କ ଶଙ୍ଖର ନାମ କ'ଣ ?

୯- କର୍ଣ୍ଣ କେଉଁ ଶଙ୍ଖ ବଜାଇଥିଲେ ?

୧୦- ଦୁର୍ଯ୍ୟୋଧନ ବଜାଇଥିବା ଶଙ୍ଖର ନାମ କ'ଣ ?

## ପୂର୍ବ ସଂଖ୍ୟାର ଉତ୍ତର

୧. ପୁଷ୍କର ୨. କଣାଦ ୩. ଋଷି ଅଗସ୍ତ୍ୟ, ୪. ଗୁରୁ ସାନ୍ଦୀପନି, ୫. ଦଧୀଚି, ୬. ସମର୍ଥ ଗୁରୁ ରାମ ଦାସ, ୭. କପିଳ, ୮. ଭରଦ୍ୱାଜ, ୯. ଶୁକ ଦେବ, ୧୦. ଶ୍ରୀ ନିମ୍ବାକାର୍ଯ୍ୟ

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

-: ଆମ ଠିକଣା :-

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ଯେ ସର୍ବଭାବେ କୃଷ୍ଣପାଦେ । ଶରଣ ଗଲା ଅପ୍ରମାଦେ ।।

ସମ୍ବାଦ ଚୁମ୍ବକେ ଚୁମ୍ବକେ

# ବିଦ୍ୟା ଭାରତୀରେ ପ୍ରଥମ ଓଡ଼ିଆ ସଂଗଠନ ମନ୍ତ୍ରୀ ଓ ଉପାଧକ୍ଷ



## ମା. ଶ୍ରୀମାନ ଗୋବିନ୍ଦ ଚନ୍ଦ୍ର ମହାନ୍ତ
### ସଂଗଠନ ମନ୍ତ୍ରୀ ବିଦ୍ୟା ଭାରତୀ



## ଡଃ. ବସନ୍ତ କୁମାର ପଣ୍ଡା
### ଉପାଧ୍ୟାକ୍ଷ ବିଦ୍ୟା ଭାରତୀ

ବିଦ୍ୟାଭାରତୀର ଝାଡ଼ଖଣ୍ଡ ରାଞ୍ଚିଠାରେ ଅନୁଷ୍ଠିତ ସାଧାରଣ ସଭାରେ ନୂତନ ଭାବେ ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଅଛି । ମାନନୀୟ ଗୋବିନ୍ଦ ଚନ୍ଦ୍ର ମହାନ୍ତ ପୂର୍ବରୁ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଂଗଠନ ମନ୍ତ୍ରୀ ଓ ପୂର୍ବ କ୍ଷେତ୍ରର ସଂଗଠନ ମନ୍ତ୍ରୀ ଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିବା ସହିତ ଅଖିଳ ଭାରତୀୟ ସ୍ତରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଅଧୁନା ବିଦ୍ୟାଭାରତୀର ସହ ସଂଗଠନ ମନ୍ତ୍ରୀ ଭାବରେ ସେବାରତ ଥିଲେ । ବାଲ୍ୟକାଳରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ନିଷ୍ଠାପର ସଦସ୍ୟ ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ପ୍ରଚାରକ ଜୀବନ ଆରମ୍ଭ କରି ମୟୁରଭଞ୍ଜ, ଗଞ୍ଜାମ, କଟକ ଆଦିରେ ବିଭାଗ ପ୍ରଚାରକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ।

ସେହିପରି ଓଡ଼ିଶାର ସୁନାମଧନ୍ୟ ଶିକ୍ଷାବିତ୍ ତଥା ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ ଡଃ ବସନ୍ତ କୁମାର ପଣ୍ଡାଙ୍କୁ ନୂତନ ଭାବେ ବିଦ୍ୟା ଭାରତୀର ଉପାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଡଃ ପଣ୍ଡା ଶିକ୍ଷା ବିକାଶ ସମିତି, ଓଡ଼ିଶାର ଉପସଭାପତି ଓ ମାନ୍ୟବର ସଦସ୍ୟ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି । ଅଧୁନା ଶିକ୍ଷା ବିକାଶ ସମିତି ଓଡ଼ିଶାର ମୁଖପତ୍ର ଶିକ୍ଷାସୃଜନୀ ପତ୍ରିକାର ସଭାପତି ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଓଡ଼ିଶାରୁ ଏହି ଦୁଇଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ବିଦ୍ୟା ଭାରତୀ ଭଳି ଶୈକ୍ଷିକ ସଂଗଠନର ମଙ୍ଗଧରି ଶିକ୍ଷା ବିକାଶ ସମିତି, ଓଡ଼ିଶାକୁ ଗୌରବାନ୍ୱିତ କରାଇଛନ୍ତି ।

ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଂଗଠନ ସଂପାଦକ, ସଭାପତି ସମସ୍ତ ପ୍ରବନ୍ଧ ସମିତିର କାର୍ଯ୍ୟକର୍ତ୍ତା ତଥା ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଓଡ଼ିଶାର ସମସ୍ତ ଶିଶୁ ବିଦ୍ୟା ମନ୍ଦିର ତରଫରୁ ମାନନୀୟ ଗୋବିନ୍ଦ ଭାଇ ଓ ଡଃ ବସନ୍ତ କୁମାର ପଣ୍ଡାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଶୁଭ ମଙ୍ଗଳ କାମନା କରିଛନ୍ତି ।

ସେମାନଙ୍କର କର୍ମମାନ । ନ କଲେ ଋଣୀ ହୋନ୍ତି ଜନ ।।



ଭାରତମାତା ପୂଜନ ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ମନ୍ତ୍ରୀ ମା. ଶ୍ରୀମାନ ରମାକାନ୍ତ ମହାନ୍ତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

March - 2022 RNI - Reg. No : ODIODI/2012/51053



ଭାରତ ସ୍ୱତନ୍ତ୍ରତାର ଅମର ସହିଦ ମହାନ କ୍ରାନ୍ତିକାରୀ- ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ବଳିଦାନ ଦିବସ ଅବସରରେ ଶତ ଶତ ନମନ । (୨୩ ମାର୍ଚ୍ଚ ୧୯୩୧)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10